

ସମାନ ସୁଯୋଗ ସହ ଶିକ୍ଷା ବ୍ୟବସ୍ଥା ପାଇଁ ଆହ୍ୱାନ
ପୃଷ୍ଠା ୪

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 166 ଭାଗ ୩୪ | ସଂଖ୍ୟା ୧୬୬ | Sunday 6 September 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୬ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ଗୁରୁ ଦିବସରେ ଶିକ୍ଷାର୍ଥୀଙ୍କୁ ଗୁରୁମନ୍ତ୍ର ଦେଲେ ମୋହନ

# ସୋସିଆଲ ମିଡିଆ ଛାଡ଼ି ପାଠ ପଢ଼



### ଶିକ୍ଷା କେବଳ ଜ୍ଞାନ ନୁହେଁ, ମଣିଷ ଗଢ଼ିବାର ମହାନ ପ୍ରକ୍ରିୟା

### 'କେଜିରୁ ପିଜି' ନିଃଶୁଳ୍କ ଶିକ୍ଷାରେ ଓଡ଼ିଶା ଦେଶରେ ପ୍ରଥମ

### ଆଗାମୀ ୩ ବର୍ଷରେ ପୂରଣ ହେବ ୪୫ ହଜାର ଶିକ୍ଷକ ପଦବୀ

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ଃ ସୋସିଆଲ ମିଡିଆରେ ଅଧିକ ସମୟ ନଷ୍ଟ ନ କରିବାକୁ, ଅପପ୍ରଚାରର ବଶବର୍ତ୍ତୀ ନ ହୋଇ ଏକମନ ଓ ଏକପ୍ରାଣ ହୋଇ ପାଠ ପଢ଼ିବାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଗୁରୁ ଦିବସ ଅବସରରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଆୟୋଜିତ ଗୁରୁ ଦିବସ ସମାରୋହରେ ଯୋଗଦେଇ ପିଲାମାନଙ୍କ ସହ ବାର୍ତ୍ତାଳାପ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନିଜର କ୍ୟାରିୟର ଗଢ଼ିବା ଉପରେ ଫୋକସ୍ କରିବା ସକାଶେ ପରାମର୍ଶ ଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଛାତ୍ର ଭାବେ ତୁମମାନଙ୍କର ପ୍ରଥମ ଦାୟିତ୍ୱ ହେଉଛି ଭଲ ପାଠ ପଢ଼ି ଦକ୍ଷତା ହାସଲ କରିବ ଏବଂ ନିଜର ଓ ଦେଶର ବିକାଶରେ ଯୋଗଦାନ ରଖିବ। ଏହା ହେଉଛି ଆମ ଶିକ୍ଷା ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ। ତେଣୁ ଅନ୍ୟ କୌଣସି ➪ପୃଷ୍ଠା-୬

### ଥର୍ମାଲ ପାୱାର ପ୍ଲାଣ୍ଟସ୍‌ରେ କୋଇଲା ସଙ୍କଟ

# ମାତ୍ର ୯ ଦିନ ପାଇଁ ଅଛି ଷ୍ଟକ୍



ନୂଆଦିଲ୍ଲୀ,୫।୯ଃ ବିଦ୍ୟୁତ ଚାହିଦା କାଳରେ ମୌସୁମୀ କାରଣରୁ ଉପୁଜିଥିବା ବାଧା ଯୋଗୁଁ ସାରା ଦେଶର ଥର୍ମାଲ ପାୱାର ପ୍ଲାଣ୍ଟ୍‌ରେ କୋଇଲା ଷ୍ଟକ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବାରେ ଲାଗିଛି। କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ତଥ୍ୟ ଅନୁସାରେ, ଗତ ୨ ତାରିଖ ସୁଦ୍ଧା ଦେଶର ୫୦ ପାୱାର ପ୍ଲାଣ୍ଟରେ କୋଇଲା ଷ୍ଟକ୍ ହ୍ରାସ ହୋଇଛି। ୨୨୪ ଗିଗାୱାଟ କ୍ଷମତାର ଏହି ପ୍ଲାଣ୍ଟମାନଙ୍କରେ ୫୮.୭ ମିଲିୟନ ଟନ କ୍ଷମତାରୁ ବୁଧବାର ପର୍ଯ୍ୟନ୍ତ ୨୮.୨ ମିଲିୟନ ଟନ୍ କୋଇଲା ଥିଲା, ଯାହା ମୋଟ ଆବଶ୍ୟକତାର ମାତ୍ର ୪୮ ପ୍ରତିଶତ। ଏଣୁ ଉପଲବ୍ଧ ଷ୍ଟକ୍ ଏବେ ମାତ୍ର ୯ ଦିନର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ବୋଲି କୁହାଯାଇଛି। ନିୟମ ଅନୁସାରେ ଯେଉଁ ପ୍ଲାଣ୍ଟମାନଙ୍କର ➪ପୃଷ୍ଠା-୬

# ୧୫ରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ

### ନବାନ୍ନ ଲାଗି ଧାର୍ଯ୍ୟ ହେଲା ଶୁଭ ଲଗ୍ନ

ସମ୍ବଲପୁର,୫।୯(ସଂଚାର ବ୍ୟୁରୋ)ଃ ନିର୍ଦ୍ଧାରଣ ହେଲା ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇର ଲଗ୍ନ। ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ମଙ୍ଗଳବାର ସକାଳ ୯ଟା ୪୦ରୁ ୯ଟା ୫୪ ମଧ୍ୟରେ ଶୁଭ ଲଗ୍ନ ନିର୍ଦ୍ଧାରଣ ହୋଇଛି। ଏହି ସମୟ ଭିତରେ ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି କରାଯିବ। ପରେ ସାରା ପଶ୍ଚିମ ଓଡ଼ିଶାବାସୀ ନବାନ୍ନ ଭକ୍ଷଣ କରିବେ। ସମ୍ବଲପୁର ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏହି ଲଗ୍ନ ନିର୍ଦ୍ଧାରଣ ହୋଇଛି। ବ୍ରହ୍ମପୁରା ମନ୍ଦିର ପରିସରରେ ପଣ୍ଡିତ ମଣ୍ଡଳୀ ବସି ଲଗ୍ନ ମା' ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଗଣନା କରିଛନ୍ତି।

### ସମ୍ବଲପୁର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ 'ରିସି' ଭବନର ଶିଳାନ୍ୟାସ

# ସମ୍ବଲପୁର ହେବ 'ସ୍କିଲ୍ ଲ୍ୟାବ୍': ଧର୍ମେନ୍ଦ୍ର




ସମ୍ବଲପୁର,୫।୯(ସଂଚାର ବ୍ୟୁରୋ)ଃ ପବିତ୍ର 'ଗୁରୁ ଦିବସ' ଅବସରରେ ସ୍ଥାନୀୟ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପରିସରରେ ରିସି (ରେସିଡେନ୍ସିଆଲ ଇଣ୍ଟର୍ନସିପ ଓ ସ୍କିଲ୍ ହବ୍ ଫର୍ ଇଣ୍ଡଷ୍ଟ୍ରି) ଭବନର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସେ ଯୁବପିଢ଼ିଙ୍କ ପାଇଁ ନୂତନ ଯୁଗୋପଯୋଗୀ ପାଠ୍ୟକ୍ରମ 'ସେଲ୍ଫ-ହେଲଥ କେୟାର ଆଣ୍ଡ୍ ୱେଲନେସ' ଏବଂ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ 'ଏଆଇ ଟୁଲ୍ସ ଫର୍ କୋଲାବରେଟିଭ୍ ଲର୍ଣ୍ଣିଂ'ର ଶୁଭାରମ୍ଭ କରିଛନ୍ତି।

ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଆମ ଶିକ୍ଷା ବ୍ୟବସ୍ଥାରେ 'ଡିଗ୍ରୀ ଓ ନିଯୁକ୍ତି ଯୋଗ୍ୟତା' ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସବୁଠାରୁ ବଡ଼ ଆହ୍ୱାନ। ଇଂରେଜ ଶାସନ ସମୟରୁ 'ଡିଗ୍ରୀ ହିଁ ସବୁକିଛି'- ଏହି ଯେଉଁ ଭ୍ରମାତ୍ମକ ମାନସିକତା ଚାଲିଆସିଛି, ଆମକୁ ଏଥିରୁ ବାହାରିବାକୁ ପଡ଼ିବ। କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବ୍ୟାବହାରିକ ପଢ଼ା ଓ ପ୍ରାକ୍ଟିକାଲ୍ ଦକ୍ଷତା ବଢ଼ାଇଲେ ହିଁ ଯୁବପିଢ଼ି ଯୋଗ୍ୟ ଓ ନିଯୁକ୍ତିକ୍ଷମ ହୋଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମସ୍ତଙ୍କ ପାଇଁ କାର୍ଯ୍ୟଦକ୍ଷତା ଆହ୍ୱାନ ଓ ନୂତନ ➪ପୃଷ୍ଠା-୬

# ମାର୍ଚ୍ଚରେ ବାଜିବ ପଞ୍ଚାୟତ ନିର୍ବାଚନ ବିଗୁଲ୍

### ଜନଗଣନା ପରେ ପ୍ରକାଶ ପାଇବ ବିଜ୍ଞପ୍ତି

### ଏକକାଳୀନ ହେବ ତିନି ମହାନଗର ନିଗମ ନିର୍ବାଚନ

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ଃ ପଞ୍ଚାୟତ ନିର୍ବାଚନକୁ ନେଇ ୩ ରାଜନୈତିକ ଦଳ ଭିତରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଶାସକ ଦଳ ହିସାବରେ ବିଜେପି ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନକୁ ଓହ୍ଲାଇବ। ଏହି ନିର୍ବାଚନ ବିଜେପି ପାଇଁ ସମ୍ମାନ ଓ ମର୍ଯ୍ୟାଦାର ପ୍ରଶ୍ନ। ହେଲେ ନେତା ଓ କର୍ମୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି, କେବେ ନିର୍ବାଚନ ହେବ। ଠିକ୍ ସମୟରେ ହେବ କି ବିଳମ୍ବରେ ହେବ, ଏନେଇ ଦ୍ୱନ୍ଦ୍ୱ ରହିଛି। କିଛି ମାସ ପୂର୍ବରୁ ରାଜ୍ୟ ନିର୍ବାଚନ କମିସନ ସଚିବ କହିଥିଲେ, ଜନଗଣନା ପାଇଁ ବିଳମ୍ବ ହୋଇପାରେ ନିର୍ବାଚନ। ଆଉ ଏସବୁ ଭିତରେ ଏକ ଆଞ୍ଚଳିକ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ନିର୍ବାଚନ କମିସନ ମଧୁସୂଦନ ପାଢ଼ୀ କହିଛନ୍ତି ଯେ ଆସନ୍ତା ମାର୍ଚ୍ଚରେ ପଞ୍ଚାୟତ ନିର୍ବାଚନ ହେବ। ମାର୍ଚ୍ଚ ୫ରେ ସରିବ ଜନଗଣନା ପ୍ରକ୍ରିୟା। ଏହାପରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ➪ପୃଷ୍ଠା-୬

### ମହିଳା ଏସିଆ କପ୍ କ୍ରିକେଟ୍

# ପାକିସ୍ତାନ ବିରୋଧରେ ଭାରତ ବୃହତ୍ ବିଜୟ

ଦୁବାଇ,୫।୯ଃ ଚଳିତ ମହିଳା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ତା'ର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୮.୧ ଓଭର୍‌ରେ ମାତ୍ର ୫୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା, ଯାହାକି ଟି-୨୦ କ୍ରିକେଟ୍‌ରେ ପାକିସ୍ତାନର ସର୍ବନିମ୍ନ ସ୍କୋର୍। ଦଳ ପକ୍ଷରୁ କେବଳ ଦୁଇ ଓପନର ମୁନିବା ଅଲୀ (୧୩) ଓ ଏସ. ଜୁଲଫିକର୍ (୧୪) ଦୁଇ ଅଙ୍କରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ଶ୍ରୀ ➪ପୃଷ୍ଠା-୬

### ଆରମ୍ଭ ହେଲା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ

# ଅସନ୍ତୋଷ ବଢ଼ିବା ଆଗରୁ ଲୋକଙ୍କ ପାଖକୁ ଯାଅ



 କଟକ,୫।୯(ସଂଚାର ବ୍ୟୁରୋ)ଃ ଲୋକଙ୍କ ସହ ରୁହ, ଲୋକଙ୍କ ଆଶା ପୂରଣ କର ନଚେତ ଅସନ୍ତୋଷ ବଢ଼ିବ। ପଞ୍ଚାୟତ ପୌର ସହ ସମବାୟ ନିର୍ବାଚନକୁ ଦିଅ ଗୁରୁତ୍ୱ। ରାଜ୍ୟ ବିଜେପିର ଦୁଇ ଦିନିଆ ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ଏମିତି କିଛି ଗୁରୁମନ୍ତ୍ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ। ଆଜି ଏଠାକାର ଜବାହରଲାଲ

### ସଂଗଠନ ପାଇଁ ତିଆରି ହେଲା ୩ମାସିଆ ରୋଡ୍‌ମ୍ୟାପ

ଇନଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି ବିଜେପିର ଦୁଇଦିନିଆ କାର୍ଯ୍ୟକାରିଣୀ। ଦଳର କାର୍ଯ୍ୟକାରିଣୀ ସଦସ୍ୟ ସାମିଲ ➪ପୃଷ୍ଠା-୬

### ଭାରତର ସଂକଳ୍ପ, ବିଶ୍ୱର ଅଭିଯାନ

# ନଭେମ୍ବର ୨୭ ବାଲ୍ୟବିବାହ ବିରୋଧୀ ଦିବସ

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ଃ ଗ୍ରାମୀଣ ଭାରତରୁ ଆରମ୍ଭ ହୋଇଥିବା ଏକ ଆନ୍ଦୋଳନ ଏବେ ଏକ ବିଶ୍ୱ ଅଭିଯାନରେ ପରିଣତ ହୋଇଛି। ବାଲ୍ୟବିବାହ ବନ୍ଦ କରିବା ପାଇଁ ଭାରତର ସଂକଳ୍ପ ଏବେ ଏକ ବିଶ୍ୱ ଆନ୍ଦୋଳନ ପାଲଟିଛି। ଜାତିସଂଘ ଭାରତର ଅଭିଯାନକୁ ସମର୍ଥନ କରି ନଭେମ୍ବର ୨୭ ତାରିଖକୁ ବାଲ୍ୟବିବାହ ବିରୋଧୀ ଅନ୍ତର୍ଜାତୀୟ ଦିବସ ଭାବରେ ଘୋଷଣା କରିଛି। ଶିଶୁ ଅଧିକାର ସଂଗଠନ 'ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍' ପକ୍ଷରୁ ବାଲ୍ୟବିବାହ ମୁକ୍ତ ଭାରତ ନାମକ ଏକ ଅଭିଯାନ ଆରମ୍ଭ ➪ପୃଷ୍ଠା-୬

### ଯୋଗାଣ ମନ୍ତ୍ରୀଙ୍କ କଥା ଦୋହରାଇଲେ ସମବାୟ ମନ୍ତ୍ରୀ

# ଏଫସିଆଇ ଚାଉଳ ଉଠାଉନି, ଚିନ୍ତାରେ ସରକାର



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ଃ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ଚନ୍ଦ୍ର ପାତ୍ରଙ୍କ ପରେ ଏଫସିଆଇ ସମସ୍ୟା କଥା ଉଠାଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ମନ୍ତ୍ରୀ କହିଛନ୍ତି ଯେ ଏଫସିଆଇ ଚାଉଳ ଉଠାଉ ନ ଥିବାରୁ ସରକାରଙ୍କ ଚିନ୍ତା ବଢ଼ିଛି। କାରଣ ମିଲ୍ ଖାଲି ନ ହେଲେ ଖରିଫ ଧାନ କିଣା ହେବ କେମିତି? ପୂର୍ବରୁ କମ୍ ଚାଷ ହେଉଥିଲା, ଏବେ ଧାନ ଚାଷ ବଢ଼ିଛି। ସରକାର ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଦେଉଥିବାରୁ ଧାନ ଚାଷୀ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଛି। ଏଫସିଆଇ ଧାନ ଉଠାଇବା ନେଇ କେନ୍ଦ୍ର ସହ ପ୍ରତିଦିନ ଆଲୋଚନା ଚାଲିଛି। ଏହି ସମସ୍ୟାର ଖୁବ୍‌ଶୀଘ୍ର ➪ପୃଷ୍ଠା-୬

### କଂଗ୍ରେସର ଜୁମ୍ବୋ ଟିମ୍

# ଦେଉଳକୁ ମୁଖଶାଳା ବଳିଗଲା ଭଳି ଅବସ୍ଥା




### ଟିମ୍ ଆକାରକୁ ନେଇ ସମସ୍ତେ ଚିନ୍ତାରେ

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ଃ ରାଜ୍ୟରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଗଠନ କରିଥିବା ଟିମ୍‌କୁ ନେଇ ଏବେ ଦଳୀୟ ନେତା ଚିନ୍ତାରେ। କେନ୍ଦ୍ରୀୟ ନେତାଙ୍କ ବାରମ୍ବାର ତାଗିଦା ପରେ ଭକ୍ତ ଯେଉଁ ଟିମ୍ ଗଠନ କରିଛନ୍ତି ତାହା ଦେଉଳକୁ ମୁଖଶାଳା ବଳିଯିବା ଭଳି ହୋଇଛି ବୋଲି ଖୋଦ ଦଳୀୟ କର୍ମୀମାନେ କହିବାକୁ ପଛାଉ ନାହାନ୍ତି। ଏହି ଜୁମ୍ବୋ ଟିମ୍ ଦଳକୁ ଆଗକୁ ନେବ ନା ମଝିରେ ନଈରେ ଡଙ୍ଗା ବୁଡ଼ିବା ଭଳି ଅବସ୍ଥା ହେବ, ତାହାକୁ ନେଇ ଦଳ ଭିତରେ ଚର୍ଚ୍ଚା ଜୋରଦାର ଚାଲିଛି।

ଦାୟିତ୍ୱ ନେବାର ୧୮ ମାସ ପରେ ଭକ୍ତ ଗଠନ କରିଥିବା ରାଜନୈତିକ ବ୍ୟାପାର କମିଟିରେ ରହିଛନ୍ତି ୨୯ ଜଣ ସଦସ୍ୟ। ଏମାନେ ସମସ୍ତେ ବରିଷ୍ଠ ଓ ଅନେକ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି। ଏହି ଟିମ୍‌ରେ ରହିଛନ୍ତି ଆହୁରି ୫ ଜଣ ଏକ୍ସଅଫିସିଓ ସଦସ୍ୟ। ଏମାନେ ବି ବରିଷ୍ଠତାରେ କେହି କାହାରିକୁ କମ୍ ନୁହନ୍ତି। ଏଆଇସିସିର କର୍ମକର୍ତ୍ତାଙ୍କୁ ଏଥିରେ ନିଆଯାଇଛି। ପିଏସିରେ ଏଭଳି ଅବସ୍ଥା ଯେ କେହି କାହାରିକୁ ନିର୍ଦ୍ଦେଶ ଦେବା ପାଇଁ ସାହସ କୁଳାଇପାରିବେ ନାହିଁ। ଏହି ଟିମ୍ କେବଳ ସନ୍ତୁଷ୍ଟିକରଣ ପାଇଁ ବୋଲି ଦଳୀୟ କର୍ମୀମାନେ ଖୋଲାଖୋଲି ଭାବେ କହୁଛନ୍ତି। ➪ପୃଷ୍ଠା-୬



## ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକଙ୍କ କେନ୍ଦ୍ରାପଡ଼ା ଗସ୍ତ



କେନ୍ଦ୍ରାପଡ଼ା,୫।୯(ସଂଚାର ବ୍ୟୁରୋ): ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଶ୍ରୀ ଆଶୁତୋଷ ପାଇକରାୟ ଆଜି ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟକ୍ରମ ଓ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ସାମାଜିକ ଗଣମାଧ୍ୟମର ସୁବିନିଯୋଗ ମାଧ୍ୟମରେ ସରକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନହିତକର ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପରିଦର୍ଶନ ସମୟରେ ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ବିଭିନ୍ନ ରେଜିଷ୍ଟର, ଫାଇଲ ଓ ଅନ୍ୟାନ୍ୟ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ପ୍ରଶାସନ ଓ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ଯୋଗସୂତ୍ର ରକ୍ଷା କରି ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସଠିକ୍ ଓ ପ୍ରଭାବଶାଳୀ ପ୍ରଚାର-ପ୍ରସାର ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

## କୁରୁତୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା

# ନାହାନ୍ତି ଡାକ୍ତର, ବଢୁଛି ରୋଗୀଙ୍କ ସମସ୍ୟା

କେନ୍ଦ୍ରାପଡ଼ା, ୫।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସଚେତନତା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାର୍ଯ୍ୟକ୍ରମ ବାବଦରେ ପ୍ରଚାର ଚଳାଉଥିବା ବେଳେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ କୁରୁତୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିର୍ଭର କରି ମହାକାଳପଡା, ବାବର, ବଢ଼ିଅ, ବିଜୟନଗର, ଓରତ, କଣ୍ଡାଅଣ, ଡେରାଲି, ଅନ୍ଧୁଲି, ସାନକରିଆ, ପାତ୍ରଗଡ ପ୍ରଭୃତି ଦୂରଦୂରାନ୍ତ ଅଂଚଳରୁ ଦୈନିକ ରୋଗୀମାନେ ଆସିଥାନ୍ତି। ପ୍ରସୂତି, ଆସନ୍ନପ୍ରସବା ମହିଳା, ଗର୍ଭବତୀ ରୋଗୀଙ୍କ ଠାରୁଆରମ୍ଭ କରି ଜେଣ୍ଡିସ୍, ମ୍ୟାଲେରିଆ ଜ୍ୱର ପିଡ଼ିତ ରୋଗୀମାନେ ଚିକିତ୍ସା ପାଇଁ ଆସୁଥିବା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଏମ୍‌ବିବିଏସ୍ ଡାକ୍ତର ନଥିବାରୁ ରୋଗୀମାନେ ବାଧ୍ୟ ହୋଇ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି। ସରକାର ମାଗଣାରେ ରୋଗୀ ମାନଙ୍କ ପାଇଁ ସମସ୍ତ ପ୍ରକାର ଔଷଧ ଚିକିତ୍ସା କେନ୍ଦ୍ରରେ ଉପଲବ୍ଧ କରାଉଥିବା ବେଳେ ଏଠାରେ ନିୟୁକ୍ତ ଫାର୍ମାସିଷ୍ଟ ବାହାରୁ ଔଷଧ କିଣିଆଣିବା ପାଇଁ ରୋଗୀ ମାନଙ୍କୁ ପରାମର୍ଶ ଦେଉଥିବା ଅଭିଯୋଗ ହୋଇଛି। ସାଧାରଣ ରୋଗୀମାନେ ପଇସା ଅଭାବରୁ ଔଷଧ କିଣି ନପାରି ଖାଲି ଚିଠା ଧରି ଫେରୁଥିବା ଦେଖିବାକୁ ମିଳୁଛି।

ସାଂସଦଙ୍କ ପାଣ୍ଠିରୁ ବସା ଯାଇଥିବା ଥଣ୍ଡା ଓ ଗରମ ପାଣି ବାହାରୁଥିବା ମେସିନ ଦୀର୍ଘଦିନ ହେବ ଅଚଳ ହୋଇ ପଡିଥିବାରୁ ରୋଗୀମାନଙ୍କୁ ସେବା ମିଳି ପାରୁନାହିଁ। ସେହିଭଳି ନୂତନ ଗୃହ ନିର୍ମାଣ ଅଧାପନ୍ତରିଆ ଭାବେ ଦୀର୍ଘଦିନ ହେଲା ପଡିରହିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଖଟିଆ ଗୁଡିକ ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ମରାମତି କରାଯାଇ ପାରୁନାହିଁ କିମ୍ବା ନୂତନ ଖଟିଆ ଯୋଗାଇ ଦିଆଯାଉ ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଷ୍ଟାଫ କ୍ୱାଟର ଗୁଡିକରୁ ଛାତରୁ ପାଣି ଗଳୁଥିବା ବେଳେ ଝରକା କବାଟ ସବୁ ଅଧା ଭଙ୍ଗା ଅବସ୍ଥାରେ ଓ ଗଛଲତା ମାଡି ବ୍ୟବହାର ଅନୁପଯୋଗୀ ହୋଇପଡିଥିବାରୁ ମେଡିକାଲ ଅଫିସର ଓ କର୍ମଚାରୀମାନେ କେହି ରହୁନାହାନ୍ତି।

ତେବେ ସ୍ଥାନୀୟ ବିଧାୟକ ଡ଼ ଦୁର୍ଗାପ୍ରସନ୍ନ ନାୟକଙ୍କୁ ଏବାବଦରେ ଅନେକ ଥର ଅଭିଯୋଗ କରାଯାଇ ଥିଲେ ମଧ୍ୟ ଏହାକୁ ଏପର୍ଯ୍ୟନ୍ତ ଗୁରୁତ୍ୱ ସହ ନେଇ ନଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇପାରେ ଲାଗିଛି।



## ସକଳ ପ୍ରତିଭାର ଅଧିକାରୀ ଗୋଲେଖ ସାର୍



ଆଳି,୫।୯(ସଂଚାର ବ୍ୟୁରୋ): ପିଲାଦିନରୁ ହରାଇଛନ୍ତି ଦୃଷ୍ଟିଶକ୍ତି ସତ, ହାରି ଯାଇନାହାନ୍ତି ଜୀବନଚର୍ଯ୍ୟାରୁ ।ଦୁନିଆକୁ ନିଜ ଆଖିରେ ନଦେଖିଲେ ମଧ୍ୟ ଅନ୍ୟ ମାନଙ୍କ ଜୀବନରେ ଆଲୋକ ଦେଖାଇ ଚାଲିଛନ୍ତି । ଦୈନଦିନ କାର୍ଯ୍ୟପଛାରୁ, ପୂର୍ବପଲ୍ଲୀର ଆଳି ସାହୁପଡ଼ା ଗାଁ ରେ ଜନ୍ମ ଗ୍ରହଣ କରିଥିବା ଗୋଲେଖ ଚରଣ ମହାନ୍ତି ଦୃଷ୍ଟି ବାଧକ ହୋଇ ମଧ୍ୟ ସାହୁପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟରତ। ପାଠ ପଢାଇ କୋମଳମତି ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷପରି ଗଢି ତୋଳିବାର ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଜନ୍ମରୁ ଆଖି ନାହିଁ କିନ୍ତୁ ଶହ ଶହ ପିଲାଙ୍କ ଆଖିରେ ଜଳାଉଛନ୍ତି ଜ୍ଞାନର ଦ୍ୱୀପ। ଗଣିତ କଳାପଟାରେ ଲେଖିବା ସମ୍ଭବ ହେଉନଥିବାରୁ ବିଦ୍ୟାଳୟରେ ସାହିତ୍ୟ ଭୂଗୋଳ ବିଜ୍ଞାନ ଇଂରାଜୀ ପଢାଇବାର ବେଶ ନିପୁଣତା। ଉତ୍ତମ ଚରିତ୍ର ଗଠନ ସାଙ୍ଗକୁ ସଂସ୍କାରି ହେବାର ପ୍ରେରଣା ପିଲାମାନଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ନିଶାରେ ପେସାରେ ଶିକ୍ଷାଦାନ ହୋଇଥିଲେ ହିଁ କ୍ରୀଡା ହେଉ କି ସଂଗୀତ ଆଉ ବାଦ୍ୟ ଯନ୍ତ୍ର ପରିଚାଳନରେ ସିଦ୍ଧହସ୍ତ। ଏପରି ଜଣେ ଶିକ୍ଷକଙ୍କୁ ଆଜି ପବିତ୍ର ଗୁରୁଦିବସରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସମ୍ମିଳିତ ପୂଜାର୍ଚ୍ଚନା ପୂର୍ବକ ଉପହାର ପ୍ରଦାନ କରିବାର ମୁହୂର୍ତ୍ତ ଥିଲା ସ୍ୱତନ୍ତ୍ର।

## ଆଇଆଇସିଙ୍କୁ ଭେଟିଲା ବଣିକ ସଂଘ



ପଟ୍ଟାମୁଣ୍ଡାଇ, ୫।୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ମାନସ ରଞ୍ଜନ ମଲ୍ଲିକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଛି ପଟ୍ଟାମୁଣ୍ଡାଇ ବଣିକ ସଂଘ । ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ ( ନମି ) ଉପଦେଷ୍ଟା କିରଣ କୁମାର ଭୂୟାଁ ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା ସହ ସମ୍ପାଦକ ସରୋଜ ପାଢ଼ୀ କୋଷା ଧକ୍ଷ ପର୍ଶୁରାମ ଷଣ୍ଢ ସଞ୍ଜୟ ବର୍ମା ଓ ବାବୁଲି ସାହୁ ପ୍ରମୁଖ ଭେଟି ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବଣିକ ସଂଘ ଅନୁରୋଧରେ ଆଇଆଇସି ପୂର୍ବପରି ଦୋକାନ ବଜାର ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିବା ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ସହର ମଧ୍ୟରେ କିଛି ଦୋକାନୀ ରାସ୍ତା ଅବରୋଧ କରି ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ନେଇ ଆଇଆଇସି ବଣିକ ସଂଘର ଦୃଷ୍ଟି ଆକର୍ଷଣ କରିବା ସହିତ ସଂଘ ମାଧ୍ୟମରେ ସମାଧାନ କରାନଗଲେ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପ୍ରକାଶ କରିଥିଲେ । ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ଆଇଆଇସିଙ୍କ ସହଯୋଗ ପାଇଁ ବଣିକ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ଆଳି ଓ ରାଜକନିକା ବ୍ଲକକୁ ବନ୍ୟା ପ୍ରଭାବିତ ଅଞ୍ଚଳ ଘୋଷଣା କରିବାକୁ ଦାବି



କେନ୍ଦ୍ରାପଡ଼ା, ୫।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ଗତ ଏକ ମାସରୁ ଉର୍ଦ୍ଧ୍ୱ ହେବ ବ୍ରାହ୍ମଣୀ, କାଣୀ ଓ ଖରସ୍ରୋତା ନଦୀର ବନ୍ୟା ଏବଂ ଲଗାଣ ଭାରି ବର୍ଷା ହେତୁ ସମଗ୍ର ଆଳି ବ୍ଲକ ଏବଂ ରାଜକନିକା ବ୍ଲକ ର ଶହ ଶହ ହେକ୍ଟର ଚାଷ ଜମି, ରାସ୍ତା ଘାଟ ଦୀର୍ଘ ଦୁଇ ମାସ ହେବ ଜଳ ମଗ୍ନ ହୋଇ ପଡିଛି। ଆଳି ଏବଂ ରାଜକନିକା ବ୍ଲକ ଦୁଇଟିକୁ ଘେରି ରହିଥିବା ତିନୋଟି ନଦୀର ବନ୍ୟା ଜଳ କମୁ ନ ଥିବାରୁ ଆଳି ଭେଡାରେ ଜମି ରହିଥିବା ବର୍ଷା ଜଳ ନିଷ୍କାସିତ ହୋଇପାରୁନାହିଁ ।

ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଜଣାଯାଏ ଯେ ଆଳି ବ୍ଲକର ଧୋୟା ଅଞ୍ଚଳର ଅଧିବାସୀ ମାନଙ୍କର ଅବସ୍ଥା ଯାହା ଆଳି ରିଙ୍ଗ ବନ୍ଧ ମଧ୍ୟରେ ଅବସ୍ଥିତ ପଂଚାୟତବାସୀଙ୍କ ଅବସ୍ଥା ମଧ୍ୟ ସେଇଆ । ରାଜକନିକା ବ୍ଲକର ଅବସ୍ଥା ମଧ୍ୟ ଭୟଙ୍କର । ଦୁଇଟି ଯାକ ବ୍ଲକରେ ଲକ୍ଷାଧିକ ଅଧିବାସୀ ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବନ୍ୟା ଏବଂ ଲଗାଣ ବର୍ଷା ହେତୁ ସମ୍ପୂର୍ଣ୍ଣ ଫସଲ ଧୋଇ ଯାଇଥିବା ବେଳେ ଗୋଖାଦ୍ୟ ର ଉତ୍କଟ ଅଭାବ ଦେଖାଦେଇଛି । ହଜାର ହଜାର ଚାଷୀ ଏବଂ ଭାଗ ଚାଷୀ ଫସଲ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଥିବାରୁ, ହତାଶ ହୋଇ ପଡିଛନ୍ତି।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆସନ୍ତା ଏକ ମାସ ମଧ୍ୟରେ ପାଗରେ କୌଣସି ବିଶେଷ ପରିବର୍ତ୍ତନ ହେଲା ଭଳି ଲାଗୁ ନାହିଁ। ଯଦି ଏହିପରି ଭାବରେ ବର୍ଷା ଓ ବନ୍ୟା ଲାଗି ରହେ ତେବେ ଆହୁରି ଦୁର୍ଦ୍ଦଶା ବଢ଼ିଯିବ। ଏହି ପରିପ୍ରେକ୍ଷୀରେ ସମଗ୍ର ଆଳି ଓ କନିକାର ସମସ୍ତ ତେଷଠୀ ପଞ୍ଚାୟତକୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଘୋଷଣା କରିବାକୁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଦାମୋଦର ରାଉଳ ଏବଂ ଦଶ ପଂଚାୟତ ବିକାଶ ପରିଷଦ ସଭାପତି ବ୍ରଜ ସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଲିଖିତ ଦାବିପତ୍ର ଉପସ୍ଥାପିତ କରିଛନ୍ତି ।

## ଜିଲ୍ଲାସ୍ତରୀୟ ସମନ୍ୱୀତ ଶିଶୁ ବିକାଶ ଯୋଜନାର ସମୀକ୍ଷା ବୈଠକ



କେନ୍ଦ୍ରାପଡା,୫।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମନ୍ୱିତ ଶିଶୁ ବିକାଶ ସେବା ଆଇ.ସି.ଡି.ଏସ୍ ଯୋଜନା ଗୁଡ଼ିକର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତୀ ସୁଷମା ମହାନ୍ତି ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ସିଡ଼ିପିଓ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ କର୍ମଚାରୀ ଯୋଗଦେଇଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଓ ଭିତ୍ତିଭୂମିର ଅଗ୍ରଗତି, ପୋଷଣ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ, ମହିଳା ସଶକ୍ତିକରଣ,ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନ ଏବଂ ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ସମନ୍ୱିତ ଶିଶୁ ବିକାଶ ସେବା ଆଇ.ସି.ଡି.ଏସ୍ ଯୋଜନା ଅଧୀନରେ ଚାଲୁଥିବା ବିଭିନ୍ନ ଯୋଜନାର ସୁଚାରୁ କାର୍ଯ୍ୟାନ୍ୱୟନ, ଲକ୍ଷ୍ୟ ପୂରଣ ଏବଂ ହିତାଧିକାରୀମାନଙ୍କୁ ଯୋଜନାର ସୁଫଳ ଠିକ୍ ସମୟରେ ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଜ ନିଜ ଦାୟିତ୍ୱକୁ ଗୁରୁତ୍ୱର ସହିତ ନିର୍ବାହ କରି ଯୋଜନାଗୁଡ଼ିକର ଗୁଣାତ୍ମକ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ହଳଧର ସେଠୀ ପିସିସି ସାଧାରଣ ସମ୍ପାଦକ



କେନ୍ଦ୍ରାପଡ଼ା,୫।୯ (ସଂଚାର ବ୍ୟୁରୋ): ଦୀର୍ଘଦିନର ରାଜନୈତିକ ଅଭିଜ୍ଞତା ହାସଲ କରିଥିବା କେନ୍ଦ୍ରାପଡାର ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ ଭକ୍ତଚରଣ ଦାସଙ୍କର ନୂତନ କାର୍ଯ୍ୟକର୍ତ୍ତା କମିଟିରେ ସାଧାରଣ ସମ୍ପାଦକ ଭାବେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତି ପାଇଛନ୍ତି । ଛାତ୍ର ଜୀବନରୁ କଂଗ୍ରେସ ପ୍ରତି ନିଜର ସାଂଗଠାନିକ ଦୁର୍ବଳତା ଏବଂ ନିଜ ପରିବାରର କଂଗ୍ରେସ ଦଳ ପ୍ରତି ଆତ୍ମୀୟତା ପ୍ରକାଶ କରିଆସିଥିବା ଶ୍ରୀ ସେଠୀ ଭୁବନେଶ୍ୱରସ୍ଥିତ ବକ୍ସିଜଗବନ୍ଧୁ ମହାବିଦ୍ୟାଳୟରୁ ପ୍ରଥମେ ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରୁ ସ୍ନାତକୋର ଏବଂ ଉତ୍କଳ ୟୁନିଭରସିଟି ଆଇନ ମହାବିଦ୍ୟାଳୟରୁ ଏଲଏଲବି ପାସ କରି ମଧ୍ୟ କଂଗ୍ରେସ ଦଳ ପ୍ରତି ଛାତ୍ର ଜୀବନରୁ ରହିଥିବା ତାଙ୍କର ଅଦମ୍ୟ ସମର୍ଥନ ପାଇଁ ଶେଷରେ କଂଗ୍ରେସ ରାଜନୀତିକୁ ସେ ନିଜର ସମାଜ ସେବାର ମାଧ୍ୟମ ଭାବେ ଗ୍ରହଣ କରିନେଇଛନ୍ତି ।

ଛାତ୍ର କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରଥମେ ସେ ବିଜେବି ମହାବିଦ୍ୟାଳୟର ଛାତ୍ର ସଂସଦ ସମ୍ପାଦକରୁ ନିଜର କ୍ୟାରିୟର ଆରମ୍ଭ କରି ପରବର୍ତ୍ତି ଅବସ୍ଥାରେ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ, ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆବାହାକ, ଉପାଧ୍ୟକ୍ଷ ଏବଂ ପ୍ରଦେଶ ମତ୍ସ୍ୟଜୀବି କଂଗ୍ରେସ ଅଧ୍ୟକ୍ଷ, କେନ୍ଦ୍ରାପଡାରୁ ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ଓ ଅଖିଳ ଭାରତ ମତ୍ସ୍ୟଜୀବି କଂଗ୍ରେସର ସମ୍ପାଦକ ଭାବେ ନିଯୁକ୍ତି ପାଇଥିଲେ । ଦୀର୍ଘଦିନର ଏହି ରାଜନୈତିକ ଅଭିଜ୍ଞତା ଏବଂ କଂଗ୍ରେସ ପ୍ରତି ରହିଥିବା ତାଙ୍କର ଅନାବିଳ ସାଂଗଠାନିକ କାର୍ଯ୍ୟ, ନିର୍ବାଚନ ପରିଚାଳନା ଓ ନିଜର ସରଳ ତଥା ଭାତୃତ୍ୱପୂର୍ଣ୍ଣ କାର୍ଯ୍ୟନିପୁଣତା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସ ଶ୍ରୀ ସେଠୀଙ୍କୁ ତାଙ୍କ କମିଟିରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଁ କରିଥିବା ସୁପାରିଶକୁ ଅଖିଳ ଭାରତ କଂଗ୍ରେସ କମିଟି ଶେଷରେ ମୋହର ମାରିଛନ୍ତି।

ଶ୍ରୀ ସେଠୀଙ୍କ ଏହି ନିଯୁକ୍ତି ପାଇଁ କେନ୍ଦ୍ରାପଡା କଂଗ୍ରେସରେ ନିଶ୍ଚିତ ଭାବେ ପ୍ରଭାବ ପଡିବ ଏବଂ କଂଗ୍ରେସ ଦଳ ସାଂଗଠାନିକ ଦୃଷ୍ଟିରୁ ବେଶ୍ ଆଗକୁ ବଢ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି ନିଯୁକ୍ତି ନେଇ ଶ୍ରୀ ସେଠୀ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜ୍ଜୁନ ଖାଡଗେ ଓ ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସୌମ୍ୟରଞ୍ଜନଙ୍କୁ ଡାକ୍ତରୀ ପାଠ ପଢିବାକୁ ଆର୍ଥିକ ସହାୟତା



କେନ୍ଦ୍ରାପଡ଼ା, ୫।୯ (ସଂଚାର ବ୍ୟୁରୋ):ଆର୍ଥିକ ଭାବେ ସ୍ୱଚ୍ଛଳ ନଥିବା ଜଣେ ମେଧାବୀ ଛାତ୍ରଙ୍କୁ ଡାକ୍ତରୀ ପାଠ ପଢିବାକୁ ଅର୍ଥ ସହାୟତା ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ବିଜୟନଗର ଗ୍ରାମ ପଞ୍ଚାୟତ ସାହାବାଜପୁର ଗ୍ରାମର କୈଳାସ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁ ନିଟ ପରୀକ୍ଷାରେ ସଫଳ ହେବା ପରେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତରୀ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କୁ ଆସନ୍ତା ୬ତାରିଖ ମଧ୍ୟରେ ନାମ ଲେଖାଇବାକୁ ପଡିବ । କିନ୍ତୁ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ନାମ ଲେଖାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା । ଏସମ୍ପର୍କରେ ସମ୍ବାଦପତ୍ରରୁ ଜାଣିବା ପରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ପୁରୁଷୋମପୁର ଗ୍ରାମର ସ୍ୱର୍ଗତ ଦୁଃଶାସନ ମହାରଣାଙ୍କ ପୁଅ ଅନନ୍ତ ଚରଣ ମହାରଣା ତାଙ୍କ ନାତୁଣୀ ଦେବାଂଶିକା ମହାରଣା(ଲିଲି)ଙ୍କ ଜନ୍ମଦିନରେ ସୌମ୍ୟରଞ୍ଜନଙ୍କୁ ୧୦ହଜାର ଟଙ୍କାର ଏକ ଚେକ ପ୍ରଦାନ କରିବା ସହ ତାଙ୍କର ଉତରତ୍ତ୍ୱର ସଫଳତା କାମନା କରିଛନ୍ତି । ସୌମ୍ୟରଞ୍ଜନ ଏବେ +୩ ପଦାର୍ଥ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ର ଭାବେ ଅଧ୍ୟୟନରତ ଅଛନ୍ତି ।

## ଗୁରୁଦିବସରେ ବରିଷ୍ଠ ଶିକ୍ଷକମାନଙ୍କୁ ମାରୁତି ୟୁଥ୍ ଚାରିଟେବୁଲ୍ ଟ୍ରଷ୍ଟର ସମ୍ବର୍ଦ୍ଧନା

ମହାକାଳପଡ଼ା,୫।୯(ସଂଚାର ବ୍ୟୁରୋ) : ଗୁରୁ-ଶିଷ୍ୟ ପରମ୍ପରାର ମହାନ ପର୍ବ 'ଗୁରୁଦିବସ' ଅବସରରେ ମହାକାଳପଡ଼ା ବ୍ଲକ ବଡ଼କୁଳ ଅଞ୍ଚଳର ମାରୁତି ୟୁଥ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏକ ନିଆରା ଓ ପ୍ରଶଂସନୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟ୍ରଷ୍ଟର ସଦସ୍ୟମାନେ ଅଞ୍ଚଳର ବରିଷ୍ଠ ତଥା ପୂଜ୍ୟ ଶିକ୍ଷକମାନଙ୍କ ଘରେ ପହଞ୍ଚି ସେମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାଦାନ ମାଧ୍ୟମରେ ସମାଜ ଗଠନରେ ଏହି ଶିକ୍ଷକମାନଙ୍କ ଅବଦାନକୁ ସ୍ମରଣ କରି ଟ୍ରଷ୍ଟ ପକ୍ଷରୁ ଏଭଳି ସମ୍ମାନ ପ୍ରଦାନ କରାଯାଇଥିବା କୁହାଯାଇଛି।



ଗୁରୁଙ୍କ ପ୍ରତି ସମ୍ମାନ, କୃତଜ୍ଞତା ଓ ପୁରାତନ ଗୁରୁ-ଶିଷ୍ୟ ପରମ୍ପରାକୁ ଜୀବନ୍ତ ରଖିବାରେ ଏହି ପ୍ରୟାସ ଏକ ସୁନ୍ଦର ଉଦାହରଣ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ଆଲୋକ ସ୍ୱାଇଁ, ସଭାପତି ଗୋପବନ୍ଧୁ ରାଉତ ଓ ସମ୍ପାଦକ ସୁଧୀର ସ୍ୱାଇଁଙ୍କ ସମେତ ସଦସ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀକୃଷ୍ଣ ଜନ୍ମୋତ୍ସବ ଓ ନନ୍ଦୋତ୍ସବର କାର୍ଯ୍ୟକ୍ରମ ଉଦ୍‌ଯାପିତ



ସତ୍ୟବାଦୀ,୫।୯ (ସଂଚାର ବ୍ୟୁରୋ): ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଆୟୋଜିତ ଦୁଇଦିନିଆ ଶ୍ରୀକୃଷ୍ଣ ଜନ୍ମୋତ୍ସବ ଓ ନନ୍ଦୋତ୍ସବର ଶନିବାର ଉଦ୍‌ଯାପନୀ ସନ୍ଧ୍ୟା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ତଥା ଶ୍ରୀ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ଶ୍ରୀ ସନ୍ତୋଷ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା ଓ ମନ୍ଦିର ପରିଚାଳନା କମିଟି ସଦସ୍ୟ ବାଳକୃଷ୍ଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ ଦେବାଶିଷ ନାୟକ ଓ ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା ଶ୍ରୀକୃଷ୍ଣଙ୍କ ଲହୁଣୀଚୋରି ଉପାଖ୍ୟାନର ଅବତାରଣା କରି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଅନାବିଳ ପ୍ରେମ ଓ ଭକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀଜୀଉଙ୍କ ସେବାକାର୍ଯ୍ୟକୁ ଅଧିକ ସୁସଂଗଠିତ କରିବା ସହ ମନ୍ଦିରର ସାମଗ୍ରିକ ବିକାଶ ପାଇଁ ସେବାୟତ ସଂଘର ଆନ୍ତରିକ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

## ଆଇଆଇସିଙ୍କ ଛତ୍ରଛାୟାରେ ଚାଲିଛି ନାରୀଙ୍କୁ ଅସଦାଚରଣ




ବାଲିଆପାଳ,୫।୯ (ସଂଚାର ବ୍ୟୁରୋ): ବାଲିଆପାଳ ଥାନା ଅଞ୍ଚଳରେ ଏବେ ଲୁଟ, ଚୁରୀ, ଡକାୟାତ ଓ ନିଶା କରବାର ବେଫିକର ହେଇ ଚାଲିଛି। ବାଲିଆପାଳ ପୋଲିସ ଚିରନିଦ୍ରାରେ। ସୂଚନା ଥାଉକି ବାଲିଆପାଳ ଥାନା ଅଞ୍ଚଳରେ ମର୍ଡର, ବନ୍ଧୁକ ଦେଖାଇ ଓ ଭୁଜାଲିରେ ଆକ୍ରମଣ କରି ଫେରିବାଲାଙ୍କୁ ଲୁଟ୍, କାଳିପଦାରେ ଜଣଙ୍କ ଘରୁ ତିନି ଲକ୍ଷ୍ ଟଙ୍କାର ସୁନା ଓ ନଗଦ ପଚାଶ ହଜାର ଟଙ୍କା ଚୋରି। ତେବେ ବାଲିଆପାଳ ଥାନାରେ ଲିଖିତଅ ଭିଯୋଗ ପରେ ବି କାର୍ଯ୍ୟ ଅନୁଷ୍ଠାନ ନାହିଁ।

ଶୁକ୍ରବାର ସନ୍ଧ୍ୟା ସମୟରେ ବାଲିଆପାଳର ସାମ୍ବାଦିକା କାଳୀପଦାରୁ ବାଲିଆପାଳ ଆସୁଥିବା ବେଳେ ତିନି ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ଫଲୋ କରୁଥିବା ଜାଣି ନିଜେ ସାମ୍ବାଦିକା ନିଜକୁ ଅସୁରକ୍ଷିତ ଅନୁଭବ କରି ମଧୁପୁରା ଛକରେ ଥିବା ଲୋକଙ୍କୁ ଜଣାଇଥିଲେ। ତେବେ ଲୋକ ଜଣକୁ କାବୁ କରି ବାଲିଆପାଳ ପୁଲିସକୁ ଜଣାଇଥିଲେ। ବାଲିଆପାଳ ପୁଲିସ ଘଟଣାସ୍ଥଳେ ପହଞ୍ଚି ଥାନାକୁ ଆଣିଥିଲ। ତେବେ ପୁଲିସ କୌଣସି ତଦନ୍ତ ନକରି ଅଭିଯୁକ୍ତଙ୍କୁ ଛାଡି ଦେଇଥିଲେ। ଜଣେ ସାମ୍ବାଦିକାଙ୍କୁ ରାସ୍ତାରେ ଯଦି ଏଭଳି ହେଇ ପାରୁଛି ତାହେଲ ସାଧାରଣ ଲୋକ କେତେ ସୁରକ୍ଷିତ ?

ଆଇଆଇସି ସାର ବାଲିଆପାଳ ଆଇନ ସୁରକ୍ଷା ବିଷୟରେ ନଭାବି ଦୋକାନ ଶୁଭାରମ୍ଭ, ରକ୍ତଦାନ, ସଭା ଓ ବାଲିମାଫିଆଙ୍କଠୁ ବଟି ଆଦାୟରେ ବ୍ୟସ୍ତ ରହିବେ ତାହେଲେ ବାଲିଆପାଳ ଜନସାଧାରଣ କେତେ ସୁରକ୍ଷିତ। ସୂଚନା ଥାଉକି ଏଏସଆଇ ବେହେରା ବାଲିଆପାଳ ବ୍ଲକ ଅଧକ୍ଷ୍ୟଙ୍କୁ ଦୁର୍ବ୍ୟବହାର କରିଥିବା କଥା ଗଣମାଧ୍ୟମରେ ପ୍ରକାଶ କରିଥିବା ବେଳେ ଆଇଆଇସି କଣ ପଦେକ୍ଷପ ନେଇଛନ୍ତି ତାହା ଜଣା ପଡୁ ନାହିଁ।

## ଖଡ଼ିଅଣ୍ଟା ହାଇସ୍କୁଲରେ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୫।୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡ଼ିଅଣ୍ଟା ସରକାରୀ ହାଇସ୍କୁଲ ରେ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଶିଷ କୁମାର ଦାସଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଶିକ୍ଷାବିତ ସର୍ବେଶ୍ୱର ଜେନା ଓ ବିଦ୍ୟାଧର ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପବିତ୍ର ଗୁରୁ ଦିବସ ଅବସରରେ ପିଲାମାନେ ଗୁରୁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏଇ ଅବସରରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧ମ ସ୍ଥାନ ଅଧିକାର କରିଥିବା ଅଙ୍କିତା ମଳିକଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସୁଧାଂଶୁବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ଉତ୍ସବକୁ ସହକାରୀ ଶିକ୍ଷକ ରିତେଶ ଜେନା, ସସ୍ମିତା ସାହୁ ମାନୁପ୍ରିୟା ପ୍ରଧାନ, ଗୀତାଞ୍ଜଳି ଭୂୟାଁ ତପସ୍ୱିନୀ ବେହେରା ପରିଚାଳନା କରିଥିଲେ ।

## ଡକାୟତି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ



ନବରଙ୍ଗପୁର/ଝରିଗାଁ,୫।୯ (ସଂଚାର ବ୍ୟୁରୋ): ଝରିଗାଁ ଥାନା ବଣୁଆଗୁଡ଼ା ଗାଉଁଟିଆଗୁଡ଼ାରେ ଅବସରପ୍ରାପ୍ତ ଶିକ୍ଷକ ଲଚମନ ଠାକୁରଙ୍କ ଘରେ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ ପୁଲିସକୁ ମିଳିଛି ବଡ଼ ସଫଳତା। ଗତ ଜୁଲାଇ ୧୦ ତାରିଖ ବିଳମ୍ବିତ ରାତିରେ ୫ରୁ ୬ ଜଣ ସଶସ୍ତ୍ର ଡକାୟତ ଘରେ ପଶି ଅଲମାରି ଭାଙ୍ଗି ପ୍ରାୟ ୩ ଲକ୍ଷ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିଲେ। ଘଟଣା ପରେ ଝରିଗାଁ ଆଇଆଇସିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ତଦନ୍ତ ପରେ ପୁଲିସ ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧ ଲକ୍ଷ ୫୫ ହଜାର ଟଙ୍କା, ଗୋଟିଏ ମୋଟରସାଇକେଲ୍, ୩ଟି ମୋବାଇଲ୍ ଫୋନ୍ ଓ ଡକାୟତିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହାସହ ୨୦୨୪ ନଭେମ୍ବରରେ ହାତୀବାଡ଼ି ଗାଁରେ ଘଟିଥିବା ଅନ୍ୟ ଏକ ଡକାୟତି ମାମଲାରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି। ଉମରକୋଟ ଏସ୍‌ଡ଼ିପିଓ ଶୁଭେନ୍ଦୁ ଶବର ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ତେବେ ଏହି ଗ୍ୟାଙ୍ଗରେ ଆଉ ୩ରୁ ୪ ଜଣ ସଦସ୍ୟ ଥିବା ସୂଚନା ମିଳିଥିବା ବେଳେ, ସେମାନଙ୍କୁ ଧରିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।

# ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି ସୋମ୍ୟରଞ୍ଜନ



ଯାଜପୁର ରୋଡ୍,୫।୯ (ସଂଚାର ବ୍ୟୁରୋ): ସବୁଜ ସୁନ୍ଦର ଐତିହ୍ୟ ଓ ସଂସ୍କୃତି ଭରା ଯାଜପୁର ଜିଲ୍ଲା ଏକ ବିକଶିତ ଜିଲ୍ଲା ଭାବେ ସାରା ରାଜ୍ୟରେ ପରିଚିତ । ସାରା ରାଜ୍ୟରେ ସବୁ ବେଳେ ଚର୍ଚ୍ଚାରେ ରହି ଆସିଛି ଏହି ଜିଲ୍ଲା। ଏହାରି ଭିତରେ ରାଜନୀତି, ସମାଜସେବା, ସ୍ୱେଚ୍ଛାସେବୀ ସଂଗଠନ କ୍ଷେତ୍ରରେ ହେଉକି ଗରିବଗୁରୁବାଙ୍କ ସୁଖ ଦୁଃଖର ସାଥି ହେଉ କି ଯୁବପିଢ଼ିଙ୍କ ପ୍ରେରଣାର ଉତ୍ସ ହେଉ ଏସବୁ କ୍ଷେତ୍ରରେ ଦେବଦୂତ ହୋଇ ଲୋକଙ୍କ ପାଖରେ ସୁଖ, ଦୁଃଖରେ ହେଉ ସବୁ ସମୟରେ ଲୋକଙ୍କ ପାଖରେ ପହଁଚି ସାହାଯ୍ୟର ହାତ ବଢ଼ାଇଥାନ୍ତି ଯାଜପୁର ମାଳଆନନ୍ଦପୁର ପଂଚାୟତର ଯୁବନେତା ତଥା ଯୁବସମାଜ ସେବୀ ସୋମ୍ୟରଞ୍ଜନ ଧଳ।

୨୦୧୪ରୁ ରାଜନୀତି କ୍ଷେତ୍ରରେ ପ୍ରବେଶ କରିଥିବା ସୋମ୍ୟ ରଞ୍ଜନ ଉଭୟ ପୂର୍ବରୁ ବିଜେପି ଓ ବର୍ତ୍ତମାନ ବିଜେଡି ଦଳରେ ସୁଚାରୁ ରୁପରେ ନିଜକାର୍ଯ୍ୟ ସମ୍ପାଦନା କରୁଥିବାରୁ ଏବେବି ତାଙ୍କୁ ବିଜେଡିର ରାଜ୍ୟ ଉପସଭାପତି ଭାବେ ବିବେଚିତ କରାଯାଇଅଛି। ସେ ମଧ୍ୟ ମମତା ଚାରିଟେବଲ ନାମରେ ଏକ ଟ୍ରଷ୍ଟକରି ଗରିବ ଅସହାୟ ଓ ନିଷ୍ପେସିତ ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଚଳିତବର୍ଷ ବୈତରଣୀରେ ସୃଷ୍ଟି ହୋଇଥିବା ବନ୍ୟାର ବିଭିଷିକାରେ ଅସହାୟ ଲୋକମାନଙ୍କ ପାଖରେ ପହଂଚି ସହାୟତା ହାତ ବଢ଼ାଇଥିବା ଦେଖିବାକୁ ମିଳିଥିଲା। ଏଥିସହିତ ଯେକୌଣସି ପରିସ୍ଥିତିରେ ଯେକୌଣସି ଲୋକଙ୍କ ଅସୁବିଧା, ଆର୍ଥିକ ପରିସ୍ଥିତି, ଗରିବଙ୍କ ବିଭାଘର, ବ୍ରତଘରରେ ସାହାଯ୍ୟ କରିବା, ଲୋକଙ୍କ ସମସ୍ୟାକୁ ଦୂରୀଭୂତ କରିବା, ଲୋକଙ୍କ ଅନ୍ତେଷ୍ଟି କ୍ରିୟାରେ ସହଯୋଗ କରିବା, ରକ୍ତଦାନ କରିବା ସହିତ ଏବେ ନୂତନ ଭାବେ ଗଢିଉଠିଥିବା ଯେନଜୀଙ୍କ ସହିତ ରହି ସମାଜସେବା କ୍ଷେତ୍ରରେ ସବୁବେଳେ ଲୋକଙ୍କ ସାଥିରେ ରହୁଥିବା ସୋମ୍ୟରଞ୍ଜନ ଏବେ ସମସ୍ତଙ୍କର ଅତିପ୍ରିୟ ହୋଇଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ଆଗକୁ ମଧ୍ୟ ସଦାସର୍ବଦା ଯାଜପୁର ଏବଂ କୋରେଇରେ ଏଭଳି ନିରନ୍ତର ସମାଜ ସେବା ଲୋକଙ୍କ ପାଇଁ ଜାରି ରହିବା ସହିତ, ମୋ ଜୀବନ ପଛେ ନର୍କେ ପଡିଥାଉ ଏ ଜଗତ ଉଦ୍ଧାର ହେଉ, ଏଭଳି ମନ୍ତବ୍ୟ ସଦାବେଳେ ଲୋକମାନଙ୍କୁ ଦେଇଥିବା ଦେଖିବାକୁ ମିଳୁଛି।

### ଉଚ୍ଚଶିକ୍ଷା ବିଭାଗ, ସିଏସଆର ବକ୍ସ, ନନ୍ଦୀ ଫାଉଣ୍ଡେସନ ଓ ଓକେସିଏଲ ମଧ୍ୟରେ ଏମଓୟୁ

# ଏଆଇ ଓ ଡିଜିଟାଲ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ହେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ଆଜି ଉଚ୍ଚଶିକ୍ଷା ବିଭାଗ ଓ ସିଏସଆର ବକ୍ସ, ନନ୍ଦୀ ଫାଉଣ୍ଡେସନ ଏବଂ ଓକେସିଏଲ ଅନୁଷ୍ଠାନ ମଧ୍ୟରେ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିସହ ନାଏକମ୍ ସହଭାଗିତାରେ 'ଏଆଇ କୋର୍ସ ଫର୍ ଅଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓଡ଼ିଶାର ୪୦ ଜଣ ଅଧ୍ୟାପକଙ୍କୁ ଇଡିଆଇଆଇ, ଅହମଦାବାଦ ଅନୁଷ୍ଠାନ ଏକ୍ସପୋଜର ଭିଜିଟ୍ ପାଇଁ ପଠାଇବା, ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କର କାର୍ଯ୍ୟ ଦକ୍ଷତା ପାଇଁ 'ଆକାଡେମିକ୍ ପରଫରମାନ୍ସ ଆସେସମେଣ୍ଟ ପୋର୍ଟାଲ' ଓ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ପରୀକ୍ଷାର ପ୍ରଶ୍ନପତ୍ରର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ 'ପ୍ରଶ୍ନବ୍ୟାଙ୍କ ପୋର୍ଟାଲ'ର ଶୁଭାରମ୍ଭ ହୋଇଛି।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ ଉଚ୍ଚଶିକ୍ଷା ବିଭାଗ ଓ ଆଇବିଏମ୍-ସିଏସଆର ବକ୍ସ ମଧ୍ୟରେ ହୋଇଥିବା ବୁଝାମଣାପତ୍ର ସ୍ୱାକ୍ଷର ମାଧ୍ୟମରେ ରାଜ୍ୟର ୧ ଲକ୍ଷ ୨୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କରାଯିବ। କଳା, ବିଜ୍ଞାନ ଓ ବାଣିଜ୍ୟ ଷ୍ଟ୍ରିମ

**ଉଚ୍ଚ ଶିକ୍ଷାରେ ସୁଦୃଢ଼ ହେବ ଷ୍ଟାର୍ଟଅପ୍ ଓ ଏଣ୍ଟ୍ରିପ୍ରିନ୍ୟୁରସିପ୍ ଇକୋସିଷ୍ଟମ୍**

ଛାତ୍ରଛାତ୍ରୀଙ୍କୁ ଏହା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ। କୃତ୍ରିମ ବୁଦ୍ଧିମତା (ଏଆଇ), ଡିଜିଟାଲ ସାକ୍ଷରତା, ଏଣ୍ଟ୍ରପ୍ରେନର ଡିଜାଇନ ଥିଙ୍କିଙ୍ଗ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଆଦି ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନ କୋର୍ସ, ବିଭିନ୍ନ କର୍ମଶାଳା ଓ ପ୍ରୋଜେକ୍ଟ ଲର୍ଣ୍ଣିଂ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ



କରାଯିବ। ବିଶେଷ ଭାବେ ଓଡ଼ିଶାର ଉପାନ୍ତ ଓ ଆକାଂକ୍ଷୀ ଜିଲ୍ଲାର ୧୦୭ଟି ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରୀମାନଙ୍କୁ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯିବ। ଏଥିସହ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ। ଉଚ୍ଚଶିକ୍ଷା ବିଭାଗ ଓ ନନ୍ଦୀ ଫାଉଣ୍ଡେସନ ମଧ୍ୟରେ ହୋଇଥିବା ବୁଝାମଣାପତ୍ର ସ୍ୱାକ୍ଷର ମାଧ୍ୟମରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନରତ ଶେଷ ବର୍ଷର ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ଅଧୀନରେ ଛାତ୍ରୀମାନଙ୍କୁ ଅଫ୍‌ଲାଇନ ମୋଡ୍‌ରେ ବିତ୍ତୀୟ ସାକ୍ଷରତା, କ୍ରିଟିକାଲ ଥିଙ୍କିଙ୍ଗ, ପବ୍ଲିକ ସ୍ପିକିଙ୍ଗ, କମ୍ୟୁନିକେସନ ସ୍କିଲ ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ଯାହାକି ନିଯୁକ୍ତି କ୍ଷେତ୍ରରେ ଛାତ୍ରୀଙ୍କ ପାଇଁ ସହାୟକ ହେବ। ସେହିପରି ଓକେସିଏଲ ସହ ହୋଇଥିବା ବୁଝାମଣାପତ୍ର ସ୍ୱାକ୍ଷର ମାଧ୍ୟମରେ ଡିଜିଟାଲ ମୋଡ୍‌ରେ ଛାତ୍ରଛାତ୍ରୀମାନଙ୍କୁ ୩୦ ଘଣ୍ଟାର କମ୍ୟୁନିକେସନ ସ୍କିଲ ପ୍ରୋଗ୍ରାମ, ୧୦ ଘଣ୍ଟାର ଏଆଇ ଆଧାରିତ କୋର୍ସ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ୫ ଘଣ୍ଟାର ଏଆଇ ଓରିଏଣ୍ଟେସନ କୋର୍ସ ପ୍ରଦାନ କରାଯିବ।

ଆହୁରି ନାଏକମ୍ ସହଭାଗିତାରେ ଆଜି 'ଏଆଇ କୋର୍ସ ଫର ଅଲ୍' କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହା ମାଧ୍ୟମରେ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଓ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକାଙ୍କର ଏଆଇ କ୍ଷେତ୍ରରେ ଦକ୍ଷତା ବିକାଶ କରାଯିବ। ଅନ୍‌ଲାଇନ ମାଧ୍ୟମରେ ଏଆଇ କୋର୍ସ ପ୍ରଦାନ କରାଯିବା ଦ୍ୱାରା ୧ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଲକ୍ଷ୍ୟ ରଖାଯାଇଛି।



### ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନରେ ଜନ୍ମାଷ୍ଟମୀରେ ମୁଖ୍ୟମନ୍ତ୍ରୀ

## ସଦ୍‌ଭାବ ଓ ଭାଇଚାରାକୁ ସୁଦୃଢ଼ କରିବାକୁ ଆହ୍ୱାନ

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ପବିତ୍ର ଜନ୍ମାଷ୍ଟମୀ ଅବସରରେ ଗତକାଲି ରାତିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସରକାରୀ ବାସଭବନରେ ଜନ୍ମାଷ୍ଟମୀ ପୂଜା ଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ସହଧର୍ମିଣୀ ଯୋଗଦେଇ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥିସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ ଓ ଶ୍ରୀମଦ୍ ଭଗବଦ୍ ଗୀତାର ମହାନ ବାର୍ତ୍ତା ଆମକୁ ସତ୍ୟ, ଧର୍ମ, କର୍ତ୍ତବ୍ୟ ଓ ନିଷ୍ଠାର ପଥରେ ଆଗେଇବାକୁ ପ୍ରେରଣା ଦେଇଥାଏ। ଜନ୍ମାଷ୍ଟମୀର ଏହି ପବିତ୍ର ଦିନରେ ଆମେ ସମସ୍ତେ ନିଜ କର୍ତ୍ତବ୍ୟ ପ୍ରତି ସମର୍ପିତ ହୋଇ ସମାଜରେ ଶାନ୍ତି, ସଦ୍‌ଭାବ ଓ ଭାଇଚାରାକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ନେବା। ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦରେ ଓଡ଼ିଶା ଆହୁରି ସମୃଦ୍ଧ, ଶକ୍ତିଶାଳୀ ଓ ବିକଶିତ ହେଉ- ଏହା ମୋର ପ୍ରାର୍ଥନା। ଜନ୍ମାଷ୍ଟମୀ ପୂଜା ଉତ୍ସବ ଅବସରରେ ରାଜ୍ୟବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରାଯାଇଥିଲା। ପ୍ରଭୁ ଶ୍ରୀକୃଷ୍ଣଙ୍କ ଦିବ୍ୟ ଜୀବନ ଓ ଗୀତାର ମହାନ ଉପଦେଶ ସମସ୍ତଙ୍କୁ ମାନବିକତା, ସେବା, ନ୍ୟାୟ ଓ କର୍ତ୍ତବ୍ୟ ନିଷ୍ଠାର ପଥରେ ଆଗେଇ ନେଉ ବୋଲି ଉପସ୍ଥିତ ସମସ୍ତେ ପ୍ରାର୍ଥନା କରିଥିଲେ। ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶରେ ଅନୁଷ୍ଠିତ ଏହି ଜନ୍ମାଷ୍ଟମୀ ପୂଜା ଉତ୍ସବ ପରସ୍ପର ମଧ୍ୟରେ ଶୁଭେଚ୍ଛା ବିନିମୟ ସହ ସମ୍ପନ୍ନ ହୋଇଥିଲା।

## ଗୁରୁ ଦିବସ ଓ ନନ୍ଦ ଉତ୍ସବ ପାଳିତ



ଖୋର୍ଦ୍ଧା,୫।୯(ସଂଚାର ବ୍ୟୁରୋ): ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗ୍ମା ପବ୍ଲିକ ସ୍କୁଲରେ ଗୁରୁ ଦିବସ ସହ ନନ୍ଦ ଉତ୍ସବ ପାଳିତ ହୋଇଛି। ଅନୁଷ୍ଠାନର ଏକାଡେମୀ ଡିନ ବନଦୁର୍ଗା ଶାହାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଓ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପବିତ୍ର ନନ୍ଦ ଉତ୍ସବ ଅବସରରେ ଶତାଧିକ ଶିଶୁ ରାଧା କୃଷ୍ଣ ବେଶରେ ସଜ୍ଜିତ ହୋଇ ହାତରେ ବଂଶୀ, ଲହୁଣୀ ହାଣ୍ଡି ଧରି ମଞ୍ଚରେ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ ସମସ୍ତ କୁନି କୁନି ବାଲ କୃଷ୍ଣମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଲହୁଣୀ ଖୁଆଇଥିଲେ। ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇଥିବା ଶିଶୁମାନେ ବିଭିନ୍ନ ନୃତ୍ୟ ସଙ୍ଗୀତ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟିତ୍ରୀ ସାବିତ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରୋଟାରୀ କ୍ଲବ ଖାରବେଳ କଳିଙ୍ଗନଗରର ପଦକ୍ଷେପ

## ଘାଟିକିଆ ହାଇସ୍କୁଲ୍‌ରେ ୨୨ ଶିକ୍ଷକଶିକ୍ଷୟିତ୍ରୀ ସମ୍ମାନିତ



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ପବିତ୍ର ଗୁରୁ ଦିବସ ଅବସରରେ ରୋଟାରୀ କ୍ଲବ ଖାରବେଳ କଳିଙ୍ଗ ନଗର ପକ୍ଷରୁ ଘାଟିକିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଦିବସ ଶ୍ରଦ୍ଧା, ସମ୍ମାନର ସହ ପାଳିତ ହୋଇଛି। ଜ୍ଞାନର ଆଲୋକ ବିକିରଣ କରି ସମାଜ ଓ ରାଷ୍ଟ୍ର ଗଠନରେ ଅମୂଲ୍ୟ ଅବଦାନ ରଖୁଥିବା ଗୁରୁଜନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ହିଁ ଏହି ଆୟୋଜନର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମର ସମସ୍ତ ବ୍ୟବସ୍ଥା ରୋଟାରୀ କ୍ଲବ ଖାରବେଳ କଳିଙ୍ଗ ନଗରର ସଚିବ ରୋଟାରିଆନ୍ କେକେ ରାଓଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। କ୍ଲବ୍‌ର ଚାର୍ଟର ପ୍ରେସିଡେଣ୍ଟ ଡା. କେସି ସ୍ୱାଇଁ ସ୍ୱାଗତ ଅଭିଭାଷଣରେ ସମାଜ ଗଠନରେ ଶିକ୍ଷକମାନଙ୍କ ଅପରିସୀମ ଭୂମିକା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ତାଙ୍କ ମତରେ ଜଣେ ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ, ସେ ଛାତ୍ରଛାତ୍ରୀଙ୍କ ଜୀବନକୁ ସଠିକ୍ ଦିଗଦର୍ଶନ ଦେଇ ଉତ୍ତମ ନାଗରିକ ଗଢ଼ି ତୋଳିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ୨୨ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ରୋଟାରୀ କ୍ଲବ ଖାରବେଳ କଳିଙ୍ଗ ନଗର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରୀ କ୍ଲବ୍ ସଚିବ ରୋଟାରିଆନ୍ କେକେ ରାଓ ତାଙ୍କ ଅଭିଭାଷଣରେ ଆଗାମୀ ଦିନରେ ଓଡ଼ିଶା ନଲେଜ୍ ସେଣ୍ଟରର ସହଯୋଗରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ପାଇଁ କ୍ୟାରିୟର ଗଠନ ଓ କୃତ୍ରିମ ବୁଦ୍ଧିମତ୍ତା (ଇଓ) ପ୍ରଶିକ୍ଷଣର ସୁଯୋଗ ସୃଷ୍ଟି କରାଯିବ ବୋଲି କହିଥିଲେ। ସେହିପରି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବବିତା ସାହୁ ଏବଂ ଶିକ୍ଷୟିତ୍ରୀ କଲ୍ୟାଣୀ ଆଚାର୍ଯ୍ୟ ରୋଟାରୀ କ୍ଲବ ପକ୍ଷରୁ ପ୍ରଦତ୍ତ ଏହି ସମ୍ମାନ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇବା ସହ ଏହି ମହତ୍ ଉଦ୍ୟମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ଶେଷରେ ପାଷ୍ଟ ପ୍ରେସିଡେଣ୍ଟ ରୋଟାରିଆନ୍ ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରୋଟାରିଆନ୍ ଦେବ ପ୍ରସାଦ ଦାସ ଓ ରୋଟାରିଆନ୍ ମଧୁସୂଦନ ସାମଲ ଉପସ୍ଥିତ ଥିଲେ।

### ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଯୁବ ସଚେତନତା କାର୍ଯ୍ୟକ୍ରମ

## ୨୬ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଯୋଗଦାନ



ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ): ଶିକ୍ଷକ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏକ ବୃହତ ଉଦ୍ୟାନ କୃଷି ସଚେତନତା ଓ ପ୍ରସାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବପିଢ଼ିଙ୍କୁ ବ୍ୟାବହାରିକ ବୈଷୟିକ ଜ୍ଞାନକୌଶଳ ଓ ଆତ୍ମନିଯୁକ୍ତି କ୍ଷେତ୍ରରେ ସକ୍ଷମ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭିଯାନରେ ୨୨୦ରୁ ଅଧିକ ମହାବିଦ୍ୟାଳୟର ୨୬,୯୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଓ ସହକାରୀ କୃଷି ଯନ୍ତ୍ରୀ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ବିବିଧ କୃଷି-ଜଳବାୟୁ ପରିସ୍ଥିତିକୁ ବିନିଯୋଗ କରି ଉଦ୍ୟାନ କୃଷି ମାଧ୍ୟମରେ ଚାଷୀଙ୍କ ରୋଜଗାର ବୃଦ୍ଧି, କୃଷି ବିବିଧକରଣ ଓ ଗ୍ରାମୀଣ ନିଯୁକ୍ତି ସୃଷ୍ଟି କରିବାର ବିପୁଳ ସମ୍ଭାବନା ରହିଛି ବୋଲି ଅଧିକାରୀମାନେ କହିଥିଲେ।

## ୩.୧୫ ଲକ୍ଷ ଟଙ୍କା ନେଇ ଭିଜିଲାନ୍ସ ଜାଲରେ ଏଏଇଇ

 କେନ୍ଦ୍ରାପଡ଼ା, ୫।୯ (ସଂଚାର ବ୍ୟୁରୋ): କଣ୍ଟ୍ରାକ୍ଟରଙ୍କ ବକେୟା ବିଲ୍ ପାସ୍ କରାଇବା ନାମରେ ଟଙ୍କା ସଂଗ୍ରହ ହେଉଥିବା ଅଭିଯୋଗର ତଦନ୍ତ ବେଳେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଏଇଇ) ଅନୁପମା ସାହୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କ ନିକଟରୁ ୩ ଲକ୍ଷ ୧୫ ହଜାର ଟଙ୍କା ନଗଦ ମିଳିବା ପରେ ଭିଜିଲାନ୍ସ ଏହାକୁ ଜବତ କରିଛି। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କଣ୍ଟ୍ରାକ୍ଟରଙ୍କ ବକେୟା ବିଲ୍ ମଞ୍ଜୁର କରିବା ପାଇଁ ଟଙ୍କା ଆଦାୟ ହେଉଥିବା ନେଇ ଗୋପନୀୟ ସୂଚନା ମିଳିଥିଲା। ଏହାପରେ ଭିଜିଲାନ୍ସ ଟିମ୍ ଏଏଇଙ୍କ ଗତିବିଧି ଉପରେ ନଜର ରଖିଥିଲା। ଶନିବାର କାର୍ଯ୍ୟାଳୟରୁ ଅଫିସ୍ ଗାଡ଼ିରେ ନୟନ ବିହାରସ୍ଥିତ ତାଙ୍କ ବାସଭବନକୁ ଯାଉଥିବା ସମୟରେ ମାର୍ଶାଘାଇ ଛକ ନିକଟରେ ଭିଜିଲାନ୍ସ ଟିମ୍ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ୩ ଲକ୍ଷ ୧୫ ହଜାର ଟଙ୍କା ନଗଦ ମିଳିଥିଲା। ତେବେ ଏତେ ପରିମାଣର ନଗଦ ଟଙ୍କା କେଉଁଠାରୁ ଆସିଲା ଓ ଏହାର ଉଦ୍ଦେଶ୍ୟ କ'ଣ, ସେ ସମ୍ପର୍କରେ ଏଏଇଙ୍କ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିବା ଭିଜିଲାନ୍ସ



ପକ୍ଷରୁ କୁହାଯାଇଛି। ଫଳରେ ନଗଦ ଟଙ୍କା ସହ ଅଫିସ୍ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି। ଘଟଣା ପରେ ଆୟବହିର୍ଭୂତ ସମ୍ପତ୍ତି ସମ୍ପର୍କିତ ତଦନ୍ତ ଦିଗରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଆରମ୍ଭ ହୋଇଛି। ଏଏଇଙ୍କ କାର୍ଯ୍ୟାଳୟ, ନୟନ ବିହାରସ୍ଥିତ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଏକାଧିକ ଟିମ୍ ପକ୍ଷରୁ ତଲାସୀ ଚାଲିଛି। ତଲାସୀ ସମୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ସମ୍ପତ୍ତି ସମ୍ପର୍କିତ ତଥ୍ୟ କିମ୍ବା ଅନ୍ୟ କୌଣସି ଆର୍ଥିକ କାରବାରର ସୁରାଗ ମିଳୁଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ଏଥିସହ ଜବତ ଟଙ୍କାର ପ୍ରକୃତ ଉତ୍ସ ଓ ଏହା କେଉଁ କାରଣରେ ରଖାଯାଇଥିଲା, ସେନେଇ ଅଧିକ ପଚରାଉଚରା ଜାରି ରହିଛି।

### ଜାତୀୟ ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ ୨୦୨୬'

## ପୁରସ୍କୃତ ହେଲେ ଶ୍ରେଷ୍ଠ ସିନେମା ଓ କଳାକାର

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆଜି ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ ୨୦୨୬' ଆୟୋଜିତ ହୋଇଛି। ସିନେମା ମାଧ୍ୟମରେ ଦିବ୍ୟାଙ୍ଗଙ୍କ ପ୍ରତିଭା, ଇଚ୍ଛାଶକ୍ତି ଓ ଅସାଧାରଣ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଏହି ଉତ୍ସବରେ ଚଳଚ୍ଚିତ୍ର ନିର୍ମାତା, ଅଧିକାରୀ, କଳାକାର ଓ ସାମାଜିକ କାର୍ଯ୍ୟକର୍ତ୍ତାମାନେ ଏକାଠି ହୋଇଥିଲେ। ପୂର୍ବ ବର୍ଷଗୁଡ଼ିକରେ କେବଳ ଦିବ୍ୟାଙ୍ଗତା ବିଷୟରେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ଏଥର 'ସାମର୍ଥ୍ୟ ୨୦୨୬'ରେ ଦିବ୍ୟାଙ୍ଗଜନଙ୍କ ସଫଳତା, ଆତ୍ମବିଶ୍ୱାସ ଓ ସମାଜ ପ୍ରତି ସେମାନଙ୍କର ସକାରାତ୍ମକ ଯୋଗଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇ ଆଗକୁ ବଢ଼ିବାର



କାହାଣୀଗୁଡ଼ିକୁ ପ୍ରଦର୍ଶିତ କରି ସମାଜର ପୁରୁଣା ମାନସିକତାକୁ ବଦଳାଇବା ଓ ଦିବ୍ୟାଙ୍ଗତା ପଛରେ ଥିବା ପ୍ରକୃତ ସାମର୍ଥ୍ୟକୁ ଚିହ୍ନିବା ପାଇଁ ଏହି ମହୋତ୍ସବ ପ୍ରୟାସ କରିଛି। ମହୋତ୍ସବ ପାଇଁ ସାରା ଦେଶରୁ ଅଭୂତପୂର୍ବ ପ୍ରତିକ୍ରିୟା ମିଳିଥିଲା ଓ ମୋଟ ୬୨ଟି ସିନେମା ଆସିଥିଲା, ଯେଉଁଥିରେ ୨୦ଟି ଜାତୀୟ ସ୍ତରର ଓ ୪୨ଟି ଆଞ୍ଚଳିକ ଭାଷାର ଚଳଚ୍ଚିତ୍ର ଅନ୍ତର୍ଭୁକ୍ତ ଥିଲା। 'ଆରଆର ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ' ଦ୍ୱାରା ଦୁଇଟି ପର୍ଯ୍ୟାୟର ଯାଞ୍ଚ ପରେ ୩୮ଟି ଚଳଚ୍ଚିତ୍ର ଚୂଡ଼ାନ୍ତ ପ୍ରଦର୍ଶନ ପାଇଁ ନିର୍ବାଚିତ ହୋଇଥିଲା। ବାର୍ତ୍ତାକୁ ସମ୍ପୃକ୍ତ ଓ ପ୍ରଭାବଶାଳୀ ରଖିବା ପାଇଁ ପ୍ରତ୍ୟେକ ଚଳଚ୍ଚିତ୍ରର ସମୟ ସୀମା ସର୍ବାଧିକ ୫ ମିନିଟ୍ ରଖାଯାଇଥିଲା। ଏଥିସହ ଦୃଷ୍ଟିହୀନ ଓ ବଧିର ଦର୍ଶକଙ୍କ ସୁବିଧା ପାଇଁ ସିନେମାଗୁଡ଼ିକରେ 'ଅଡିଓ ଡିସ୍କ୍ରିପସନ୍' ଓ 'ସାଙ୍କେତିକ ଭାଷା'ର ବ୍ୟବସ୍ଥା କରାଯାଇଥିଲା। ଜାତୀୟ ବିଭାଗରେ ଟ୍ୟୁନ ଅଫ ଲାଇଫ ଓ ମେଡାଲ ଯୌଥ ଭାବେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଏଥିସହ ଟ୍ୟୁନ ଅଫ ଲାଇଫ ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା (ସାହୁ ଜୟସିଂହରାଓ ସାବେକର) ଓ ଶ୍ରେଷ୍ଠ ପ୍ରପ୍ ବ୍ୟବହାର ପୁରସ୍କାର ହାସଲ କରିଥିଲା।

### ବିଭିନ୍ନ ରାସ୍ତା ପ୍ରକଳ୍ପର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

## ରଘୁନାଥପୁର-ତ୍ରିଶୂଳିଆ ଓ ଷ୍ଟୁଡିଓ ଛକ-ନୂଆଗାଁରେ ଏଲିଭେଟେଡ୍ ରାସ୍ତା

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ରାସ୍ତା, ସେତୁ ଓ କୋଠାବାଡ଼ି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅନୁମୋଦନ ପାଇଛି। ଆଗାମୀ ଦିନରେ ଆହୁରି ଅଧିକ ପ୍ରକଳ୍ପ ଅନୁମୋଦନ ଅପେକ୍ଷାରେ

**କଳ୍ପନା ଛକ ଫ୍ଲାଏଓଭର ଅଗ୍ରଗତି ନେଇ ଆଲୋଚନା**

ରହିଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ଅର୍ଥନୈତିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ



ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ରଘୁନାଥପୁର-ତ୍ରିଶୂଳିଆ ଏଲିଭେଟେଡ୍ କରିଡର ରାସ୍ତା ନିର୍ମାଣ ସହ ଷ୍ଟୁଡିଓ ଛକ-ନୂଆଗାଁକୁ ମଧ୍ୟ ଏଲିଭେଟେଡ୍ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଏଥିସହ ପିପିଲି-କୋଣାର୍କ ରାସ୍ତା ନିର୍ମାଣ, ଦୟା ୱେଷ୍ଟର ପ୍ରଥମ ଓ ତୃତୀୟ ଫେଜ୍ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ଭୁବନେଶ୍ୱର ଇନର୍ ରିଂ ରୋଡ୍ ସହ ଆଉଟର ରିଂ ରୋଡ୍‌ର ନୂଆ ଆଲାଇନ୍‌ମେଣ୍ଟ, କଳ୍ପନା ଛକ ଫ୍ଲାଏଓଭର ନିର୍ମାଣ ଓ ପୁରୀକୁ ଯାତାୟତ ସୁବିଧା ନେଇ ନୂଆ ଏଲିଭେଟେଡ୍ ରାସ୍ତା ନିର୍ମାଣ ପ୍ରକ୍ରିୟାର ଅଗ୍ରଗତି ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏହିସବୁ ରାସ୍ତା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଥିବା ପ୍ରତିବନ୍ଧକକୁ ଦୂର କରିବା, ଜମି ଅଧିଗ୍ରହଣ ଓ ଡିପିଆର୍ ପ୍ରସ୍ତୁତି ନେଇ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ।

### ଭିଡ଼ ଭିତରେ ବସ୍ ଯାତ୍ରୀଙ୍କୁ ଟାର୍ଗେଟ୍

## ପୁଲିସ୍ ହାତରେ ବଞ୍ଜାରା ଗ୍ୟାଙ୍ଗ୍

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ପାର୍ବଣ ପୂର୍ବରୁ ରାଜଧାନୀରେ ମାତିଲେ ମହିଳା ବଞ୍ଜାରା ଗ୍ୟାଙ୍ଗ। ଭିଡ଼ ଭିତରେ କରୁଛନ୍ତି ଲୁଟପାଟ୍। ଟାର୍ଗେଟରେ ଆମ ବସ୍ ଯାତ୍ରୀ। ମୋବାଇଲ ଓ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଯାଉଛନ୍ତି। ଏଭଳି ଏକ ୫ଜଣିଆ ମହିଳା ଲୁଟେରା ବଞ୍ଜାରା ଗ୍ୟାଙ୍ଗକୁ ଗିରଫ କରିଛି ପୁଲିସ। ଏହି ଗ୍ୟାଙ୍ଗ ସହ ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୁଲିସ। ସେମାନଙ୍କ ନିକଟରୁ ୧୦ଟି ଚୋରା ମୋବାଇଲ୍ ସହ ୨ଟି ଦାମୀ ବ୍ୟାଗ ଜବତ ହୋଇଛି। ତେବେ ଲୁଟ୍ ମୋବାଇଲ୍ ବିକ୍ରି ଉଦ୍ୟମ ବେଳେ ଜୟଦେବ ବିହାରରେ ମାଡ଼ିବସିଥିଲା ପୁଲିସ। ସମସ୍ତ ଅଭିଯୁକ୍ତଙ୍କ ଘର ମହାରାଷ୍ଟ୍ରରେ ହୋଇଥିବା ସୂଚନା। ଲୁଟ୍ ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏ ବର୍ଷ ପାର୍ବଣ ପୂର୍ବରୁ ଟ୍ୱିନ୍ ସିଟିକୁ ବଞ୍ଜାରା ଲୁଟେରାମୁକ୍ତ କରିବା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ସ୍ପେଶାଲ୍ ଡ୍ରାଇଭ ଆରମ୍ଭ ହୋଇଛି। ଗତ ୬ ମାସ ମଧ୍ୟରେ ଟ୍ୱିନ ସିଟିରେ ୮୦ରୁ ଅଧିକ ମହିଳା ବଞ୍ଜାରାଙ୍କୁ ଗିରଫ କରାଯାଇଛି। କେବଳ ଭୁବନେଶ୍ୱରରେ ୬୦ରୁ ଅଧିକ ବଞ୍ଜାରା ଗିରଫ ହୋଇଛନ୍ତି।

## ବିଜେପି ଶାସନରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି: ବିଜେଡି

ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ପବିତ୍ର ଗୁରୁ ଦିବସରେ ଗୁରୁମାନଙ୍କୁ ରାଜରାସ୍ତାରେ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିଥିବା ବେଳେ ରାଜ୍ୟ ସରକାରଙ୍କ ବିଚିତ୍ର ନୀତି ଯୋଗୁଁ ରାଜ୍ୟର ଶିକ୍ଷା ବ୍ୟବସ୍ଥା



ଭୁଶୁଡ଼ିବା ସ୍ଥିତିରେ ଅଛି। ରାଜ୍ୟ ସରକାରଙ୍କ ନୀତି ଯୋଗୁଁ ରାଜ୍ୟର ଅନେକ ଏଡେଡ୍ କଲେଜ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି ଓ ସେହି କାରଣରୁ ଚଳିତ ବର୍ଷ ଏହି କଲେଜଗୁଡ଼ିକରେ ଗଣେଶ ପୂଜା ଅନୁଷ୍ଠିତ ହୋଇ ନ ପାରିବା ନେଇ ଆଶଙ୍କା ଦେଖାଦେଇଛି ବୋଲି ବିଜେଡି ମତ ଦେଇଛି। ଦଳ ପକ୍ଷରୁ ଜାରି ପ୍ରେସ ବିବୃତିରେ ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଗତ ଅଢ଼େଇ ବର୍ଷରେ ରାଜ୍ୟର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଥିବା ବେଳେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ରସାତଳକୁ ଯାଇଛି। ପବିତ୍ର ଗୁରୁ ଦିବସରେ ରାଜଧାନୀର ଲୋୟର ପିଏମଜିରେ ହଜାର ହଜାର ବ୍ଲକ ଗ୍ରାଣ୍ଟ ଶିକ୍ଷକ ବିଭିନ୍ନ ଦାବି ନେଇ ଆନ୍ଦୋଳନ କଲେନ୍ତି। ବିରୋଧୀ ଦଳରେ ଥିବା ବେଳେ ବିଜେପି ନେତାମାନେ କ୍ଷମତାକୁ ଆସିଲେ ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ସମସ୍ତ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରାୟ ଅଢ଼େଇ ବର୍ଷ ବିତିଯାଇଥିଲେ ସୁଦ୍ଧା ବିଜେପି ଦାବି ପୂରଣ କରିନାହିଁ। ତେଣୁ ବିଜେପି ମିଛ ପ୍ରତିଶ୍ରୁତି ଦେବାରେ ସିଦ୍ଧହସ୍ତ ବୋଲି ପ୍ରମାଣିତ ହୋଇଛି। କେଜିରୁ ପିଜି ପର୍ଯ୍ୟନ୍ତ ସରକାରଙ୍କ ମାଗଣା ଶିକ୍ଷା ଯୋଜନା କାରଣରୁ ଏହି ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି।

## ପଞ୍ଚାୟତିରାଜ ମନ୍ତ୍ରୀ ମା'ଙ୍କ ବିୟୋଗରେ ବିଜେପିର ଶୋକ



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ରବି ନାରାୟଣ ନାଏକଙ୍କ ମା' ଶୁଭ ନାଏକଙ୍କର ପରଲୋକ ଘଟିଛି। ସ୍ୱର୍ଗତାଃ ନାଏକ ଜଣେ ଅତ୍ୟନ୍ତ ସ୍ନେହୀ, ମେଳାପୀ, ଧର୍ମପରାୟଣା ଓ ଦରଦୀ ମହିଳା ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଓ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତାଃ ନାଏକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ରାଜ୍ୟର ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଗଙ୍ଗୁଆ ପୁନରୁଦ୍ଧାର, ଖର୍ଚ୍ଚ ହେବ ୪ ହଜାର କୋଟି

ଭୁବନେଶ୍ୱର,୫।୯: ଗଙ୍ଗୁଆ ନାଳର ପୁନରୁଦ୍ଧାର ପାଇଁ ସରକାର ପ୍ରାୟ ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଏଥିରେ ଜଳସମ୍ପଦ ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଜଙ୍ଗଲ ବିଭାଗ ଓ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ସାମିଲ ହେବେ। ରାଜଧାନୀ ମଧ୍ୟ ଦେଇ ବହିଯାଇଥିବା ଗଙ୍ଗୁଆ ନାଳ ଏବେ ଏକ ପ୍ରକାର ନର୍ଦ୍ଦମା ପାଲଟିଛି। ସହରରେ କେବଳ ମଶାବଂଶ ବୃଦ୍ଧି ନୁହେଁ, ବିଭିନ୍ନ ପ୍ରକାର ରୋଗର ବି ଏହା କାରଣ ପାଲଟିଛି। ସହରର ବିଭିନ୍ନ ସ୍ଥାନରୁ ବାହାରୁଥିବା ବର୍ଜ୍ୟଜଳ, ଆବର୍ଜନା ଆଦି ଏଥିରେ ପଡ଼ି ରାଜଧାନୀର ପରିବେଶକୁ ଅତ୍ୟନ୍ତ ପୂତିଗନ୍ଧମୟ କରିଦେଉଛି।

ଉଲ୍ଲେଖନୀୟ ଯେ ଗଙ୍ଗୁଆ ନାଳର



ଉତ୍ପତ୍ତି ରାଜଧାନୀ ଇଞ୍ଜିନିୟରିଂ କଲେଜ ନିକଟସ୍ଥ ବୁଢ଼ୀ ନାଳରୁ ହୋଇଛି। ଏଠାରୁ ପ୍ରାୟ ୧୮ କିମି ଯାଇ ଏହା ମଞ୍ଚେଶ୍ୱରର ଚକେଇସିଆଣି ଦେଇ ପଳାଶୁଣି ଓ ଟଙ୍କପାଣି ରୋଡ୍ ନିକଟରେ ୧୬ ନମ୍ବର ଜାତୀୟ ରାଜପଥକୁ ଅତିକ୍ରମ କରିଛି। ମୋଟ ୩୩ କିମି ପଥ ଅତିକ୍ରମ କରିବା ପରେ କଣ୍ଟି ନିକଟରେ ଏହା ଦୟା ନଦୀ ସହ ମିଶିଛି।

ବର୍ତ୍ତମାନ ଗଙ୍ଗୁଆର ବିଷାକ୍ତ ଜଳ ଦୟା ବାଟ ଦେଇ ଚିଲିକାରେ ପହଞ୍ଚିବାର ଅଭିଯୋଗ ବି ଆସିବାରେ ଲାଗିଛି, ଯାହା ଚିଲିକାର ଜୈବ ବିବିଧତା ପ୍ରତି ବଡ଼ ବିପଦ ହୋଇଛି।

ତେବେ ଗଙ୍ଗୁଆ ନାଳକୁ ସଫା କରିବା ପାଇଁ ଏହାକୁ ବିଭିନ୍ନ ଭାଗରେ ବିଭକ୍ତ ସହ ଦୁଇ ପଟରେ ପାଚେରି ନିର୍ମାଣ କରାଯିବ। ଏହି କାର୍ଯ୍ୟ ଜଳସମ୍ପଦ ବିଭାଗ କରିବାକୁ ଥିବା ବେଳେ ଏଥିପାଇଁ ୧୮୬୨ କୋଟି ଟଙ୍କା ବ୍ୟୟ ହେବ। ସେହିଭଳି ଗଙ୍ଗୁଆ ଅବବାହିକରେ ପରିବେଶରେ ଉନ୍ନତି ଆଣିବା ପାଇଁ ଡ୍ରେନେଜ, ଏସଟିପି, ସଡ଼କ ସହ ଚାରା ରୋପଣ କରାଯିବ। ଏଥିପାଇଁ ୨୧୨୯ କୋଟି ଟଙ୍କାର ବ୍ୟୟବରାଦ ଥିବା ବେଳେ ବିଏମସି, ବିଡିଏ, ଜଙ୍ଗଲ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବାର ପ୍ରସ୍ତାବ ରହିଛି।

ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସବୁକିଛି ନିର୍ଭର କରୁଛି ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ଉପରେ। ଜମି ମିଳିବା ପରେ ପ୍ୟାକେଜ ୱାରୀ କିମ୍ବା ଏକକ ଇପିସି ଟେଣ୍ଡର ଜାରି କରାଯିବ। ଇତି ମଧ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ ଏଥିପାଇଁ ହାଇଡ୍ରୋଲିକ୍ ସର୍ଭେ ସହ ଅବବାହିକା ଅଞ୍ଚଳରେ ବିସ୍ତୃତ ସର୍ଭେ ସମ୍ପନ୍ନ ହୋଇଛି। ଏହି ସର୍ଭେ ଆଧାରରେ ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଏଥିସହ ବୈଷୟିକ ସମନ୍ୱୟ କମିଟି ଓ ଗଙ୍ଗୁଆ ସମନ୍ୱ କମିଟି ଚୂଡ଼ାନ୍ତ ହୋଇସାରିଛି। ୱାପ୍‌କୋ ପକ୍ଷରୁ ଡିପିଆର ପ୍ରସ୍ତୁତ କରାଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ମହାନଗର ନିଗମ ପକ୍ଷରୁ ପ୍ରକଳ୍ପର ସରକାରୀ ଅନୁମୋଦନ ପାଇଁ ୱାପ୍‌କୋ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ସହ ସମନ୍ୱୟ ରକ୍ଷା କରାଯାଉଥିବା ସୂଚନା ମିଳିଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୬ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Sunday 6 September 2026, Bhubaneswar

# ଗଡ଼ଜିଲା ଏଲ୍ ନିନୋ

ପ୍ରଶାନ୍ତ ମହାସାଗରରେ ଏକ ବିଶାଳ ଉଷ୍ମ ତରଙ୍ଗ ଉଠୁଛି। ଏହା କେବଳ ଏକ ସାଧାରଣ ଏଲ୍ ନିନୋ ନୁହେଁ। ବିଜ୍ଞାନୀମାନେ ଏହାକୁ 'ଗଡ଼ଜିଲା ଏଲ୍ ନିନୋ' ବୋଲି ଡାକୁଛନ୍ତି—ଏକ ନାମ ଯାହା ଚଳଚ୍ଚିତ୍ରର ଭୟଙ୍କର ଦାନବକୁ ମନେ ପକାଏ। ୨୦୨୬ ମସିହାରେ ଏହିପରି ଘଟଣା ବିଶ୍ୱର ଜଳବାୟୁକୁ ପୁନର୍ବାର ଆଲୋଡ଼ିତ କରିଛି ଏବଂ ଭାରତ ସହିତ ଏସିଆର ଅନେକ ଦେଶ ଏହାର ପ୍ରଭାବରୁ ରକ୍ଷା ପାଇବାକୁ ସଂଘର୍ଷ କରୁଛନ୍ତି। ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଓ ପୂର୍ବ ଭାଗରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅସାଧାରଣ ଭାବେ ବଢ଼ିବାର ଏକ ପ୍ରାକୃତିକ ପରିଘଟଣା। ସାଧାରଣ ଏଲ୍ ନିନୋରେ ତାପମାତ୍ରା ୦.୫ରୁ ୧.୫ ଡିଗ୍ରୀ ସେଲସିୟସ୍ ବଢ଼େ। କିନ୍ତୁ ଯେତେବେଳେ ଏହା ୨ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ହୁଏ, ତେବେ ଏହାକୁ ସୁପର୍ କିମ୍ବା ଗଡ଼ଜିଲା ଏଲ୍ ନିନୋ କୁହାଯାଏ। ୧୯୯୭-୯୮ ଓ ୨୦୧୫-୧୬ର ଘଟଣାଗୁଡ଼ିକ ଏହି ଶ୍ରେଣୀରେ ପଡ଼ିଥିଲା। ବର୍ତ୍ତମାନ ୨୦୨୬ରେ ବିଶ୍ୱ ପାଣିପାଗବିଜ୍ଞାନ ସଂଗଠନ (ଡବ୍ଲ୍ୟୁଏମ୍ଓ) ଓ ଅନ୍ୟାନ୍ୟ ସଂସ୍ଥା ଆଶଙ୍କା କରୁଛନ୍ତି ଯେ ଏହି ବର୍ଷର ଏଲ୍ ନିନୋ ଇତିହାସର ସବୁଠାରୁ ଶକ୍ତିଶାଳୀ ହୋଇପାରେ। ସମୁଦ୍ର ପୃଷ୍ଠର ତାପମାତ୍ରା କେତେକ ଅଞ୍ଚଳରେ ୨.୫ ଡିଗ୍ରୀରୁ ଅଧିକ ବଢ଼ିଛି ଏବଂ ଏହା ୨୦୨୭ ଆରମ୍ଭ ପର୍ଯ୍ୟନ୍ତ ରହିପାରେ। ଭାରତ ପାଇଁ ଏହା ଏକ ଗମ୍ଭୀର ଚିନ୍ତାର ବିଷୟ। ଦେଶର ବାର୍ଷିକ ବର୍ଷାର ପ୍ରାୟ ୭୦ ପ୍ରତିଶତ ଦକ୍ଷିଣ-ପଶ୍ଚିମ ମୌସୁମୀରୁ ଆସେ। ଶକ୍ତିଶାଳୀ ଏଲ୍ ନିନୋ ମୌସୁମୀ ବାୟୁପ୍ରବାହକୁ ଦୁର୍ବଳ କରେ। ଫଳରେ ବର୍ଷା କମିଯାଏ, ଆରମ୍ଭ ବିଳମ୍ବିତ ହୁଏ ଏବଂ ବର୍ଷାର ବଣ୍ଟନ ଅସମାନ ହୁଏ। ଭାରତୀୟ ପାଣିପାଗବିଜ୍ଞାନ ବିଭାଗ (ଆଇଏମ୍ଡି) ଆକଳନ କରିଛି ଯେ ୨୦୨୬ ମୌସୁମୀ ବର୍ଷା ଦୀର୍ଘକାଳୀନ ହାରାହାରିର ୯୦ ପ୍ରତିଶତ ହୋଇପାରେ। କେତେକ ଅଞ୍ଚଳରେ ଖରା ଓ ଶୁଷ୍କତା ବଢ଼ିବ, କିଛି ସ୍ଥାନରେ ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ହୋଇପାରେ। କୃଷି ଉପରେ ଏହାର ପ୍ରଭାବ ସିଧାସଳଖ। ଖରିଫ ଫସଲ-ଧାନ, ଡୁଲସୀ, ସୋୟାବିନ୍, କପା-ମୌସୁମୀ ଉପରେ ନିର୍ଭରଶୀଳ। ପ୍ରାୟ ଅଧା କୃଷିଜମିରେ ସିଞ୍ଚାଇ ସୁବିଧା ନାହିଁ। ବର୍ଷା କମିଲେ ଉତ୍ପାଦନ ହ୍ରାସ ପାଏ, ଖାଦ୍ୟ ମୂଲ୍ୟ ବଢ଼େ ଏବଂ ଗ୍ରାମୀଣ ଅର୍ଥନୀତି କ୍ଷତିଗ୍ରସ୍ତ ହୁଏ। ଜଳଭଣ୍ଡାର ସ୍ତର କମିଯାଏ, ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହୁଏ ଏବଂ ଗରମ ତରଙ୍ଗ ବଢ଼େ। ଏସିଆର ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏହି ସଙ୍କଟର ସାମ୍ନା କରୁଛନ୍ତି। ଦକ୍ଷିଣ-ପୂର୍ବ ଏସିଆର ଇଣ୍ଡୋନେସିଆ, ମାଲେସିଆ, ଥାଇଲାଣ୍ଡ, ଫିଲିପାଇନ୍ସରେ ଶୁଷ୍କତା ବଢ଼େ। ଜଙ୍ଗଲ ଅଗ୍ନିକାଣ୍ଡ ଓ ଧୂଆଁ (ହେଜ୍) ବ୍ୟାପିବାର ଆଶଙ୍କା ରହିଛି। ଧାନ ଉତ୍ପାଦନ କମିଯାଇ ଖାଦ୍ୟ ସୁରକ୍ଷା ବିପନ୍ନ ହୋଇପାରେ। ଅଷ୍ଟ୍ରେଲିଆରେ ମଧ୍ୟ ଖରା ଓ ଅଗ୍ନିକାଣ୍ଡର ଭୟ ରହିଛି। ଭାରତୀୟ ମହାସାଗର ଡାଇପୋଲ୍ (ଆଇଓଡି) ଯଦି ସକାରାତ୍ମକ ରହେ ତେବେ ଏହି ଶୁଷ୍କତା ଆହୁରି ତୀବ୍ର ହୋଇପାରେ। ଏହି ସବୁ ପରିସ୍ଥିତି ଜଳବାୟୁ ପରିବର୍ତ୍ତନ ସହିତ ମିଶି ଆହୁରି ଭୟଙ୍କର ରୂପ ନେଉଛି। ଗୋଟିଏ ପାର୍ଶ୍ୱରେ ଖରା, ଅନ୍ୟ ପାର୍ଶ୍ୱରେ ହଠାତ୍ ବନ୍ୟା—ଏହାକୁ 'କ୍ଲାଇମେଟ୍ ୱିପ୍ଲାଶ୍' କୁହାଯାଉଛି। ଏହି ସଙ୍କଟକୁ ମୁକାବିଲା କରିବା ପାଇଁ କେବଳ ଆଶଙ୍କା ଯଥେଷ୍ଟ ନୁହେଁ। ଭାରତକୁ ଜଳବାୟୁ-ସହନଶୀଳ କୃଷି ପ୍ରଣାଳୀ ଗଢ଼ିବାକୁ ହେବ। ଶୁଷ୍କତା-ସହିଷ୍ଣୁ ଫସଲ, ଜଳ ସଂରକ୍ଷଣ, ବୃଷ୍ଟି ଆଧାରିତ କୃଷି ପରାମର୍ଶ ଏବଂ ଜଳଭଣ୍ଡାର ପରିଚାଳନା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସରକାର, କୃଷକ ଓ ବିଜ୍ଞାନୀଙ୍କ ମଧ୍ୟରେ ସମନ୍ୱୟ ରଖି ପୂର୍ବ ପ୍ରସ୍ତୁତି କରିବା ଉଚିତ। ଏସିଆର ଅନ୍ୟ ଦେଶମାନେ ମଧ୍ୟ ଆଞ୍ଚଳିକ ସହଯୋଗ ମାଧ୍ୟମରେ ଏହି ପ୍ରତିଯୋଗୀତାର ମୁକାବିଲା କରିପାରିବେ। ଗଡ଼ଜିଲା ଏଲ୍ ନିନୋ କେବଳ ଏକ ପ୍ରାକୃତିକ ଘଟଣା ନୁହେଁ। ଏହା ଆମର ପ୍ରସ୍ତୁତି, ନୀତି ଓ ସଚେତନତାର ପରୀକ୍ଷା। ଯଦି ଆମେ ଏବେ ଠିକ୍ ପଦକ୍ଷେପ ନେଉ, ତେବେ ଏହି ଦାନବର ପ୍ରଭାବକୁ କମାଇ ପାରିବା। ନଚେତ୍, କୃଷି, ଖାଦ୍ୟ ସୁରକ୍ଷା ଓ ଅର୍ଥନୀତି ଉପରେ ଏହାର ଆଘାତ ଦୀର୍ଘକାଳୀନ ହୋଇପାରେ। ସମୟ ଆସିଛି ସତର୍କ ହେବାର ଏବଂ କାର୍ଯ୍ୟ କରିବାର।



# ନବବିବାହିତଙ୍କ ପାଇଁ ଫାଇନାନ୍ସିଆଲ ଟିପ୍ସ

ଯୁଧିଷ୍ଠିର ମହାରଣା



ବିବାହ ଦୁଇ ମନକୁ ଗୋଟିଏ ଡୋରରେ ବାନ୍ଧି ରଖେ। ସମ୍ପର୍କକୁ ସୁଦୃଢ଼ କରିଥାଏ ଉଭୟଙ୍କର ଭଲ ପାଇବା। ମାତ୍ର ବିବାହ ରଥକୁ ଆଗେଇ ନେବା ପାଇଁ କେବଳ ପ୍ରେମ ନୁହେଁ, ତା ସହ ଅର୍ଥର ବି ଆବଶ୍ୟକତା ରହିଛି। ଅବଶ୍ୟ ବିବାହ ପରେ ଉଭୟଙ୍କୁ ସବୁ କ୍ଷେତ୍ରରେ ଭାଗିଦାର ହେବାକୁ ପଡ଼େ। ଏଇ ଯେମିତି ସମୟ, ଇମୋସନ ଓ ଅର୍ଥ ସବୁକିଛି। ନବ ବିବାହିତ ଯୁବ ବର୍ଗ ସାଧାରଣତଃ ଆରମ୍ଭରୁ ଏଥିପ୍ରତି ସେତେଟା ଧ୍ୟାନ ଦେଇ ନଥାନ୍ତି। ମାତ୍ର ବୈବାହିକ ଜୀବନ ଆରମ୍ଭରୁ ଆର୍ଥିକ ଦୃଷ୍ଟିକୋଣ ପ୍ରତି ନଜର ରଖିଲେ ଜୀବନ ଜୀବନ ସୁଖମୟ ହୋଇପାରିବ। ଏହା ପରେ ସମସ୍ୟା ଆସିବନି ବୋଲି କହିପାରିବାନି କିନ୍ତୁ ସମସ୍ୟାକୁ ଏଡ଼ାଇବା ସହଜ ହୋଇପାରିବ। ବୈବାହିକ ଜୀବନରୁ ଆର୍ଥିକ ସମସ୍ୟାକୁ ଦୂର କରିବା ପାଇଁ କିଛିଟା ଟିପ୍ସ...।

**ଲକ୍ଷ୍ୟ ସ୍ଥିର କରନ୍ତୁ :** ନିଜର ଭବିଷ୍ୟତ ଯୋଜନା ଓ ଲକ୍ଷ୍ୟକୁ ସାଥୀଙ୍କ ଆଗରେ ପ୍ରକାଶ କରନ୍ତୁ। ହୁଏତ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ ପାଇଁ ଆପଣଙ୍କ ସାଥୀ ପରାମର୍ଶ ଦେଇପାରନ୍ତି। ଏହି ସମୟରେ ନିଜର କୌଣସି ବଡ଼ ନିବେଶ, ଫରେନ ଟୁର ଆଦି ବିଷୟରେ ସାଥୀଙ୍କ ସହ କଥା ହୋଇ ଲକ୍ଷ୍ୟ ସ୍ଥିର କରନ୍ତୁ।

**ଘରର ଖର୍ଚ୍ଚକୁ ନୀରିକ୍ଷଣ କରନ୍ତୁ :** ଯଦି ଉଭୟ ରୋଜଗାରିଆ ହୋଇଥାନ୍ତି ତେବେ ମାସକୁ କେତେ ଟଙ୍କା ଘର ଖର୍ଚ୍ଚରେ ଯାଉଛି ତାହା ଭଲ ଭାବେ ନିରୀକ୍ଷଣ କରନ୍ତୁ। ଘର ଖର୍ଚ୍ଚ ଯିବା ପରେ କୌଣସି ଘରକରଣା ଉପକରଣ କରିବା କିଣିବା ଦ୍ୱାରା ଆପଣଙ୍କୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ନା ତାହା ଲକ୍ଷ୍ୟ କରନ୍ତୁ। ନଚେତ ଘରକରଣା ଉପକାର କରିବା ପାଇଁ ଅଧିକ ସମୟ ନିଅନ୍ତୁ।



**ବଜେଟ ସ୍ଥିର କରନ୍ତୁ :** ନିଜ ଖର୍ଚ୍ଚ ହିସାବ ସହ ଆୟକୁ ଦେଖି ମାସିକିଆ ବଜେଟ ସ୍ଥିର କରନ୍ତୁ। ତା ସହିତ ଘରର ଖର୍ଚ୍ଚ ଯଥା ଜୀବନଶୈଳୀ, ନିବେଶ, ବୀମା ଓ ସଞ୍ଚୟ ଆଦି ବିଭିନ୍ନ କ୍ଷେତ୍ର ପାଇଁ ଅର୍ଥକୁ ଭାଗ କରି ମାସିକିଆ ବଜେଟ ସ୍ଥିର କରିବା ଉଚିତ।

**ଜଏଣ୍ଟ ଆକାଉଣ୍ଟ କରନ୍ତୁ :** ବିବାହ ପରେ ଉଭୟଙ୍କ ନାମରେ ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟ କରିନେବା ଉଚିତ ହେବ। ତା ପରେ ଆକାଉଣ୍ଟରେ ମାସକୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ସଞ୍ଚୟ କରନ୍ତୁ। ଏହା ପରେ ବି ନିଜସ୍ୱ ଆକାଉଣ୍ଟ କରିବାକୁ ଭୁଲନ୍ତୁ ନାହିଁ। ନଚେତ୍ ଆର୍ଥିକ ଭାବେ ସ୍ୱାଧିନତା ପାରିପାରିବେ ନାହିଁ। ଘର କୌଣସି ବଡ଼ ଖର୍ଚ୍ଚ ପାଇଁ ଜଏଣ୍ଟ ଆକାଉଣ୍ଟରୁ ଅର୍ଥ ନେବାବେଳେ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ନିଜସ୍ୱ ଆକାଉଣ୍ଟରୁ ଅର୍ଥ ନେବା ଉଚିତ ହେବ। ଜଏଣ୍ଟ ଆକାଉଣ୍ଟକୁ ଏମିତି ମୋଡ଼ରେ ଅପରେସନ କରନ୍ତୁ, ଯାହାକି ଜଣକ ଅନୁପସ୍ଥିତିରେ ଅନ୍ୟ କାର୍ଯ୍ୟକାରୀ କରିପାରିବ।

**ରିଟାଏରମେଣ୍ଟ ଫଣ୍ଡ :** ଆରମ୍ଭରୁ ହିଁ ରିଟାଏରମେଣ୍ଟ ବା ଅବସରକୁ ଆଖିରେ ରଖି ଯୋଜନା ପ୍ରସ୍ତୁତ କରନ୍ତୁ। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବା ବେଳେ ଦେଖନ୍ତୁ କେତେ ଅର୍ଥ ରିଟାଏରମେଣ୍ଟ ପ୍ଲାନ ପାଇଁ ରଖିବେ। ଯାହାକି ଆପଣଙ୍କ ଭବିଷ୍ୟତକୁ ସୁରକ୍ଷା ଦେଇ ପାରିବ। ଅଳ୍ପ ହେଉ ପଛେ ପ୍ରତି ମାସରେ ଏହି ପ୍ଲାନ ପାଇଁ ଅର୍ଥନିବେଶ କରିବାକୁ ଚେଷ୍ଟା କରନ୍ତୁ।

**ଜରୁରୀକାଳୀନ ଫଣ୍ଡ :** ମାସିକ ରୋଜଗାରରୁ କିଛି ଅର୍ଥ ବାହାର କରି ଜରୁରୀକାଳୀନ ଫଣ୍ଡରେ ସଞ୍ଚୟ କରନ୍ତୁ। କାରଣ ଜରୁରୀକାଳୀନ ସ୍ଥିତିରେ କେତେ ଅର୍ଥ ଆବଶ୍ୟକ ପଡ଼ିବ ତାହା କେହି କହିପାରିବେନି। ଏହା ହୁଏତ ଆପଣଙ୍କ ମାସିକ ରୋଜଗାରର ଦୁଇଗୁଣା କିମ୍ବା କୌଣସି ମେଡ଼ିକାଲ ଖର୍ଚ୍ଚ ହୋଇପାରେ। ଏହାକୁ ଆପଣ ଆକାଉଣ୍ଟରେ ରଖି ପାରନ୍ତି କିମ୍ବା ଏଫଡ଼ି ଭାବେ ବିନିଯୋଗ କରିପାରନ୍ତି।

**ସଞ୍ଚୟ ଓ ନିବେଶ :** ଏସବୁ ପରେ ଆପଣ ମାସକୁ କିଛି ଅର୍ଥ ସଞ୍ଚୟ ଓ ଭିନ୍ନ ଭିନ୍ନ କ୍ଷେତ୍ରରେ ନିବେଶ ମଧ୍ୟ କରିପାରିବେ। ନିବେଶ କରିବାକୁ ଚାହୁଁଥିବା ଅର୍ଥକୁ ଆପଣ ଏଫଡ଼ି, ମ୍ୟୁଚୁଆଲ ଫଣ୍ଡ, ବୀମା ଓ ୟୁନିଟ ଲିଙ୍କ ବୀମା ଆଦି ଭଳି ଦୀର୍ଘ ମିଆଦୀ ନିବେଶ ଜରିଆରେ ବିନିଯୋଗ କରିପାରିବେ।

**ଉତ୍ତରାଧିକାରୀ ଚୟନ କରନ୍ତୁ :** ଆପଣଙ୍କ ଅର୍ଥ ବିନିଯୋଗ ବେଳେ ନିଜର ସାଥୀଙ୍କୁ ପାର୍ଟନସର ବା ଉତ୍ତରାଧିକାରୀ ରଖିବାକୁ ଭୁଲନ୍ତୁ ନାହିଁ। ବୀମା ହେଉ ଅବା ନିବେଶ ତା ସହିତ ସମସ୍ତ ଡକ୍ୟୁମେଣ୍ଟସରେ ଜୀବନସାଥୀଙ୍କୁ ଉତ୍ତରାଧିକାରୀ ରଖନ୍ତୁ। **ବୀମା :** ଯଦି ବୀମା କରିବାକୁ ଚାହାନ୍ତି ତେବେ ଡେରି କରନ୍ତୁ ନାହିଁ। ଉଭୟ ରୋଜଗାର କରନ୍ତୁ ଅବା ଜଣେ ବୀମା ଉଭୟଙ୍କର କରିବା ହିଁ ଉଚିତ ହେବ। ବୀମା ଚୟନ ବେଳେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ବୀମା ଚୟନ କରନ୍ତୁ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮**

# ନୂଆ ଷ୍ଟାର୍ଟଅପ୍ ଆଉ ମାର୍କେଟିଂ



ମନସିଜ୍ ଦାସ

ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ନିଜର ଷ୍ଟାର୍ଟଅପ୍ ବିଜନେସ ପ୍ରତି ଆଗ୍ରହୀ ହେଉଛନ୍ତି। ଏହାଦ୍ୱାରା ନା କାହା ଅଧିନରେ କାମ କରିବା ନା କେବେ ଚାକିରୀ ଯିବାର ଭୟ ରହୁଛି। ବରଂ ନିଜେ ରୋଜଗାରକ୍ଷମ ହେବା ସହ ସେମାନେ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ପନ୍ଥା ଯୋଗାଇ ପାରୁଛନ୍ତି। ତେବେ ଏମିତିରେ ନିଜ ବିଜନେସକୁ ସଫଳ କରାଇ ଅଧିକ ଲାଭ ପାଇଁ ସେମାନେ ବିଭିନ୍ନ ମାର୍କେଟିଂ ଷ୍ଟ୍ରାଟେଜି ଉପରେ ନିର୍ଭର କରିଥାନ୍ତି। ଯଦି ନୂଆ ଷ୍ଟାର୍ଟଅପ୍ ଆରମ୍ଭ କରୁଥାନ୍ତି ତେବେ କିପରି ଭଲ ଭାବେ ମାର୍କେଟିଂ କରି ଲାଭବାନ ହୋଇପାରିବେ ଜାଣି ରଖନ୍ତୁ ଟିପ୍ସ।

**ସ୍ଥିର କରନ୍ତୁ ମାର୍କେଟିଂ ଲକ୍ଷ୍ୟ :** ଆପଣଙ୍କ ବିଜନେସ ଅନୁଯାୟୀ ପ୍ରଥମେ ସର୍ଭେ କରିବା ପରେ ମାର୍କେଟିଂର ଲକ୍ଷ୍ୟ ସ୍ଥିର କରନ୍ତୁ। ଅନଲାଇନ ଏବଂ ଅଫଲାଇନ ଉଭୟ ପାଇଁ ଭିନ୍ନ ଭିନ୍ନ ତଥା କ୍ରିଏଟିଭ କଣ୍ଟେଣ୍ଟ ପ୍ରସ୍ତୁତ କରନ୍ତୁ ଯେମିତି ତାହା ଲୋକଙ୍କୁ ଉପଯୋଗୀ ମନେହେବ ଏବଂ ଆପଣଙ୍କ ବିଜନେସ ଆଡ଼କୁ ଧ୍ୟାନ ଆକର୍ଷଣ କରିବ। ସୋସିଆଲ ମିଡ଼ିଆ ଜରିଆରେ ଏହା ଅଧିକରୁ ଅଧିକ ଲୋକଙ୍କ ପାଖକୁ ପହଞ୍ଚିବା ଲାଗି ଠିକ ଭାବେ ଏସଇଓ କରନ୍ତୁ। ଏଥିପାଇଁ କୌଣସି ଅଭିଜ୍ଞଙ୍କ ସହାୟତା ନେବା ଭଲ।

**ଟାର୍ଗେଟ ଅଡିଆନ୍ସ :** ଯେ କୌଣସି ମାର୍କେଟିଂ ଷ୍ଟ୍ରାଟେଜିର ପ୍ରଥମ ଲକ୍ଷ୍ୟ ହୋଇଥାଏ ଏହାର ବିଜ୍ଞାପନ ଠିକ ଲୋକଙ୍କ ପାଖରେ ପହଞ୍ଚୁ। ଉଦାହରଣ ସ୍ୱରୂପ ଯଦି ଆପଣ ଏକ ହେଲଥ ଡ୍ରିଙ୍କ ପ୍ରଡକ୍ଟ ଲଞ୍ଚ କରୁଛନ୍ତି ଏବଂ ଏହାର ଆଡ଼ ଜିମ ଯାଉଥିôବା ତଥା ବଡ଼ି ବିଲ୍ଡିଂ କରୁଥିବା ଯୁବପିଢ଼ିଙ୍କ ପାଖରେ ନପହଞ୍ଚି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଲେ ତେବେ ତାହା ସେମାନଙ୍କ ପାଇଁ କୌଣସି କାମରେ ଆସିବ ନାହିଁ। ତେଣୁ ଭଲ ଭାବେ ମାର୍କେଟ ରିସର୍ଚ୍ଚ କରି ନିଜର ଟାର୍ଗେଟ ଅଡ଼ିଆନ୍ସ ପାଖରେ ପ୍ରଡକ୍ଟକୁ ପହଞ୍ଚାଇବାକୁ ଚେଷ୍ଟା କରନ୍ତୁ। ମାର୍କେଟିଂ ଠିକ ଭାବେ ହୋଇପାରିଲେ ପ୍ରଡକ୍ଟର ସେଲ ବଢ଼ିବା ସହ ଲାଭ ଅଧିକ ହେବ।

**ଚାନେଲ କ୍ରିଏଟ କରନ୍ତୁ :** ଠିକ ଭାବେ ମାର୍କେଟିଂ କରିପାରିବା ଯେକୌଣସି ବିଜନେସ ସଫଳ ହେବା ପାଇଁ ଏକ ରଣନୀତି ହୋଇପାରେ। ତେଣୁ ନିଜର ଟାର୍ଗେଟ ଅଡ଼ିଆନ୍ସ କିଏ ଜାଣିବା ପରେ ପ୍ରଡକ୍ଟ ସେମାନଙ୍କ ପାଖକୁ ପହଞ୍ଚିବା ଲାଗି କେଉଁ ସୋର୍ସ ବା ମାଧ୍ୟମ ସବୁଠୁ ଭଲ ଜାଣିରଖନ୍ତୁ। ସେଥିରେ ଚାନେଲ କ୍ରିଏଟ କରି ନିଜର ବିଜ୍ଞାପନ ଏବଂ ପୋଷ୍ଟ ଶେୟାର କରନ୍ତୁ।




**ୟୁଏସପିକୁ ଦିଅନ୍ତୁ ଗୁରୁତ୍ୱ :** ଯେକୌଣସି ବିଜନେସ ସଫଳ ହେଲା ଲାଗି ମାର୍କେଟିଂରେ ୟୁଏସପି ୟୁନିକ ସେଲିଂ ପ୍ରପୋଜିଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଦର୍ଶାଇଥାଏ ଗ୍ରାହକଙ୍କୁ ଆପଣଙ୍କ ପ୍ରଡ଼କ୍ଟର ଆବଶ୍ୟକତା କାହିଁକି ରହିଛି। ଏଥିରେ ଏମିତି କଣ ବିଶେଷତ୍ୱ ରହିଛି ଯାହା ଅନ୍ୟ ପ୍ରତିଯୋଗୀ କମ୍ପାନୀର ପ୍ରଡ଼କ୍ଟ କିମ୍ବା ସର୍ଭିସ ଠାରୁ ଭଲ। ଫଳରେ ଗ୍ରାହକଙ୍କୁ ଏହା ଆପଣଙ୍କ ପ୍ରଡକ୍ଟ ପ୍ରତି ଆକୃଷ୍ଟ କରିପାରିବ ଏବଂ ସେଲ ବଢ଼ିବ।

**ଖୋଲନ୍ତୁ ନିଜ ୱେବସାଇଟ :** କୌଣସି ଷ୍ଟାର୍ଟଅପ୍ କରୁଥିଲେ ମାର୍କେଟିଂ ଓ ସେଲ ପାଇଁ ନିଜର ୱେବସାଇଟ ଖୋଲିବା ସବୁଠୁ ବୁଦ୍ଧିମତ୍ତାର କାମ। ଏହାଦ୍ୱାରା ଆପଣଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ି ନଥାଏ, କାରଣ ଏଥିରେ ପର୍ସନାଲ ଡିଜିଟାଲ ସ୍ପେଶ ରହିଥାଏ।

**ରୁହନ୍ତୁ ଅପଡେଟ :** ଦିନକୁ ଦିନ ମାର୍କେଟକୁ ନୂଆ ନୂଆ ପ୍ରଡକ୍ଟ ଆସୁଛି। ତେଣୁ କ'ଣ ଲାଟେଷ୍ଟ ଟ୍ରେଣ୍ଡରେ ରହିଛି ଏବଂ ତାହାକୁ ଆଖିଆଗରେ ରଖି ନିଜ ପ୍ରଡ଼କ୍ଟରେ କ'ଣ ପରିବର୍ତ୍ତନ ଆବଶ୍ୟକ ରହିଛି ଜାଣିରଖନ୍ତୁ। ମାର୍କେଟ ସହ ସବୁବେଳେ ଅପଡେଟ ନ ରହିଲେ ଏହି ଫିଲ୍ଡରେ ଆଗକୁ ବଢ଼ିବା କଷ୍ଟକର ହୋଇପାରେ।

**ନିଅନ୍ତୁ କଷ୍ଟମରଙ୍କ ଫିଡବ୍ୟାକ :** ବିଜନେସ ମାର୍କେଟିଂରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ କାମ। କାରଣ ଆପଣଙ୍କ ପ୍ରଡକ୍ଟ କେତେ କାର୍ଯ୍ୟ କରୁଛି ଅବା କେତେ ପସନ୍ଦ ଆସୁଛି ତାହା କଷ୍ଟମରଙ୍କ ଫିଡ଼ବ୍ୟାକରୁ ଜଣା ପଡ଼ିଥାଏ। ତେଣୁ ଯଥା ସମ୍ଭବ ଅଧିକରୁ ଅଧିକ ଫିଡ଼ବ୍ୟାକ ନେବାକୁ ଚେଷ୍ଟାକରନ୍ତୁ। ସେହି ଅନୁଯାୟୀ ପ୍ରଡ଼କ୍ଟର ମାନ ପରିବର୍ତ୍ତନ କରନ୍ତୁ। ପ୍ରଡକ୍ଟକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେଲିବ୍ରିଟି ଏବଂ ଇନଫ୍ଲୁଏନ୍ସରମାନଙ୍କୁ ଏନଗେଜ କରନ୍ତୁ। ଏହି ମାର୍କେଟିଂ ଷ୍ଟ୍ରାଟେଜି ଆପଣଙ୍କ ବିଜନେସକୁ ବୁଷ୍ଟ କରିବାରେ ବହୁତ କାମରେ ଆସିବ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**
E-MAIL : MANASIJDAS@REDIFFMAIL.COM

# ଶ୍ରୀଯନ୍ତ୍ର ସ୍ଥାପନର ନିୟମ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଶ୍ରୀଯନ୍ତ ବୈଭବ ଏବଂ ସମୃଦ୍ଧିର ପ୍ରତୀକ। ବାସ୍ତୁଶାସ୍ତ୍ର ଏବଂ ଜ୍ୟୋତିଷରେ ଏହାକୁ ମା'ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ କରିବାର ସବୁଠୁ ପ୍ରଭାବୀ ସାଧନ ବୋଲି କୁହାଯାଏ। ଘରେ ଶ୍ରୀଯନ୍ତ୍ରକୁ ଠିକ ଭାବେ ସ୍ଥାପନା କରିବା ଦ୍ୱାରା ସକାରାତ୍ମକ ଶକ୍ତି ବଜାୟ ରହେ। ଧନ, ସମୃଦ୍ଧି ଆସେ, ନକାରାତ୍ମକ ଶକ୍ତି ଦୂର ହୁଏ। ଶ୍ରୀଯନ୍ତ୍ର ସ୍ଥାପନ ପୂଜା ଘରେ କରିବାକୁ ସବୁଠୁ ଉତ୍ତମ ବୋଲି ବିବେଚନା କରାଯାଏ। ଯଦି ପୂଜା ଘରେ ଉପଲବ୍ଧ ନ ହେଉଛି ଏହାକୁ ଆଲମାରିରେ ରଖିପାରିବେ। ଯେଉଁଠି ଧନ ସମ୍ବନ୍ଧିତ ଜିନିଷ ରଖାଯାଏ। ଧୂଳି ମାଟି ଅପରିଷ୍କାର ସ୍ଥାନରେ ରଖନ୍ତୁ ନାହିଁ। ଉତ୍ତର ପୂର୍ବ ଦିଗ ଶ୍ରୀଯନ୍ତ୍ର ସ୍ଥାପନ ପାଇଁ ଶୁଭ ଦିଗ ବୋଲି ବିବେଚନା କରାଯାଉଛି। ଶ୍ରୀଯନ୍ତ୍ର ଶୁକ୍ରବାର ସ୍ଥାପନ କରିବାକୁ ଉତ୍ତମ ବୋଲି କୁହାଯାଏ। ଶୁକ୍ରବାର ମା'ଲକ୍ଷ୍ମୀ ଏବଂ ଶୁକ୍ର ଗ୍ରହଙ୍କ ଦିନ। ଶୁକ୍ରବାର ସକାଳେ ଏବଂ ଲକ୍ଷ୍ମୀପୂଜା ମୁହୂର୍ତ୍ତରେ ସ୍ଥାପନ କରିବା ଉଚିତ। ଏହା ପୂର୍ଣ୍ଣିମା, ଅଷ୍ଟମୀ, ଶୁକ୍ରବାର ପଡ଼ୁଥିବା କୌଣସି ଶୁଭ ତିଥିରେ ସ୍ଥାପନ ପାଇଁ ଉତ୍ତମ। ସ୍ଥାପନ ସମୟରେ ଘରେ ଶୁଦ୍ଧତା ବଜାୟ ରଖିବା ଉଚିତ। ତେବେ ପ୍ରଥମେ ଶ୍ରୀଯନ୍ତ୍ରକୁ କଞ୍ଚାକ୍ଷୀରରେ ଧୋଇବାକୁ ହେବ। ପୁଣି ଗଙ୍ଗା ଜଳରେ ଭଲ ଭାବେ ଶୁଦ୍ଧ କରନ୍ତୁ। ପୂଜା ସ୍ଥାନକୁ ସଫା କରିବା ଲାଗି ନାଲି ନଚେତ ହଳଦିଆ କପଡ଼ା ବିଛାନ୍ତୁ। ଶ୍ରୀଯନ୍ତ୍ରକୁ ସ୍ଥାପନ କରିବା ସମୟରେ ମନ୍ତ୍ର ଜପ କରନ୍ତୁ। ଶ୍ରୀଯନ୍ତ୍ର ସାମ୍ନାରେ ଘରେ ଦୀପ ଜଳାନ୍ତୁ। ଫୁଲ, ଅକ୍ଷତ, ଚନ୍ଦନ, ମିଠା ଅର୍ପଣ କରନ୍ତୁ। ଶେଷରେ ଲକ୍ଷ୍ମୀଙ୍କ ଆରତି କରି ପ୍ରାର୍ଥନା କରନ୍ତୁ। ଏହାକୁ ଉତ୍ତରପୂର୍ବ ଦିଗରେ ସ୍ଥାପନ କରନ୍ତୁ। କେବେ ବି ଏହାକୁ ଓଲଟା କିମ୍ବା ଅପରିଷ୍କାର କରି ରଖନ୍ତୁ ନାହିଁ। ନିୟମିତ ଶ୍ରୀଯନ୍ତ୍ରକୁ ପରିଷ୍କାର କରି ପୂଜା କରନ୍ତୁ। ଏହାକୁ ଠିକ ଭାବେ ସ୍ଥାପନ କରିବା ଦ୍ୱାରା ଜୀବନରେ ଧନ, ସମୃଦ୍ଧି, ସୁଖ, ଶାନ୍ତି ଆସେ। ଆର୍ଥିକ ପରିସ୍ଥିତିରେ ସାମ୍ନା କରୁଥିଲେ ଏହାକୁ ଠିକ ଭାବେ ସ୍ଥାପନ କରିବା ଉଚିତ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩



# ୨୪ ବର୍ଷର ଅନୁଭବ, ଅଢ଼େଇ ବର୍ଷର ନୂଆ ଦିଗ : ଓଡ଼ିଶା କାହାକୁ ମାପିବ - ସମୟକୁ ନା କାମକୁ ?

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଓଡ଼ିଶାର ରାଜନୀତିରେ ୨୪ ବର୍ଷ ଏକ ଛୋଟ ସମୟ ନୁହେଁ, ଆଉ ଅଢେଇ ବର୍ଷ ମଧ୍ୟ ଏକ ଦିନ ରାଜନୀତି ନୁହେଁ, ଦୁଇଟି ସମୟଖଣ୍ଡ ଓଡ଼ିଶାର ରାଜନୈତିକ ଇତିହାସର ଦୁଇଟି ଅଲଗା ଅଧ୍ୟାୟ, ଯାହାକୁ ଭାବନାରେ ନୁହେଁ, ତଥ୍ୟରେ, ନାରାରେ ନୁହେଁ, ଫଳାଫଳରେ ଏବଂ ଦଳୀୟ ଆବେଗର ନୁହେଁ, ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନରେ ଆସିଥିବା ପରିବର୍ତନର ଆଲୋକରେ ମାପିବାର ସମୟ ଆସିଛି। ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ବିଜୁ ଜନତା ଦଳର ଦୀର୍ଘ ଶାସନ ଓଡ଼ିଶାର ପ୍ରଶାସନ, ରାଜନୀତି ଓ ବିକାଶର ଅନେକ ଅଧ୍ୟାୟ ଲେଖିଛି, ସେହି ଅଧ୍ୟାୟରେ ସଫଳତା ଥିଲା, ସ୍ମରଣୀୟ କାର୍ଯ୍ୟ ଥିଲା, ଆଉ ଅନେକ ପ୍ରଶ୍ନ ମଧ୍ୟ ଥିଲା। ୨୦୨୪ରେ ଜନତା ଏକ ନୂଆ ରାଜନୈତିକ ଅଧ୍ୟାୟ ଖୋଲିଲେ ଏବଂ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଗଠିତ ହେଲା। ନିର୍ବାଚନ ଫଳାଫଳରେ ବିଜେପି ୭୮ଟି ଆସନ ଓ ବିଜେଡି ୫୧ଟି ଆସନ ପାଇଥିଲା। ଏହା କେବଳ ସରକାର ବଦଳର ଘଟଣା ନୁହେଁ, ଏହା ଥିଲା ଜନତାଙ୍କ ଏକ ନୂଆ ପରୀକ୍ଷା, ଏକ ନୂଆ ଆଶା ଏବଂ ଏକ ନୂଆ ଦିଗ ପ୍ରତି ଆସ୍ଥା। କିନ୍ତୁ ଏଠି ଏକ ମୂଳ ପ୍ରଶ୍ନ ରହିଯାଏ - ୨୪ବର୍ଷ ଶାସନ କରିଥିବାରୁ କେହି ସ୍ୱତଃ ସଫଳ ହୋଇଯାଏ କି? ନା ଅଢେଇ ବର୍ଷ ଶାସନ କରିଥିବାରୁ କେହି ସ୍ୱତଃ ସଫଳ କିମ୍ବା ବିଫଳ ହୋଇଯାଏ ? ନିଶ୍ଚିତ ଭାବେ ନୁହେଁ। ଲୋକତନ୍ତ୍ରରେ ଶାସନର ମାପଦଣ୍ଡ ହେଉଛି ସମୟ ନୁହେଁ, ଫଳ। ଲୋକଙ୍କ ଘରକୁ ପାଣି ପହଞ୍ଚିଲା କି ନାହିଁ, ଚାଷୀଙ୍କ ଜମିକୁ ସିଚାଇ ମିଳିଲା କି ନାହିଁ, ଯୁବକଙ୍କୁ ରୋଜଗାରର ସୁଯୋଗ ମିଳିଲା କି ନାହିଁ, ମହିଳାଙ୍କ ଆର୍ଥିକ ସ୍ୱାଧୀନତା ବଢ଼ିଲା କି ନାହିଁ, ଗାଁର ରାସ୍ତା ଭଲ ହେଲା କି ନାହିଁ, ଶିଳ୍ପ ଆସିଲା କି ନାହିଁ, ଶିକ୍ଷା ଓ ସ୍ୱାସ୍ଥ୍ୟର ମାନ ବଢ଼ିଲା କି ନାହିଁ-ଏହି ପ୍ରଶ୍ନଗୁଡିକ ହିଁ ଶାସନର ପ୍ରକୃତ ପରୀକ୍ଷା। ମୋହନ ମାଝୀ ସରକାର ଦୁଇ ବର୍ଷ ପୂରଣ କରିବା ସମୟରେ ସରକାରୀ ଭାବେ ୧୨୧ଟି ନୂଆ ଯୋଜନା, କାର୍ଯ୍ୟକ୍ରମ ଓ ପଦକ୍ଷେପର କଥା କହିଛି, ସୁଭଦ୍ରା ଯୋଜନାଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ସଡକ ଓ ସେତୁଠାରୁ ସିଚାଇ, ଦକ୍ଷତା ବିକାଶଠାରୁ ଶିଳ୍ପ ଏବଂ ଆଧୁନିକ ପ୍ରଯୁକ୍ତି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସରକାର ନିଜର ଦିଗ ଦେଖାଇବାକୁ ଚେଷ୍ଟା କରିଛି। ସରକାରୀ ତଥ୍ୟ ଅନୁସାରେ, ଅନ୍ନପୂର୍ଣ୍ଣା ଯୋଜନାରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ପାଞ୍ଚ କିଲୋ ଚାଉଳ ମାଗଣା ଦେବାର ବ୍ୟବସ୍ଥା ହୋଇଛି ଏବଂ ପ୍ରାୟ ୮୦ ଶତାଂଶ ଜନସଂଖ୍ୟା ଏଥିରୁ ଲାଭ ପାଇବାର କଥା କୁହାଯାଇଛି। ସୁଭଦ୍ରା ଯୋଜନା ମହିଳାଙ୍କୁ ଆର୍ଥିକ ସହାୟତା ଦେବାର ଏକ ବଡ ପଦକ୍ଷେପ ଭାବେ ଆସିଛି। ଦକ୍ଷତା ବିକାଶର ଦ୍ୱିତୀୟ ପର୍ଯ୍ୟାୟ, ସମ୍ବଲପୁର ଓ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ନୂଆ ପରିସର, କୃଷି ଜମିକୁ ସିଚାଇ ଦେବା ପାଇଁ ପଦକ୍ଷେପ ଏବଂ ଶିଳ୍ପ ଓ ପ୍ରଯୁକ୍ତି କ୍ଷେତ୍ରରେ ନୂଆ ନୀତି-ଏସବୁ ମିଶି ସରକାର ଯେଉଁ ଓଡ଼ିଶାର ଚିତ୍ର ଆଙ୍କୁଛି, ତାହାର ମୂଳ କଥା ହେଉଛି ବିକାଶକୁ ଅଧିକ ବ୍ୟାପକ କରିବା। କିନ୍ତୁ ଏଠି ମଧ୍ୟ ସାମ୍ବାଦିକତାର ଦାୟିତ୍ୱ ହେଉଛି କେବଳ ଘୋଷଣାକୁ ସଫଳତା ବୋଲି ଲେଖି ଦେବା ନୁହେଁ, ଘୋଷଣା କେବେ ଯୋଜନା ହେଲା, ଯୋଜନା କେବେ କାମରେ ପରିଣତ ହେଲା ଏବଂ କାମ କେବେ ସାଧାରଣ ଲୋକଙ୍କ ଜୀବନକୁ ଛୁଇଁଲା - ତାହା ଦେଖିବା ମଧ୍ୟ ଆବଶ୍ୟକ। ଏହିଠାରେ ହିଁ ମୋହନ ମାଝୀ ସରକାରର ପ୍ରକୃତ ପରୀକ୍ଷା। ଅଢେଇ ବର୍ଷରେ ଦିଗ ଦେଖାଇବା ଭଲ କଥା, କିନ୍ତୁ ଆଗାମୀ ବର୍ଷଗୁଡିକରେ ସେହି ଦିଗକୁ ଦୃଢ ଫଳାଫଳରେ ପରିଣତ କରିବା ହିଁ ବଡ ଚ୍ୟାଲେଞ୍ଜ। ଏହି ସରକାର ପାଖରେ ଆଉ ଏକ ବଡ ସୁଯୋଗ ଅଛି - କେନ୍ଦ୍ର ସରକାର ସହ ସମନ୍ୱୟକୁ ଓଡ଼ିଶାର ଦୀର୍ଘମିଆଦୀ ବିକାଶରେ ପରିଣତ କରିବା। ରେଳ, ସଡକ, ବନ୍ଦର, ଶିଳ୍ପ, ଖଣିଜ, ପର୍ଯ୍ୟଟନ, କୃଷି, ପ୍ରଯୁକ୍ତି ଓ ରୋଜଗାର-ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ସମ୍ଭାବନା ବହୁତ ବଡ। ତେଣୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରର ସମନ୍ୱୟ ଯଦି ରାଜନୈତିକ ନାରାରେ ସୀମିତ ନରହି ରାସ୍ତା, ରେଳ, ଶିଳ୍ପ, ନିଯୁକ୍ତି ଓ ନିବେଶରେ ଦେଖାଯାଏ, ତେବେ ତାହାର ଲାଭ ଓଡ଼ିଶା ପାଇବ। ଏହି କାରଣରୁ ୨୪ବର୍ଷ ବନାମ ଅଢେଇ ବର୍ଷର ତୁଳନାକୁ ଦଳୀୟ ଯୁଦ୍ଧ କରିଦେବା ଠିକ୍ ହେବ ନାହିଁ। ୨୪ବର୍ଷର ଶାସନରୁ ଯାହା ଭଲ ହୋଇଛି, ତାହାକୁ ସ୍ୱୀକାର କରିବାରେ ନୂଆ ସରକାରର କୌଣସି ଅସୁବିଧା ରହିବା ଉଚିତ ନୁହେଁ, ଆଉ ଯେଉଁଠି ତ୍ରୁଟି ଥିଲା, ସେଠାରୁ ଶିକ୍ଷା ନେଇ ନୂଆ ସରକାର ଆଗକୁ ବଢ଼ିବା ଉଚିତ। ସେହିପରି ମୋହନ ମାଝୀ ସରକାରର ଭଲ କାମକୁ ବିରୋଧୀ ଦଳ କେବଳ ରାଜନୈତିକ ଆବେଗରେ ଅସ୍ୱୀକାର କରିବା ଉଚିତ ନୁହେଁ, ଯେଉଁଠି ସରକାର ଭୁଲ କରୁଛି, ସେଠାରେ ଶକ୍ତ ପ୍ରଶ୍ନ କରିବା ମଧ୍ୟ ବିରୋଧୀଙ୍କ ଅଧିକାର ଓ ଦାୟିତ୍ୱ। ଶାସନଙ୍କୁ ପ୍ରଶଂସା କରିବା ଯେତିକି ଆବଶ୍ୟକ, ଶାସକଙ୍କୁ ପ୍ରଶ୍ନ କରିବା ମଧ୍ୟ ସେତିକି ଆବଶ୍ୟକ। କାରଣ ଗଣତନ୍ତ୍ରରେ ଅନ୍ଧ ପ୍ରଶଂସା ସରକାରଙ୍କୁ ଶକ୍ତିଶାଳୀ କରେ ନାହିଁ, ବରଂ ଦୁର୍ବଳ କରେ, ସତ୍ୟ ଓ ତଥ୍ୟ ଉପରେ ଆଧାରିତ ସମାଲୋଚନା ହିଁ ସରକାରକୁ ଅଧିକ ଦାୟିତ୍ୱଶୀଳ କରେ। ତେଣୁ ଓଡ଼ିଶାର ଆଜିର ରାଜନୈତିକ ପ୍ରଶ୍ନ ଏହା ନୁହେଁ ଯେ କିଏ ୨୪ବର୍ଷ ଶାସନ କଲା ଏବଂ କିଏ ଅଢେଇ ବର୍ଷ ଶାସନ କରୁଛି, ପ୍ରଶ୍ନ ହେଉଛି କିଏ ଓଡ଼ିଶାକୁ ଆଗାମୀ ଦଶ ବର୍ଷରେ ଅଧିକ ସମୃଦ୍ଧ, ଅଧିକ ରୋଜଗାରମୟ, ଅଧିକ ସୁରକ୍ଷିତ, ଅଧିକ ସ୍ୱାବଲମ୍ବୀ ଏବଂ ଅଧିକ ସମ୍ମାନଜନକ ସ୍ଥାନକୁ ନେଇପାରିବ। ମୋହନ ମାଝୀ ସରକାର ପାଇଁ ଅଢେଇ ବର୍ଷ ହେଉଛି ଆରମ୍ଭର ହିସାବ, ଶେଷର ନୁହେଁ। ଏବେ ତାଙ୍କ ସାମ୍ନାରେ ଅଛି ପ୍ରତିଶୃତି ପରିଣାମରେ ପରିଣତ କରିବାର ସମୟ। ଯୁବକଙ୍କୁ କେବଳ ଚାକିରିର ଆଶ୍ୱାସନା ନୁହେଁ, ନିଯୁକ୍ତିର ଅବସର ଦରକାର, ଚାଷୀଙ୍କୁ କେବଳ ଯୋଜନା ନୁହେଁ, ନିଶ୍ଚିତ ଆୟ ଦରକାର, ମହିଳାଙ୍କୁ କେବଳ ସହାୟତା ନୁହେଁ, ଆର୍ଥିକ ସ୍ୱାଧୀନତା ଦରକାର, ଶିଳ୍ପପତିଙ୍କୁ କେବଳ ନିବେଶ ସମ୍ମିଳନୀ ନୁହେଁ, ଦ୍ରୁତ ଅନୁମୋଦନ ଓ ସ୍ଥିର ପରିବେଶ ଦରକାର, ଗାଁକୁ କେବଳ ଘୋଷଣା ନୁହେଁ, ରାସ୍ତା, ପାଣି, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଶିକ୍ଷା ଦରକାର। ଏହି ମାପଦଣ୍ଡରେ ମୋହନ ମାଝୀ ସରକାର ଯେତେ ଦ୍ରୁତ ଫଳ ଦେବ, ସେତେ ଦୃଢ ହେବ ତାହାର ରାଜନୈତିକ ଭିତି ଏବଂ ବିରୋଧୀଙ୍କ ପାଇଁ ମଧ୍ୟ ସମୟ ଆସିଛି-କେବଳ ପୁରୁଣା ଗୌରବର କଥା କହିଲେ ହେବ ନାହିଁ, ନୂଆ ପିଢିକୁ ନୂଆ ଉତର ଦେବାକୁ ପଡ଼ିବ। ୨୪ବର୍ଷର ଅନୁଭବ ଯଦି ସମ୍ପତି, ତେବେ ତାହାର ଶିକ୍ଷା ଆଗାମୀ ରାଜନୀତିରେ ଦେଖାଯିବା ଦରକାର, ଅଢେଇ ବର୍ଷର ନୂଆ ଶାସନ ଯଦି ପରିବର୍ତନର ପ୍ରତୀକ, ତେବେ ତାହାର ପ୍ରମାଣ ମାଟିରେ ଦେଖାଯିବା ଦରକାର। ଓଡ଼ିଶା ଏବେ କାହାର ନାରା ଶୁଣିବାକୁ ଚାହୁଁଛନ୍ତି, ଓଡ଼ିଶା ଫଳ ଦେଖିବାକୁ ଚାହୁଁଛି। ରାଜନୀତିର ରଙ୍ଗ ବଦଳିପାରେ, ସରକାର ବଦଳିପାରେ, ନେତା ବଦଳିପାରନ୍ତି କିନ୍ତୁ ଲୋକଙ୍କ ଆଶା ବଦଳେ ନାହିଁ-ସେମାନେ ଭଲ ଜୀବନ ଚାହାଁନ୍ତି। ସେଥିପାଇଁ ୨୪ବର୍ଷର ହିସାବ ହେଉ ଅନୁଭବ ପର ହିସାବ, ଅଢେଇ ବର୍ଷର ହିସାବ ହେଉ ପରିବର୍ତନର ହିସାବ, ଆଉ ଆଗାମୀ ବର୍ଷଗୁଡ଼ିକର ହିସାବ ହେଉ ଫଳାଫଳର ହିସାବ। କାରଣ ଓଡ଼ିଶାକୁ ଜିତାଇବା ହିଁ ଯେକୌଣସି ସରକାରର ପ୍ରକୃତ ବିଜୟ। ବିଜେଡିର ୨୪ବର୍ଷ ହେଉ କି ମୋହନ ମାଝୀଙ୍କ ଅଢେଇ ବର୍ଷ-ଇତିହାସ ଶେଷରେ ଗୋଟିଏ ପ୍ରଶ୍ନ ହିଁ ପଚାରିବ, ଓଡ଼ିଶା ପାଇଁ କିଏ କେତେ କଲା? ଉତର ନାରାରେ ନୁହେଁ, ଲୋକଙ୍କ ଜୀବନରେ ଲେଖାଯିବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯**

# ଇରାନ-ଆମେରିକା ଯୁଦ୍ଧ ଅବଧି ବଢ଼ିଲା

ୱାଶିଂଟନ, ୫।୯: ଆମେରିକା ଖାର୍ଗ ଦ୍ୱୀପ ନିକଟରେ ଏକ ଇରାନୀ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଛି। ଆମେରିକା ଜାହାଜ ଉପରେ ଲଗାତାର ଚାରୋଟି କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନୀ ସମ୍ବାଦ ଖବର ଫୋରିର ଏକ ରିପୋର୍ଟ ଅନୁଯାୟୀ, ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ନିକଟରେ ଚାରୋଟି ଆମେରିକୀୟ କ୍ଷେପଣାସ୍ତ୍ର ଏକ ଇରାନୀ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଛି ଏବଂ ଜାହାଜଟିକୁ ବର୍ତ୍ତମାନ ଖାଲି କରାଯାଉଛି।

ଏହା ମଧ୍ୟରେ ଆମେରିକା ମଧ୍ୟପ୍ରାଚ୍ୟରେ ତା'ର ଯୁଦ୍ଧ ଅଭିଯାନ ଅବଧିକୁ ବୃଦ୍ଧି କରିବା ଲାଗି ନିଷ୍ପତ୍ତି ନେଇଛି। ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ମଧ୍ୟପ୍ରାଚ୍ୟରେ ଆମେରିକୀୟ ସୈନ୍ୟଙ୍କ ମୁତୟନ ୨୦୨୭ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍‌ର ଏକ ରିପୋର୍ଟ ଅନୁସାରେ ଏହି ମୁତୟନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଯୁଦ୍ଧରେ ଅଧିକ ବିକଳ୍ପ ଦେବା ପାଇଁ ଏକ ଖୋଲା ସାମରିକ ରଣନୀତିର ଅଂଶ। ବର୍ତ୍ତମାନ ଟ୍ରମ୍ପଙ୍କ ପାଖରେ ଇରାନ ଉପରେ ଆର୍ଥିକ ଚାପ ପ୍ରୟୋଗ କରିବା ସହିତ ବଡ଼ ଓ ବ୍ୟାପକ ଆକ୍ରମଣ କରିବା ବିକଳ୍ପ ରହିଛି। ରିପୋର୍ଟରେ କୁହାଯାଇଛି ଯେ ହେଗସେଥ୍ ମୂଳତଃ ଇରାନ ବିରୋଧରେ ଏକ ସଂକ୍ଷିପ୍ତ ଓ ନିର୍ଣ୍ଣାୟକ ସାମରିକ ଅଭିଯାନ ଭାବରେ ଉପସ୍ଥାପନ କରିଥିବା ପରିକଳ୍ପନା ବର୍ତ୍ତମାନ ବହୁଗୁଣିତ ହୋଇଛି। ଏବେ ମଧ୍ୟପ୍ରାଚ୍ୟରେ ଆମେରିକାର ପ୍ରାୟ ୫୦, ୦୦୦ ସୈନ୍ୟ ସହିତ ବିଶାଳ ବାୟୁ ପ୍ରତିରକ୍ଷା ୟୁନିଟ୍ ଓ ପାରାଟ୍ରୁପର୍ ରହିଛନ୍ତି।

**୨୦୨୭ ଯାଏ ମଧ୍ୟପ୍ରାଚ୍ୟରେ ରହିବେ ଆମେରିକାର ସେନା**

**ଅର୍ଥନୈତିକ ଚାପ ଲାଗି ଖାର୍ଗ ଦ୍ୱୀପକୁ ଟାର୍ଗେଟ୍**



ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ସେମାନଙ୍କୁ ଲମ୍ବା ଅବଧି ପାଇଁ ରହିବାକୁ ନିର୍ଦ୍ଦେଶ ଦିଆଯାଉଛି। ବାୟୁସେନାର ମୁତୟନ ୯ ମାସରୁ ୧୨ ମାସକୁ ବଢ଼ିଛି ଏବଂ ୟୁରୋପ୍ ଓ ପ୍ରଶାନ୍ତ ମହାସାଗରରୁ ମଧ୍ୟପ୍ରାଚ୍ୟକୁ ଯିବାକୁ ଆଦେଶ ପାଇଥିବା ୟୁନିଟ୍‌ଗୁଡ଼ିକ ଏକ ବର୍ଷରୁ ଅଧିକ ସମୟ ଧରି ସେଠାରେ ମୁତୟନ ରହିବେ ବୋଲି କୁହାଯାଇଛି। ଏହି ବିସ୍ତାରିତ ମୁତୟନ ଆମେରିକୀୟ ସେବାସଦସ୍ୟ, ସେମାନଙ୍କ ପରିବାର ଓ ସାମରିକ ଉପକରଣ ଉପରେ କ୍ରମଶଃ ଚାପ ସୃଷ୍ଟି କରୁଛି। ଆମେରିକା ନୌବାହିନୀ ମଧ୍ୟ ସମାନ ଚାପର ସମ୍ମୁଖୀନ ହେଉଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ୧୯ଟି ଯୁଦ୍ଧଜାହାଜ ରହିଛି ଯେଉଁଥିରେ ଦୁଇଟି ବିମାନବାହୀ ଜାହାଜ ଓ ୧୩ଟି ଗାଇଡେଡ୍ ମିସାଇଲ୍ ଡେଷ୍ଟ୍ରୟର୍ ଅଛି। ଯୁଦ୍ଧ ଆରମ୍ଭରେ ଅଞ୍ଚଳକୁ ପଠାଯାଇଥିବା ଦୁଇଟି ଆମେରିକୀୟ ଡେଷ୍ଟ୍ରୟର୍ ବର୍ତ୍ତମାନ ଅବରୋଧ ଲାଗୁ କରିବାରେ ସାହାଯ୍ୟ କରୁଛି।

**ନଭେମ୍ବରେ ମଧ୍ୟବର୍ତ୍ତୀ ନିର୍ବାଚନ**

## ଯୁଦ୍ଧ ଅବଧି ବଢ଼ିବାକୁ ନେଇ ରିପବ୍ଲିକାନ୍‌ଙ୍କ ଚିନ୍ତା

ଟ୍ରମ୍ପ ପ୍ରଶାସନ ଇରାନୀୟ ନେତୃତ୍ୱକୁ ଆଲୋଚନା ଟେବୁଲକୁ ଫେରାଇବା ପାଇଁ ଇରାନ ଉପରେ ଗମ୍ଭୀର ଆର୍ଥିକ ଚାପ ସୃଷ୍ଟି କରିଛି। ରିପୋର୍ଟରେ କୁହାଯାଇଛି ଯେ ଟ୍ରମ୍ପ ତାଙ୍କ ବରିଷ୍ଠ ସହାୟକମାନଙ୍କ ସହିତ ଗୋପନୀୟଭାବେ ଇରାନ ଯୁଦ୍ଧକୁ ଶେଷ ଘୋଷଣା କରିବା ବିଷୟରେ ଆଲୋଚନା କରୁଛନ୍ତି। ଟ୍ରମ୍ପ ସୋସିଆଲ ମିଡ଼ିଆରେ ଲେଖିଛନ୍ତି 'ମୁଁ ଆମର ବର୍ତ୍ତମାନର ସ୍ଥିତିକୁ ପ୍ରଶଂସା କରୁଛି। ହର୍ମୁଜ ଉପରେ ପ୍ରାୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ସେମାନଙ୍କ ଅର୍ଥନୀତି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ୁଛି।' ବର୍ତ୍ତମାନ ଟ୍ରମ୍ପଙ୍କ ସହାୟକମାନେ ଚିନ୍ତିତ ଯେ ଯୁଦ୍ଧ ଅବଧି ବଢ଼ିଲେ ନଭେମ୍ବର ମଧ୍ୟବର୍ତ୍ତୀ ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀମାନଙ୍କୁ ନକାରାତ୍ମକ ପ୍ରଭାବର ସମ୍ମୁଖୀନ ହେବାକୁ ପଡ଼ିବ। ଟ୍ରମ୍ପ କହିଛନ୍ତି ଯେ ଯୁଦ୍ଧ ସମ୍ପର୍କିତ ନିଷ୍ପତ୍ତି ନେବା ସମୟରେ ସେ ନିର୍ବାଚନୀ ଫଳାଫଳ ବିଷୟରେ ବିଚାର କରୁନାହାନ୍ତି।

## ପିକାକ୍ସ ପର୍ବତ ଉଡ଼ାଇବାକୁ ଧମକ ଦେଲେ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପିକାକ୍ସ ପର୍ବତ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଆମେରିକୀୟ ସେନା ଖୁବ୍ ଶୀଘ୍ର ଏହି ଇରାନୀ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିପାରନ୍ତି। ଆମେରିକା ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଇରାନର ନାଟାଞ୍ଜ ୟୁରାନିୟମ୍ ସମୃଦ୍ଧି କେନ୍ଦ୍ର ନିକଟରେ ଅବସ୍ଥିତ ପିକାକ୍ସ ଏକ ଅତ୍ୟନ୍ତ ସୁରକ୍ଷିତ ସ୍ଥାନ। ସେଠାରେ ଭୂପୃଷ୍ଠର ପ୍ରାୟ ୪୦୦ ଫୁଟ ତଳେ ଦୁଇଟି ସୁଡ଼ଙ୍ଗ କମ୍ପ୍ଲେକ୍ସ ରହିଥିବା ଜଣାପଡ଼ିଛି। ତେଣୁ ଏହାକୁ ବଙ୍କର-ବଷ୍ଟର ବୋମା ଦ୍ୱାରା ଟାର୍ଗେଟ କରାଯାଇପାରେ। ଆମେରିକାର ଜିବିୟୁ-୫୭ ବଙ୍କର ବଷ୍ଟର ବୋମା ୧୩, ୦୦୦ କିଲୋଗ୍ରାମ ଓଜନର ଓ ଏହା ବିସ୍ଫୋରଣ ହେବା ପୂର୍ବରୁ ୬୦ ଫୁଟ କଂକ୍ରିଟ୍ କିମ୍ବା ୨୦୦ ଫୁଟ ମାଟି ଭେଦ କରିବାକୁ ସକ୍ଷମ ବୋଲି କୁହାଯାଉଛି।

---

# ସ୍ୱତନ୍ତ୍ର ଭରଦ୍ୱାଜ ଗିରଫ

**ଦିନକ ପାଇଁ ପୁଲିସ ହେପାଜତରେ**



ନୂଆଦିଲ୍ଲୀ,୫।୯: ଦିଲ୍ଲୀ ପୁଲିସ ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ଗିରଫ କରିଛି। ତାଙ୍କୁ ପଟିଆଲା ହାଉସ କୋର୍ଟର ବିଚାରପତିଙ୍କ ବାସଭବନରେ ହାଜର କରାଯାଇଥିଲା, ଯାହା ପରେ କୋର୍ଟ ତାଙ୍କୁ ଗୋଟିଏ ଦିନ ପାଇଁ ପୋଲିସ ହେପାଜତକୁ ପଠାଇ ଦେଇଛନ୍ତି। ଗତକାଲି ବିଳମ୍ବିତ ସାରେ ଭରଦ୍ୱାଜଙ୍କୁ ଉତ୍ତର ପ୍ରଦେଶର ବୁଲନ୍ଦସହରରୁ ଅଟକ ରଖାଯାଇଥିଲା। ଗତକାଲି ଦିଲ୍ଲୀ ପୋଲିସ ଭରଦ୍ୱାଜଙ୍କ ବିରୋଧରେ ଏକ ଏଫଆଇଆରରେ ଏସସି/ଏସଟି ଆଇନର ଧାରା ଯୋଡ଼ିଛି। ଏହା ସହିତ, ସେମାନେ ତାଙ୍କ ବିରୁଦ୍ଧରେ ପକ୍ସୋ ଆଇନ ଅନୁଯାୟୀ ଏକ ନୂତନ ମାମଲା ପଞ୍ଜିକୃତ କରିଛନ୍ତି। ଗିରଫ ପରେ, ଦିଲ୍ଲୀ ପୋଲିସ ବର୍ତ୍ତମାନ ତାଙ୍କୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ପଟିଆଲା ହାଉସ କୋର୍ଟରେ ହାଜର କରିବ।

## ପିତାଙ୍କୁ ମନେପକାଇ ଭାବପ୍ରବଣ ହେଲେ ସଚିନ୍



ମୁମ୍ବାଇ,୫।୯: 'କ୍ରିକେଟ୍‌ର ଭଗବାନ' ଭାବେ ସମ୍ମାନିତ ସଚିନ ତେନ୍ଦୁଲକର ଶନିବାର ତାଙ୍କ ପିତାଙ୍କୁ ମନେ ପକାଇ ଭାବପ୍ରବଣ ହୋଇଛନ୍ତି। ସେ ତାଙ୍କ ପିତା ରମେଶ ତେନ୍ଦୁଲକରଙ୍କୁ ତାଙ୍କର ପ୍ରଥମ ପରାମର୍ଶଦାତା ଓ ମାର୍ଗଦର୍ଶକ ଭାବରେ ବର୍ଣ୍ଣନା କରି ଉଲ୍ଲେଖ କରିଛନ୍ତି ଯେ, ସେ ହିଁ ପ୍ରଥମେ ତାଙ୍କ କ୍ରିକେଟ ପ୍ରତି ପ୍ରେମକୁ ଚିହ୍ନିଥିଲେ ଓ ତାଙ୍କୁ ଖେଳରେ କ୍ୟାରିଅର କରିବା ପାଇଁ ସ୍ୱାଧୀନତା ଦେଇଥିଲେ। ସଚିନ ତାଙ୍କ ସ୍ୱାସ୍ଥ୍ୟସେବା ସହଯୋଗୀ 'ଇଙ୍ଗା ହେଲ୍ଥ ଫାଉଣ୍ଡେସନ' ସହିତ ମିଶି 'ପ୍ରଫେସର ରମେଶ ତେନ୍ଦୁଲକର ମେମୋରିଆଲ ଫେଲୋସିପ' ଆରମ୍ଭ କରିବାର ଘୋଷଣା କରିଛନ୍ତି। 'ଏକ୍ସ'ରେ ତାଙ୍କ ପିତାଙ୍କ ସହ ଏକ ଫଟୋ ଶେୟାର କରି ସଚିନ ଲେଖିଛନ୍ତି, 'ଯେତେବେଳେ ମୁଁ ମୋ ଯାତ୍ରାକୁ ଗଢ଼ି ତୋଳିଥିବା ଲୋକଙ୍କ ବିଷୟରେ ଭାବେ, ଏହା କ୍ରିକେଟ ପଡ଼ିଆରୁ କିମ୍ବା ପ୍ରଶିକ୍ଷକଙ୍କ ସହିତ ଆରମ୍ଭ ହୁଏ ନାହିଁ; ଏହା ଘରୁ ଆରମ୍ଭ ହୁଏ।'

**ଏସେଲ ଗ୍ରୁପର ଅଧ୍ୟକ୍ଷଙ୍କ ବଢ଼ିଲା ଅଡୁଆ**

## ଠକେଇ ଅଭିଯୋଗରେ ମାମଲା ରୁଜୁକଲା ସିବିଆଇ



ନୂଆଦିଲ୍ଲୀ,୫।୯: ଏସେଲ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଓ ଜି ଗ୍ରୁପ୍‌ର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ରାଙ୍କ ଅଡୁଆ ବଢ଼ିଛି। ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ସହ ପ୍ରାୟ ୧, ୩୨୨ କୋଟି ଟଙ୍କାର କଥିତ ଠକେଇ ଅଭିଯୋଗରେ ସିବିଆଇ ତାଙ୍କ ସମେତ ଅନ୍ୟ କିଛି ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ରିପୋର୍ଟ ଅନୁସାରେ, ଏଲଆଇସି ହାଉସିଂ ଫାଇନାନ୍ସର ଅଭିଯୋଗ ଆଧାରରେ ସୁଭାଷ ଚନ୍ଦ୍ରାଙ୍କ ବ୍ୟତୀତ ପଙ୍କଜ ସୁରୋଲିଆ, ଅମିଶ ପାଣ୍ଡ୍ୟା ଓ ରାଜୀବ ଢୋଲକିଆଙ୍କୁ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ କରାଯାଇଛି। ୨୦୧୮ରୁ ୨୦୨୬ ମଧ୍ୟରେ ଏଲଆଇସି ହାଉସିଂ ଫାଇନାନ୍ସ ସହ ୧, ୩୨୨ କୋଟି ଟଙ୍କାରୁ ଅଧିକ ଅର୍ଥ ସମ୍ପର୍କିତ ଅନିୟମିତତା ଓ ଠକେଇ ହୋଇଥିବା ଅଭିଯୋଗ ରହିଛି। ଅଭିଯୋଗ ଅନୁସାରେ, ବସନ୍ତ ସାଗର ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍ ସମେତ ଅନ୍ୟ କିଛି କମ୍ପାନୀ ପାଇଁ ଋଣ ସୁବିଧା ନେବା ସମୟରେ ସୁଭାଷ ଚନ୍ଦ୍ରାଙ୍କ ନାମରେ ଏକ ନେଟ୍‌ୱର୍ଥ ସାର୍ଟିଫିକେଟ୍ ଦାଖଲ କରାଯାଇଥିଲା। ସେଥିରେ ୨୦୧୮ରେ ତାଙ୍କ ନେଟ୍‌ୱର୍ଥ ପ୍ରାୟ ୫୯, ୧୧୩ କୋଟି ଟଙ୍କା ଥିବା ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ଏହି ନେଟ୍‌ୱର୍ଥ ସାର୍ଟିଫିକେଟ୍ ଆଧାରରେ ଚନ୍ଦ୍ରାଙ୍କ ସହ ସମ୍ପର୍କିତ ତିନିଟି କମ୍ପାନୀକୁ ଏଲଆଇସି ହାଉସିଂ ଫାଇନାନ୍ସ ପକ୍ଷରୁ ଋଣ ଦିଆଯାଇଥିବା କୁହାଯାଉଛି।

## ସାମରିକ ଘାଟିରେ ବିସ୍ଫୋରଣ, ୧୫ ମୃତ



ଲା ପାଜ୍, ୫।୯: ବୋଲିଭିଆରେ ଏକ ସାମରିକ ଘାଟିରେ ବିସ୍ଫୋରଣ ଘଟି ୧୫ ଜଣଙ୍କର ମୃତ୍ୟୁ ହୋଇଛି। ବୋଲିଭିଆ ରାଜଧାନୀ ଲା ପାଜ୍ ଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ଭାୟାଚା ପୌରପାଳିକାରେ ଥିବା ଏକ ସାମରିକ ବାରାକରେ ଏହି ବିସ୍ଫୋରଣ ଘଟିଛି। ବାଣ ଗଚ୍ଛିତ ଥିବା ଏକ ଅଞ୍ଚଳରେ ବିସ୍ଫୋରଣ ଘଟିଥିଲା। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଭାୟାଚାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରୀତା ନେବ୍ରାସ୍କା ସ୍ଥାନୀୟ ଟେଲିଭିଜନକୁ କହିଛନ୍ତି ଯେ ଏହି ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ଲା ପାଜ୍‌ର ଡାକ୍ତରଖାନାକୁ ନିଆଯାଇଛି। ସେମାନଙ୍କ ମଧ୍ୟରେ ଗୁରୁତର ଭାବେ ପୋଡ଼ି ଯାଇଥିବା ଜଣେ ଝିଅ ଅଛନ୍ତି।

## ବିଏଲଏ ଓ ପାକ୍‌ସେନା ମୁହାଁମୁହିଁ, ୭୫ ମୃତ

କ୍ୱେଟା, ୫।୯: ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ହିଂସାକାଣ୍ଡ ପୁଣି ଥରେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଶୁକ୍ରବାର ବଲୁଚିସ୍ତାନ ଲିବରେସନ୍ ଆର୍ମି (ବିଏଲଏ) ଦୁଇଟି ପୃଥକ୍ ସାମରିକ ଆକ୍ରମଣ କରି ପାକିସ୍ତାନୀ ସେନାର ୨୫ ଜଣ ଯବାନଙ୍କୁ ହତ୍ୟା କରିଥିବା ଦାବି କରିଛି। ଏହି ସାଂଘାତିକ ଘଟଣା ପରେ ପାକିସ୍ତାନ ସେନା ଦ୍ୱାରା ଆରମ୍ଭ ହୋଇଥିବା ପ୍ରତିଶୋଧମୂଳକ ଚଢ଼ାଉରେ ପ୍ରାୟ ୫୦ ଜଣ ବିଦ୍ରୋହୀ ନିହତ ହୋଇଥିବା ସାମରିକ ସୂତ୍ରରୁ ଦାବି କରାଯାଇଛି।

---

## ୨୬ରେ ଜାତିସଂଘକୁ ସମ୍ବୋଧିତ କରିବେ ଜୟଶଙ୍କର

ନ୍ୟୁୟର୍କ,୫।୯: ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସେପ୍ଟେମ୍ବର ୨୬ ରେ ଜାତିସଂଘ ସାଧାରଣ ପରିଷଦ ଅଧିବେଶନକୁ ସମ୍ବୋଧିତ କରିବେ। ସଂଶୋଧିତ ବକ୍ତାଙ୍କ ଅସ୍ଥାୟୀ ତାଲିକାରୁ ଏହା ଜଣାପଡ଼ିଛି। ୟୁଏନଜିଏର ୮୧ତମ ଅଧିବେଶନ ସେପ୍ଟେମ୍ବର ୮ ରେ ଆରମ୍ଭ ହେଉଥିବା ବେଳେ ୧୯୩ ସଦସ୍ୟ ବିଶିଷ୍ଟ ସାଧାରଣ ପରିଷଦର ଆଲୋଚନା ଅଧିବେଶନ ସେପ୍ଟେମ୍ବର ୨୨ ରୁ ୨୮ ମଧ୍ୟରେ ଅନୁଷ୍ଠିତ ହେବ। କାର୍ଯ୍ୟସୂଚୀ ଅନୁସାରେ, ଜୟଶଙ୍କରଙ୍କ ଅଭିଭାଷଣ ସେପ୍ଟେମ୍ବର ୨୬ ଅପରାହ୍ନରେ ହୋଇପାରେ। ଗତ ବର୍ଷ ମଧ୍ୟ ଜୟଶଙ୍କର ଜାତିସଂଘ ମଞ୍ଚରୁ ବିଶ୍ୱ ନେତାମାନଙ୍କୁ ସମ୍ବୋଧିତ କରିଥିଲେ। ସେପ୍ଟେମ୍ବର ୨୨ ତାରିଖରେ ସାଧାରଣ ବିତର୍କ ଆରମ୍ଭ ହେବ, ପ୍ରଥମ ଅଭିଭାଷଣ ବ୍ରାଜିଲ ପ୍ରଦାନ କରିବ ଏବଂ ତା'ପରେ ଆମେରିକା। ବାଂଲାଦେଶ ଜାତିସଂଘ ସାଧାରଣ ପରିଷଦର ୮୧ତମ ଅଧିବେଶନରେ ଅଧ୍ୟକ୍ଷତା କରିବ।



# ଗୁରୁଦିବସରେ ଶିକ୍ଷକଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୫।୯: ଗୁରୁଦିବସ ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛି ବିଶେଷ ଶିକ୍ଷକଙ୍କୁ ଭେଟିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବା ଶିକ୍ଷକମାନଙ୍କୁ ଏଥିରେ ଆମନ୍ତ୍ରଣ କରାଯାଇଥିଲା।

କାର୍ଯ୍ୟକ୍ରମ ସମୟରେ ପିଏମ ମୋଦି ଶିକ୍ଷକମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ସେମାନଙ୍କଠାରୁ ପରାମର୍ଶ ମଧ୍ୟ ମାଗିଥିଲେ। ଏହାର ଏକ ଭିଡିଓ ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମଧ୍ୟ ଶେୟାର କରାଯାଇଛି।

ଜାତୀୟ ପୁରସ୍କାରପ୍ରାପ୍ତ ଜଣେ ଶିକ୍ଷକଙ୍କ ସହ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ସେ କାଶୀର ସାଂସଦ। ସେଠାରେ ସେ ବ୍ରେଷ୍ଟ କ୍ୟାନସରକୁ ନେଇ ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ଏବେ ମହିଳାମାନେ ନିଜେ ଆଗକୁ ଆସି ଯାଞ୍ଚ କରାଉଥିବା ଦେଖି ସେ ଖୁସି ଅନୁଭବ କରୁଥିବା କହିଥିଲେ। ପୂର୍ବରୁ ଏଭଳି ସ୍ଥିତି ନଥିଲା ବୋଲି ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହାସହ ଗୋଟିଏ ଦିନରେ ସର୍ବାଧିକ ଲୋକଙ୍କ ସ୍କ୍ରିନିଂ କରାଯିବା ଏକ ବିଶ୍ୱ ରେକର୍ଡ ହୋଇଥିବା ଅନୁଭୂତି ବିଷୟରେ ମଧ୍ୟ ସେ କହିଥିଲେ।



ଆଲୋଚନାର ଏକ ରୋଚକ ଅଂଶ ଥିଲା ପବ୍ଲିକ ସ୍ପିକିଂ। ନିଜର ବକ୍ତୃତା କୌଶଳକୁ ଆହୁରି ଭଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଜଣେ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ମାଗିଥିଲେ। ଯଦି ମୁଁ ଆପଣଙ୍କ ପାଖରେ ଜଣେ ଛାତ୍ର ହୋଇଥାନ୍ତି ଓ ଜଣେ ଦକ୍ଷ ବକ୍ତା ହେବାକୁ ଚାହୁଁଥାନ୍ତି, ତେବେ ଆପଣ ମୋତେ କ'ଣ ପରାମର୍ଶ ଦେଇଥାନ୍ତେ ବୋଲି ମୋଦି ପଚାରିଥିଲେ।

ଏହାର ଉତ୍ତରରେ ଶିକ୍ଷୟିତ୍ରୀ ଜଣକ କହିଥିଲେ ଯେ ଜଣେ ଦକ୍ଷ ବକ୍ତା ହେବା ପାଇଁ ପ୍ରଥମେ ଆତ୍ମବିଶ୍ୱାସ ଆବଶ୍ୟକ। ଅଧିକ ଅଭ୍ୟାସ ଦ୍ୱାରା ଆତ୍ମବିଶ୍ୱାସ ଆସିଥାଏ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଦେଖି ସେ ନିଜେ ମଧ୍ୟ ଟିକେ ନର୍ଭସ ହୋଇଯାଇଥିବା କଥା ହସିହସି କହିଥିଲେ। ଶିକ୍ଷକ ଦିବସର ଏହି ସାକ୍ଷାତକାରରେ ପିଏମ ମୋଦି ଓ ଶିକ୍ଷକମାନଙ୍କ ମଧ୍ୟରେ ହୋଇଥିବା ଏହି ଆଲୋଚନା ଏବେ ଚର୍ଚ୍ଚାରେ ରହିଛି।

---

**ବଦଳିଲା ବିଶ୍ୱ ମାନଚିତ୍ର**

# ନିର୍ଭୁଲ ଭାବେ ଦେଖାଯିବ ଭାରତ ଓ ଆଫ୍ରିକା

ନୂଆଦିଲ୍ଲୀ,୫।୯: ଜାତିସଂଘ ସାଧାରଣ ପରିଷଦରେ ବୈଶ୍ୱିକ ମାନଚିତ୍ରକୁ ମହାଦ୍ୱୀପଙ୍କ ବାସ୍ତବିକ୍ କ୍ଷେତ୍ରଫଳକୁ ଅତି ନିକଟରୁ ଦେଖାଉଥିବା 'କରେକ୍ଟ ଦି ମ୍ୟାପ୍' ପ୍ରସ୍ତାବ ସଂଖ୍ୟାଗରିଷ୍ଠ ମତରେ ଗୃହୀତ ହୋଇଛି। ଟୋଗୋ ପକ୍ଷରୁ ଉପସ୍ଥାପିତ ତଥା ଆଫ୍ରିକୀୟ ସଂଘର ସମର୍ଥନ ଥିବା ଏହି ପ୍ରସ୍ତାବ ସପକ୍ଷରେ ୧୬୪ଟି ଦେଶ ଅଛନ୍ତି। କେବଳ ଯୁକ୍ତରାଷ୍ଟ୍ର ଆମେରିକା ଏହାକୁ ବିରୋଧ କରିଛି। ସେହିପରି ଏଷ୍ଟୋନିୟା, ଜର୍ଜିୟା, ଲିଥୁଆନିୟା, ମାଲଡୋଭା ଓ ୟୁକ୍ରେନ ଭୋଟରୁ ଦୂରେଇ ରହିଥିଲେ।



ଭାରତ ଏହି ପ୍ରସ୍ତାବକୁ ସମର୍ଥନ କରି ସପକ୍ଷରେ ମତଦାନ କରିଛି। ତେବେ ଏହି ପ୍ରସ୍ତାବ ବାଧ୍ୟକାରୀ ନୁହେଁ, ହେଲେ ଏବେ ବିଭିନ୍ନ ସରକାର ଓ ଅନ୍ତର୍ଜାତୀୟ ଏଜେନ୍ସି ସ୍କୁଲ, ମିଡିଆ, ଡିଜିଟାଲ ପ୍ଲାଟଫର୍ମ ଓ ଅଧିକାରୀକ ମାନଚିତ୍ରରେ ଥିବା ମର୍କେଟର ପ୍ରେଜେକ୍ସନ ବଦଳେ ସମାନ କ୍ଷେତ୍ରର ମାନଚିତ୍ରକୁ ପ୍ରୋତ୍ସାହିତ କରିପାରିବେ। ମୋଟ ଉପରେ ଏବେ ବିଶ୍ୱ ମାନଚିତ୍ରରେ ଭାରତର ନକ୍ସା ବଡ଼ ଆକାରରେ ଦେଖାଯିବ। ଆଫ୍ରିକା ଓ ଅନ୍ୟ ଦେଶଙ୍କ ମାନଚିତ୍ର ମଧ୍ୟ ଠିକ୍ ଭାବେ ସାମ୍ନାକୁ ଆସିବ। ଆମେରିକା ଓ କେତେକ ପାଶ୍ଚାତ୍ୟ ଦେଶ ମାନଚିତ୍ରରେ ବାସ୍ତବ କ୍ଷେତ୍ରଫଳଠାରୁ ଅଧିକ ବିଶାଳ ଖଣ୍ଡ ଭାବେ ଦେଖାଯାଉଛନ୍ତି। ଏଥିରେ ଆଫ୍ରିକା ଓ ଦକ୍ଷିଣ ଏସିୟା ଆକାରକୁ ଛୋଟ ଓ ସଂକୁଚିତ ହେଉଥିବା ଦେଖା ଯାଉଛି। ପ୍ରସ୍ତାବରେ କୁହାଯାଇଛି ଯେ ଏହି ବିକୃତି ବିଶ୍ୱର ଅସନ୍ତୁଳିତ ଛବି ତିଆରି କରୁଛି। ତେବେ ଏହାର ପ୍ରଭାବ ସିଧା ଭାରତ ଉପରେ ପଡ଼ିବ ନାହିଁ। ଏଥିରେ କୌଣସି ଦେଶର ଭୌଗୋଳିକ କ୍ଷେତ୍ରଫଳ ବଢ଼ିଯିବନି। ତେବେ ଫରକ କେବଳ ଏତିକି ରହିବ ଯେ ସମାନ କ୍ଷେତ୍ରଫଳର ନକ୍ସାରେ ଭାରତ ଓ ଦକ୍ଷିଣ ଏସିୟା, ୟୁରୋପ ଓ ଉତ୍ତର ଆମେରିକା ତୁଳନାରେ ଅଧିକ ବାସ୍ତବିକ ଅନୁପାତରେ ଦେଖାଯିବ। ବିଦ୍ୟାଳୟ ଶ୍ରେଣୀ ଓ ସମ୍ବାଦ ସରବରାହରେ ଦେଶର ଭୌଗୋଳିକ ଓଜନ ଏବେ ଛୋଟ ଲାଗିବ ନାହିଁ।

## ବିଜେପିର ନିର୍ବାଚନୀ ଷଡ଼୍‌ଯନ୍ତ୍ର ଏସଆଇଆର

ହାଇଦ୍ରାବାଦ,୫।୯: ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ବ୍ୟବହାର କରି ବିଜେପି ତେଲେଙ୍ଗାନା ଜିତିବା ପାଇଁ ଷଡ଼୍‌ଯନ୍ତ୍ର କରୁଥିବା ଅଭିଯୋଗ କରିଛନ୍ତି। ଦଳ ପଶ୍ଚିମବଙ୍ଗ, ବିହାର ଓ ମହାରାଷ୍ଟ୍ରରେ ସମାନ କାର୍ଯ୍ୟ କରିଛି। ଏବେ ତେଲେଙ୍ଗାନାରେ ଏହାର ପୁନରାବୃତ୍ତି କରିବାକୁ ଚାହୁଁଛି। ରାଜ୍ୟର ବିରୋଧୀ ଦଳ ଭାରତ ରାଷ୍ଟ୍ର ସମିତି (ବିଆରଏସ) ମଧ୍ୟ ଏହି କାର୍ଯ୍ୟରେ ବିଜେପିକୁ ସମର୍ଥନ କରୁଥିବା ଅଭିଯୋଗ କରିଛନ୍ତି। କୋଡାଙ୍ଗାଲସ୍ଥିତ ତାଙ୍କ ବାସଭବନରେ କଂଗ୍ରେସ କର୍ମୀ ଓ ସ୍ଥାନୀୟ ନେତାମାନଙ୍କୁ ସମ୍ବୋଧିତ କରି ରେଡ୍ଡୀ ଦାବି କରିଛନ୍ତି ଯେ, ଅଣ-ବିଜେପି ଶାସିତ ରାଜ୍ୟଗୁଡ଼ିକୁ ଟାର୍ଗେଟ କରାଯାଉଛି। ବିଜେପି ୨୦୨୮ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ସପକ୍ଷରେ ଥିବା ଏସସି, ଏସଟି ଏବଂ ସଂଖ୍ୟାଲଘୁ ଭୋଟରମାନଙ୍କୁ ଟାର୍ଗେଟ କରାଯାଉଛି।



---

## ମହିଳାଙ୍କୁ ଉଲଗ୍ନ କରି ମାଡ଼, ଭିଡିଓ କରି ବ୍ଲାକମେଲ୍

ବେଙ୍ଗାଲୁରୁ,୫।୯: ଋଣ ସୁଧ ଟଙ୍କା ପରିଶୋଧ ନ କରିପାରିବାରୁ ସୁଧ କାରବାରକାରୀ ମହିଳାଙ୍କୁ ନଗ୍ନ କରି ଅତ୍ୟନ୍ତ ନିର୍ମମ ଭାବେ ମାରପିଟ୍ କରିବା ସହ ତାଙ୍କର ଭିଡିଓ ରେକର୍ଡିଂ କରିଥିବା ଅଭିଯୋଗ ହୋଇଛି। ବେଙ୍ଗାଲୁରୁ ସହରରେ ଘଟିଥିବା ଏହି ଘଟଣାରେ ପୁଲିସ ରେଶମା ବାନୁ, ନଜାଥ୍ ଏବଂ ରେଶମାଙ୍କ ସ୍ୱାମୀ ସୁହେଲଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ମହିଳାଜଣକ ପ୍ରାୟ ୨ ବର୍ଷ ପୂର୍ବେ ରେଶମା ବାନୁଙ୍କଠାରୁ ୧ ଲକ୍ଷ ଟଙ୍କା ଋଣ ନେଇଥିଲେ। ପରବର୍ତ୍ତୀ ସମୟରେ ରେଶମାଙ୍କ ମାଧ୍ୟମରେ ନଜାଥଙ୍କଠାରୁ ଅଧିକ ୫୦ ହଜାର ଟଙ୍କା ଆଣିଥିଲେ। ଆର୍ଥିକ ସମସ୍ୟା ଯୋଗୁଁ ମହିଳାଜଣକ ଗତ ୬ ମାସ ହେବ ଋଣର ସୁଧ ଏବଂ ୨ ମାସ ହେବ କିସ୍ତି ଟଙ୍କା ଦେଇପାରି ନଥିଲେ। କାମ ଦେବା ବାହାନାରେ ନଜାଥ୍ ମହିଳାଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଡାକିଥିଲେ। ମହିଳାଜଣକ ସେଠାରେ ପହଞ୍ଚିବା କ୍ଷଣି ରେଶମା ଓ ସୁହେଲ ଆସି ତାଙ୍କୁ ଛୁରୀ ଦେଖାଇ ଆକ୍ରମଣ କରିଥିଲେ।



## ସମାନ ସୁଯୋଗ ସହିତ ଶିକ୍ଷା ବ୍ୟବସ୍ଥା ପାଇଁ ରାହୁଲଙ୍କ ଆହ୍ୱାନ

ନୂଆଦିଲ୍ଲୀ,୫।୯: ଗୁରୁ ଦିବସ ଅବସରରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦେଶରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ସୁଯୋଗ ଓ ଉତ୍ତମ ଶିକ୍ଷା ମିଳିବା ଭଳି ଶିକ୍ଷା ବ୍ୟବସ୍ଥା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇ ରାହୁଲ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା ଓ ଆଗାମୀ ପିଢ଼ିକୁ ଦିଗଦର୍ଶନ ଦେବାରେ ଶିକ୍ଷକଙ୍କ ଭୂମିକା ଅମୂଲ୍ୟ। ରାହୁଲ ଗାନ୍ଧୀ କହିଛନ୍ତି, ଦେଶର ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ସମ୍ମୁଖରେ ଅନେକ ଗୁରୁତର ପ୍ରଶ୍ନ ରହିଛି। ତେଣୁ ସମସ୍ତେ ମିଶି ଏଭଳି ଏକ ଶିକ୍ଷା ବ୍ୟବସ୍ଥା ଗଢ଼ିବା ଆବଶ୍ୟକ, ଯେଉଁଠି ପ୍ରତ୍ୟେକ ଛାତ୍ରଛାତ୍ରୀ ସମାନ ସୁଯୋଗ, ଗୁଣାତ୍ମକ ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇପାରିବେ। ଏହି ଅବସରରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ ଶିକ୍ଷକ ଦିବସ ଭାବେ ପାଳନ କରାଯାଏ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ମଧ୍ୟ ଶିକ୍ଷକମାନଙ୍କ ସହ ଡ. ରାଧାକୃଷ୍ଣନଙ୍କୁ ସ୍ମରଣ କରିଥିଲେ।



**'ଧରତୀପକଡ'ଙ୍କ ପରଲୋକ**

## ଲଢ଼ିଥିଲେ ୨୮୦ଟି ନିର୍ବାଚନ

ନୂଆଦିଲ୍ଲୀ,୫।୯: 'ଧର୍‌ତୀପକଡ଼୍' ନାମରେ ଜଣାଶୁଣା ଓ ୨୮୦ ଥରରୁ ଅଧିକ ଥର ନିର୍ବାଚନ ଲଢ଼ି ପରିଚିତ ହୋଇଥିବା ନାଗରମଲ ବାଜୋରିଆଙ୍କର ୯୭ ବର୍ଷ ବୟସରେ ଦେହାନ୍ତ ହୋଇଛି। ୧୯୩୦ ମସିହାରେ ବ୍ରିଟିଶ ଭାରତର ଅଂଶ ଲାହୋରରେ ଜନ୍ମଗ୍ରହଣ କରିଥିଲେ। ନାଗରମଲଙ୍କ ପରିବାର ସ୍ୱାଧୀନତା ପୂର୍ବରୁ ବିହାରର ଭାଗଲପୁରକୁ ଚାଲି ଆସିଥିଲେ। ନାଗରମଲ ଜଣେ ବ୍ୟବସାୟୀ ହୋଇଥିଲେ ମଧ୍ୟ ଦଶନ୍ଧି ଦଶନ୍ଧି ଧରି ନିର୍ବାଚନ ଲଢ଼ି ସେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

## ଜମ୍ମୁ-କଶ୍ମୀରରେ ଲସ୍କରର ପାକିସ୍ତାନୀ କମାଣ୍ଡର ନିହତ

ଶ୍ରୀନଗର,୫।୯: ଜମ୍ମୁ-କଶ୍ମୀରରେ ଆତଙ୍କବାଦ ବିରୋଧୀ ଅଭିଯାନରେ ସୁରକ୍ଷାବଳଙ୍କୁ ମିଳିଛି ବଡ଼ ସଫଳତା। କେନ୍ଦ୍ରୀୟ କଶ୍ମୀରର ବଡଗାମ ଜିଲ୍ଲାର ୟୁସମର୍ଗ ଅଞ୍ଚଳରେ ହୋଇଥିବା ଏନକାଉଣ୍ଟରରେ ପାକିସ୍ତାନୀ ନାଗରିକ ଏବଂ ଲଶ୍କର-ଇ-ତୋଇବାର କମାଣ୍ଡର ୟାସିର ନିହତ ହୋଇଛି। ଜମ୍ମୁ-କଶ୍ମୀର ପୋଲିସ ତା'ର ପରିଚୟ ସ୍ପଷ୍ଟ କରିଛି। ଏହା ସହ ଘଟଣାସ୍ଥଳରୁ ଏକ ରାଇଫଲ ସହ ଯୁଦ୍ଧ ସାମଗ୍ରୀ ମଧ୍ୟ ଜବତ ହୋଇଥିଲା।

## ୧୩ ବର୍ଷ ପରେ ଝିରମ ଘାଟି ନରସଂହାରର ରାୟ

**ସମସ୍ତ ୧୦ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ**

ରାୟପୁର,୫।୯: ଛତିଶଗଡ଼ ଇତିହାସର ସବୁଠୁ ଭୟାନକ ନକ୍ସଲ ଆକ୍ରମଣ ୨୦୧୩ର ଝିରମଘାଟି ନରସଂହାର ରାୟ ଆସିଛି। ଏନ୍‌ଆଇଏ ସ୍ୱତନ୍ତ୍ର କୋର୍ଟ ମାମଲାର ରାୟ ଘୋଷଣା କରିଥିବା ବେଳେ ସମସ୍ତ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାର ଶୁଣାଣି ଏନଆଇଏ ସ୍ୱତନ୍ତ୍ର କୋର୍ଟ ବିଚାରପତି ଜଷ୍ଟିସ୍ ଅଜୟ ସିଂହ ରାଜପୁତଙ୍କ ବେଞ୍ଚରେ ଚାଲୁଥିଲା। ଅଗଷ୍ଟ ୧୨ ତାରିଖ ଦିନ ସ୍ୱତନ୍ତ୍ର କୋର୍ଟରେ ଝିରମ ଘାଟି ନରସଂହାରର ଶେଷ ଶୁଣାଣି ସମାପ୍ତ ହୋଇଥିଲା।

---

# ନେପାଳ ବିପର୍ଯ୍ୟୟରେ ୬୦୦ ଶିଶୁ ନିଖୋଜ



କାଠମାଣ୍ଡୁ, ୫।୯: ଅଗଷ୍ଟ ୨୬ ତାରିଖରେ ନେପାଳରେ ଘଟିଥିବା ଭୟଙ୍କର ବିପର୍ଯ୍ୟୟକୁ ୧୦ ଦିନ ପୂରିସାରିଛି। ହେଲେ ଏବେ ବି ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେନା କର୍ମଚାରୀମାନେ ଦିନରାତି ଭଗ୍ନାବଶେଷରେ ବଞ୍ଚିଥିବା ଲୋକଙ୍କୁ ଖୋଜୁଛନ୍ତି। ରାସୁୱାଠାରୁ ନୂଆକୋଟ ପର୍ଯ୍ୟନ୍ତ ସବୁଠି ଲୋକଙ୍କୁ ଖୋଜା ଚାଲିଛି। ରିପୋର୍ଟ ଅନୁଯାୟୀ, ନେପାଳରେ ବନ୍ୟା ଯୋଗୁଁ ରାସୁୱା ଓ ନୂଆକୋଟ ଅଞ୍ଚଳରେ ପ୍ରାୟ

**ଏବେ ବି ଆବର୍ଜନାରୁ ଖୋଜା ଚାଲିଛି ଜୀବନ**

୬୦୦ ପିଲା ନିଖୋଜ ଅଛନ୍ତି। ସ୍ଥାନୀୟ ସରକାର ଏବଂ ଶିକ୍ଷାନୁଷ୍ଠାନ ଦ୍ୱାରା ସଂଗୃହୀତ ତଥ୍ୟ ଅନୁଯାୟୀ, ରାସୁୱାରେ ପ୍ରାୟ ୨୮୦ ପିଲା ନିଖୋଜ ଥିବା ରିପୋର୍ଟ ହୋଇଛି। ଏହି ସମୟରେ, ନୂଆକୋଟରେ ପ୍ରାୟ ୩୦୦ ରୁ ୩୫୦ ପିଲାଙ୍କ ପତ୍ତା ମିଳିନାହିଁ। ଅଧିକାରୀମାନେ କହିଛନ୍ତି ଯେ କିଛି ନିଖୋଜ ଛାତ୍ରଙ୍କୁ ଠାବ କରାଯାଇଛି, କିନ୍ତୁ ଜିଲ୍ଲାରେ ଅତି କମରେ ୩୦୦ ଛାତ୍ର ନିଖୋଜ ଅଛନ୍ତି। ରାସୁୱାରେ ୧୬ ଜଣ ଓ ନୂଆକୋଟରେ ୬ ଜଣ ଶିକ୍ଷକ ମଧ୍ୟ ନିଖୋଜ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନେପାଳର ଶିକ୍ଷା ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ରାସୁୱା, ନୂଆକୋଟ ଓ ଧାଡିଙ୍ଗରେ ୨୨ଟି ସ୍କୁଲ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏଥିମଧ୍ୟରୁ ୧୨ଟି ସ୍କୁଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ନେପାଳରେ ଏହି ଭୟଙ୍କର ବନ୍ୟାରେ ୧୨୮୨ ଜଣଙ୍କ ଜୀବନ ଯାଇଛି। ପ୍ରାୟ ୫ ହଜାର ନିଖୋଜ ଲୋକଙ୍କ ସନ୍ଧାନ ଏପର୍ଯ୍ୟନ୍ତ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ବିପର୍ଯ୍ୟୟ ପରେ ୧୨ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି।

# ୨୧ ଦିନ ପରେ ସ୍ଥଗିତ ହେଲା ଶିକ୍ଷକ କର୍ମଚାରୀ ଆନ୍ଦୋଳନ

■ ସରକାରଙ୍କୁ ୧୫ ଦିନର ମହଲତ ଦେଲା ସଂଘ

■ ଆଇନ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଲୋଚନା ପରେ ବଦଳିଲା ନିଷ୍ପତ୍ତି



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ଦୀର୍ଘ ୨୧ ଦିନ ପରେ ଶେଷରେ ସ୍ଥଗିତ ହୋଇଛି ଶିକ୍ଷକଙ୍କ ଆନ୍ଦୋଳନ। ୨୧ ଦିନ ବର୍ଷା ଖରାରେ ପଡ଼ି ଲୋୟର ପିଏମଜିରେ ଆନ୍ଦୋଳନରେ ବସିଥିବା ସ୍କୁଲ- କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ହଜାର ହଜାର ଶିକ୍ଷକ ଓ କର୍ମଚାରୀ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଅବଶ୍ୟ ସଂଘ ପକ୍ଷରୁ ସରକାରଙ୍କୁ ସେମାନଙ୍କ ଦାବି ଶୁଣିବାକୁ ୧୫ ଦିନ ସମୟ ଦିଆଯାଇଛି। ଏହା ପୂର୍ବରୁ ଆଜି ଧାରଣାରେ ବସିଥିବା ଶିକ୍ଷକଙ୍କ ପାଖକୁ ଯାଇ ଆଲୋଚନା କରିଥିଲେ ଆଇନ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ।

ଆଜି ଗୁରୁ ଦିବସ ଥିବାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗାନ୍ଧି ମାର୍ଗରେ ଆନ୍ଦୋଳନରତ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷକମାନେ ଦୁଇ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଆଇନ ମନ୍ତ୍ରୀ ବସି ଶିକ୍ଷକଙ୍କ ଦାବି ଉପରେ ଆଲୋଚନା କରିଥିବା କଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ କହିଥିଲେ। ସେହିପରି ଶିକ୍ଷକଙ୍କ ସମସ୍ୟା ବାବଦରେ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୮ ଶହ ପୃଷ୍ଠା ବିଶିଷ୍ଟ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଶିକ୍ଷକଙ୍କ ସମସ୍ୟା ସମାଧାନ ହେଉ ବୋଲି ରାଜ୍ୟ ସରକାର ଚାହୁଁଛନ୍ତି। ଗାନ୍ଧି ମାର୍ଗରେ ଶିକ୍ଷାର୍ଥୀମାନେ ଗୁରୁଙ୍କୁ ପୂଜା କରିବା ଘଟଣା ତାଙ୍କୁ ବ୍ୟଥିତ କରିଛି ବୋଲି ଆଇନ ମନ୍ତ୍ରୀ କହିଥିଲେ। ଶିକ୍ଷକଙ୍କ ସମସ୍ୟା ହେଉଛି ଗୋଟିଏ ଲିଗାସୀ ସମସ୍ୟା। ମୋହନ ସରକାର ଏହି ସମସ୍ୟା ସମାଧାନ କରିବାକୁ ନିଷ୍ପତ୍ତି ନେଇସାରିଛନ୍ତି। ତେଣୁ ଖୁବ୍ ଶୀଘ୍ର ତୁରନ୍ତ ସମାଧାନ ହେବ ବୋଲି ଗାନ୍ଧି ମାର୍ଗରେ ଆନ୍ଦୋଳନରତ ଶିକ୍ଷକଙ୍କୁ କହିଥିଲେ ଆଇନ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ।

ଶିକ୍ଷକମାନେ ବିଭିନ୍ନ ଦାବି ଯଥା ଅନୁଦାନରୁ ବଞ୍ଚିତ ୧୯୪ ବିଦ୍ୟାଳୟକୁ ଅନୁଦାନ ବ୍ୟବସ୍ଥା, ଅବସର ପରେ ଚାକିରି ସର୍ତ୍ତାବଳୀ ସହ ପେନସନ୍ ସୁବିଧା, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ, ସମସ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା କରିବା, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂର କରିବା, ସପ୍ତମ ବେତନରୁ ବାଦ୍ ପଡ଼ିଥିବା ଶିକ୍ଷକଙ୍କୁ ସାମିଲ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିଯୁକ୍ତି ଦିନଠାରୁ ବରିଷ୍ଠତା ପ୍ରଦାନ ଆଦି ଦାବିରେ ଧାରଣାରେ ବସିଥିଲେ।



# ବ୍ୟାଙ୍କକ୍‌ରେ ଚମକିଲେ ସନ୍ତରଣ ପ୍ରତିଭା ଆଦ୍ରିକା

● ୭ଟି ପଦକ ସହ ୩ଟି ନୂଆ ରେକର୍ଡ



କଟକ,୫।୯(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି କଟକର ୮ ବର୍ଷୀୟା ସନ୍ତରଣ ପ୍ରତିଭା ଆଦ୍ରିକା ଉତ୍କଳ। ବ୍ୟାଙ୍କକରେ ଅନୁଷ୍ଠିତ ଏସିଆନ ସ୍କୁଲ ସର୍ଟ କୋର୍ସ ଚାମ୍ପିଆନସିପରେ ୮ ବର୍ଷରୁ କମ୍ ବୟସ ବର୍ଗରେ ଅଂଶଗ୍ରହଣ କରି ଆଦ୍ରିକା ଚମତ୍କାର ପ୍ରଦର୍ଶନ କରିଛନ୍ତି। ଆଦ୍ରିକା ବ୍ୟକ୍ତିଗତ ବିଭାଗରେ ୪ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିବା ସହ ୩ଟି ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ରିଲେ ବିଭାଗରେ ମଧ୍ୟ ଆଦ୍ରିକାଙ୍କ ସଫଳତା ଜାରି ରହିଥିଲା। ୪ ଗୁଣା ୫୦ ମିଟର ଗାର୍ଲ୍ସ ଫ୍ରିଷ୍ଟାଇଲ ରିଲେରେ ସ୍ୱର୍ଣ୍ଣ ଓ ୪ ଗୁଣା ୫୦ ମିଟର ମିକ୍ସଡ ଫ୍ରିଷ୍ଟାଇଲ ରିଲେରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ଆଦ୍ରିକା ୫ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ସହ ମୋଟ ୭ଟି ପଦକ ହାସଲ କରିବା ସହ ଗ୍ରୁପ୍ ଚାମ୍ପିୟନ ମଧ୍ୟ ହୋଇଛନ୍ତି। ମାତ୍ର ୮ ବର୍ଷ ବୟସରେ ଅନ୍ତର୍ଜାତୀୟ ମଞ୍ଚରେ ଏଭଳି ଚମତ୍କାର ସଫଳତା ହାସଲ କରି ଆଦ୍ରିକା କେବଳ କଟକ ନୁହେଁ, ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ସଫଳତା ପଛରେ ତାଙ୍କର କଠିନ ପରିଶ୍ରମ, ନିଷ୍ଠା, ଶୃଙ୍ଖଳା ଓ ସନ୍ତରଣ ପ୍ରତି ଅସୀମ ଭଲପାଇବା ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୋସିଆଲ ମିଡିଆ...

ବିଷୟରେ ଯାହା ତୁମର କ୍ୟାରିୟର ଗଢ଼ିବାରେ ବାଧା ସୃଷ୍ଟି କରିବାର ସମ୍ଭାବନା ରହିଛି ସେଥିରୁ ଦୂରେଇ ରହିବାକୁ ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ ଉପରେ ଆଲୋକପାତ କରି ଏହା ଆଜିର ସମୟରେ ଅଧିକ ଜରୁରୀ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ନେଇ ସଫଳତାର ଶିଖରରେ ପହଞ୍ଚିବାକୁ ପରାମର୍ଶ ଦେଇଛନ୍ତି। ଶିକ୍ଷା କେବଳ ଜ୍ଞାନ ପ୍ରଦାନ ନୁହେଁ, ଶିକ୍ଷା ହେଉଛି ମଣିଷ ଗଢ଼ିବାର ଏକ ମହାନ ପ୍ରକ୍ରିୟା ଓ ଆମ ଶିକ୍ଷକମାନେ ଏହି ଗୁରୁଦାୟିତ୍ୱ ତୁଲାଉଛନ୍ତି। ଗୁରୁ ଓ ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ମାହାତ୍ମ୍ୟ ପିଲାମାନଙ୍କୁ ବୁଝେଇବା ସହ ପୂର୍ବତନ ରାଷ୍ଟ୍ରପତି ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପୁଣ୍ୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ଅତୁଳନୀୟ। ପ୍ରଭୁ ଶ୍ରୀରାମ, ଶ୍ରୀକୃଷ୍ଣଙ୍କଠାରୁ ଆରମ୍ଭ କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା ନିର୍ଣ୍ଣାୟକ ଥିଲା। ଆଜିର ଯୁଗରେ ମଧ୍ୟ 'ମିଜାଇଲ ମ୍ୟାନ' ଡଃ ଏପିଜେ ଅବ୍‌ଦୁଲ କାଲାମଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଦେଶର ସର୍ବୋଚ୍ଚ ପଦବୀରେ ଥାଇ ମଧ୍ୟ ନିଜକୁ ପ୍ରଥମେ ଜଣେ ଶିକ୍ଷକ ଭାବେ ପରିଚୟ ଦେବାକୁ ପରମ ଗୌରବ ମନେ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ସରକାରଙ୍କ ସଂକଳ୍ପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ 'କେଜି ରୁ ପିଜି' ନିଃଶୁଳ୍କ ଶିକ୍ଷା ଯୋଜନାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସାରା ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଶିଶୁ ବାଟିକାରୁ ଆରମ୍ଭ କରି ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷାକୁ ସାର୍ବଜନୀନ ନିଃଶୁଳ୍କ କରିଛି। ଏହି ଅବସରରେ ଶିକ୍ଷାଦାନ କ୍ଷେତ୍ରରେ ନିଷ୍ଠାପର ସେବା ପ୍ରଦାନ ପାଇଁ ଅଶୋକ ଶତପଥୀ, କୁମୁଦିନୀଜୀ ଶକୁନ୍ତଳା ମହାନ୍ତି, ଦୈତାରୀ ସାହୁ ଓ ଜୟନ୍ତୀ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ମାର୍ଚ୍ଚରେ ବାଜିବ...

ପାଇବ। ମାର୍ଚ୍ଚ ଶେଷ ଓ ଏପ୍ରିଲ ପ୍ରଥମ ସପ୍ତାହରେ ହେବ ପଞ୍ଚାୟତ ନିର୍ବାଚନ। ରାଜ୍ୟରେ ୫ଟି ପର୍ଯ୍ୟାୟରେ ହେବ ପଞ୍ଚାୟତ ନିର୍ବାଚନ। ପଞ୍ଚାୟତ ନିର୍ବାଚନ ସରିବା ପରେ ଏହାର ୧୫ ଦିନ କିମ୍ବା ମାସେ ଭିତରେ ପୌର ନିର୍ବାଚନ ହେବ। ପଞ୍ଚାୟତ ନିର୍ବାଚନ ବାଲାଟରେ ଓ ପୌର ନିର୍ବାଚନ ଇଭିଏମ୍‌ରେ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ୯୧ ହଜାର ବୁଥ୍ ପ୍ରସ୍ତୁତ ରହିଛି। ସେହିପରି ଆସନ୍ତା ୨୦୨୭ରେ ଏକକାଳୀନ ହେବ ସମ୍ବଲପୁର, ରାଉରକେଲା ଓ ପୁରୀ ମହାନଗର ନିଗମର ନିର୍ବାଚନ। ବାକି ଥିବା ପଞ୍ଚାୟତର ଉପନିର୍ବାଚନ ମଧ୍ୟ ୨୦୨୭ରେ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ପ୍ରକ୍ରିୟା ଆସନ୍ତା ଅକ୍ଟୋବର ୩୧ ତାରିଖରେ ସରିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

### ନଭେମ୍ବର ୨୭...

କରାଯାଇଥିଲା। ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ବିଶ୍ୱବ୍ୟାପୀ ଦେଖିବାକୁ ମିଳିଛି। ଶିଶୁ ଅଧିକାର କର୍ମୀ ଏବଂ 'ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍'ର ପ୍ରତିଷ୍ଠାତା ଭୁବନ ରିଭୁ ବିଶ୍ୱବ୍ୟାପୀ ବାଲ୍ୟବିବାହ ବିରୋଧରେ ଏକ ଦିବସ ପାଳନ କରିବାକୁ ଜାତିସଂଘକୁ ପ୍ରସ୍ତାବ ଦେଇଥିଲେ। ତାଙ୍କର ଆବେଦନ ଏବେ ଫଳପ୍ରଦ ହୋଇଛି। ଜାତିସଂଘ ନଭେମ୍ବର ୨୭ ତାରିଖକୁ 'ଶିଶୁ, ବାଲ୍ୟବିବାହ ଏବଂ ବଳପୂର୍ବକ ବିବାହ ଦୂରୀକରଣ ପାଇଁ ଆନ୍ତର୍ଜାତୀୟ ଦିବସ' ଭାବରେ ଘୋଷଣା କରିଛି। ଭାରତ ୨୦୨୪ ନଭେମ୍ବର ୨୭ରେ 'ବାଲ୍ୟବିବାହ ମୁକ୍ତ ଭାରତ' ଅଭିଯାନ ଆରମ୍ଭ କରିଥିଲା। ଏହା ଭାରତ ଓ ବିଶ୍ୱର ଲକ୍ଷ ଲକ୍ଷ ଝିଅଙ୍କ ପାଇଁ ଗୁରୁତ୍ୱ ବହନ କରୁଛି, ଯେଉଁମାନେ ବାଲ୍ୟ ବିବାହ ପାଇଁ ବାଧ୍ୟ ହୋଇଥାନ୍ତି। ଜାତିସଂଘର ଏହି ପଦକ୍ଷେପ ଶିଶୁ ଅଧିକାର କର୍ମୀ ଭୁବନ ରିଭୁଙ୍କ ବର୍ଷ ବର୍ଷର ପ୍ରୟାସର ପରିଣାମ। ବାଲ୍ୟ ବିବାହ ବନ୍ଦ କରିବା ପାଇଁ ତାଙ୍କର ଦାବି ଶେଷରେ ଭାରତର ଗ୍ରାମାଞ୍ଚଳରୁ ଜାତିସଂଘରେ ପହଞ୍ଚିଛି। ଭାରତର ଏହି ଅଭିଯାନ ଏବେ ବିଶ୍ୱସ୍ତରୀୟ ହୋଇପାରିଛି।

### ମାତ୍ର ୯ ଦିନ...

ନିର୍ଦ୍ଧାରିତ ଷ୍ଟକ୍ ୨୫ ପ୍ରତିଶତରୁ କମେ, ସେଗୁଡ଼ିକୁ କ୍ରିଟିକାଲ ଶ୍ରେଣୀରେ ବର୍ଗୀକୃତ କରାଯାଏ। ଗୁରୁତର କୋଇଲା ଅଭାବର ସମ୍ମୁଖୀନ ହୋଇଥିବା ୫୦ ପାୱାର ପ୍ଲାଣ୍ଟ ମଧ୍ୟରୁ ୪୫ଟି ଘରୋଇ କୋଇଲା, ୪ଟି ଆମଦାନୀ କୋଇଲା ଓ ଗୋଟିଏ ପ୍ଲାଣ୍ଟ ୱାସିଂ କୋଇଲା ଅବଶେଷ ଉପରେ ନିର୍ଭରଶୀଳ। ଏଥିରେ କୋଇଲା ମନ୍ତ୍ରଣାଳୟ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ସମ୍ବେଦନଶୀଳ ପ୍ଲାଣ୍ଟକୁ ଏକ ଇଣ୍ଟର ମିନିଷ୍ଟରିଆଲ ଟିମ୍ ଦ୍ୱାରା ନିୟମିତ ଯାଞ୍ଚ୍ କରାଯାଉଛି ଓ ସେଗୁଡ଼ିକୁ ନିୟମିତ ଇନ୍ଧନ ପଠାଯାଉଛି।

### ସମ୍ବଲପୁର ହେବ...

ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ରେ ଶିକ୍ଷା ସହ ଦକ୍ଷତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ଆଜି ଶିଳାନ୍ୟାସ ହୋଇଥିବା 'ରିସି' ପ୍ରକଳ୍ପରେ ଛାତ୍ରଛାତ୍ରୀମାନେ ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ପ୍ରାକ୍ଟିକାଲ୍ ପ୍ରଶିକ୍ଷଣ ପାଇ ସ୍ୱାବଲମ୍ବୀ ହୋଇପାରିବେ। ବିଶ୍ୱର ବର୍ତ୍ତମାନର ଅସ୍ଥିର ପରିସ୍ଥିତି ଓ ଗ୍ଲୋବାଲ୍ ସପ୍ଲାଏ ଚେନ୍ ପ୍ରଭାବିତ ହେବା ଯୋଗୁଁ ଭାରତରେ ନିଯୁକ୍ତି ଉପରେ ଏହାର ପ୍ରଭାବ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ଜବ୍ କ୍ରିଏଟର୍ ହେବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ପ୍ରାୟ ୧ କୋଟି ଯୁବକଯୁବତୀ, ଯାହା ରାଜ୍ୟ ଜନସଂଖ୍ୟାର ଏକ-ଚତୁର୍ଥାଂଶ ଅଛନ୍ତି, ଯେଉଁମାନେକି ଏକବିଂଶ ଶତାବ୍ଦୀର 'ଅମୃତ ପିଢ଼ି'। ଆଗାମୀ ୧୦୦ ବର୍ଷର ଓଡ଼ିଶାର ଭବିଷ୍ୟତ ଏହି ପିଢ଼ିଙ୍କ କାନ୍ଧରେ ରହିଛି। ଆଜିର ଯୁବ ସମାଜ ୨୩ ବର୍ଷ ବୟସରେ ପିଏଚଡି ହାସଲ କରିପାରୁଛନ୍ତି। 'ରିସି' ପ୍ରକଳ୍ପ ଏହି ଅମୃତ ପିଢ଼ିଙ୍କୁ କାର୍ଯ୍ୟଦକ୍ଷ ଓ ଆତ୍ମନିର୍ଭର କରି ଗଢ଼ି ତୋଳିବାରେ ଏକ ଯୁଗାନ୍ତକାରୀ ସେତୁ ଭାବେ କାର୍ଯ୍ୟ କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତ୍ତମାନ ସମୟରେ ସାଇବର କ୍ରାଇମ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆମ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ମେସିନ୍ ଓ ମଣିଷ ଭିତରେ ଥିବା କାର୍ଯ୍ୟଦକ୍ଷତାର ବ୍ୟବଧାନକୁ ପୂରଣ କରିବାକୁ ହେଲେ ଆମକୁ ନବୋନ୍ମେଷୀ ହେବାକୁ ପଡ଼ିବ।

### ଏଫସିଆଇ ଚାଉଳ...

ସମାଧାନ କରାଯିବ ବୋଲି ସମବାୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି। ସେ କହିଛନ୍ତି ଯେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ କମ୍ ଚାଉଳ ଉଠିଛି। ଚାଉଳ ଫାଙ୍କା ନ ହେଲେ ମିଲରମାନେ ମଧ୍ୟ ଅସୁବିଧାରେ ପଡ଼ିବେ। ଏନେଇ କେନ୍ଦ୍ର ସହ ଆଲୋଚନା ଚାଲିଛି। ମଡେଲ ମଣ୍ଡି ପାଇଁ ସରକାର୍ ଯୋଜନା କରିଛନ୍ତି। ୩୮ଟି ମଣ୍ଡି ପାଇଁ କ୍ୟାବିନେଟ୍ ଅନୁମୋଦନ ପରେ କାମ ଓବିସିସିକୁ ଦିଆଯାଇଛି। ସରକାର ବିକଳ୍ପ ପାଇଁ ଯୋଜନା କରୁଛନ୍ତି, ଚାଷୀ ହଇରାଣ ହେବେନି ସରକାର ସବୁ ଧାନ ଉଠାଇବେ ବୋଲି ସେ କହିଛନ୍ତି। ସେପଟେ ଯୋଗାଣ ମନ୍ତ୍ରୀଙ୍କ ଏଫସିଆଇ ଚାଉଳ ଉଠାଉନି ମନ୍ତବ୍ୟକୁ ନେଇ ଜୋର୍ ଧରିଛି ରାଜନୀତି। କେନ୍ଦ୍ରରେ ଖୋଦ୍ ବିଜେପି ସରକାର ଥିବା ବେଳେ ଯୋଗାଣ ମନ୍ତ୍ରୀଙ୍କ ଅସହାୟତାକୁ ନେଇ ବିରୋଧୀ ନିଶାନା କରିଛନ୍ତି।

### ପାକିସ୍ତାନ ବିରୋଧରେ...

ଚରନୀ ଓ ପ୍ରେମା ରାୱତ୍ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳର ଅଧିନାୟକ ହରମନ୍‌ପ୍ରୀତ୍ କୌର୍ ଅପରାଜିତ ୧୮ ରନ୍ କରିଥିବା ବେଳେ ଦୀପ୍ତି ଶର୍ମା ୧୨ ଓ ଓପନର ସ୍ମୃତି ମନ୍ଧାନା ୯ ରନ୍ କରିଥିଲେ। ଅନ୍ୟତମ ଓପନର ଶେଫାଳୀ ବର୍ମା ୧୨ ରନ୍ କରିବା ସହ ଟି-୨୦ କ୍ରିକେଟ୍‌ରେ ୩ ହଜାର ରନ କରିବାରେ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଦଳ ୮.୪ ଓଭର୍‌ରେ ୩ ୱିକେଟ୍ ହରାଇ ୫୭ ରନ୍ କରି କ୍ରମାଗତ ତୃତୀୟ ମ୍ୟାଚ୍‌ରେ ଏକତରଫା ବିଜୟ ହାସଲ କରିଛି। ପାକିସ୍ତାନ ପକ୍ଷରୁ ଅଧିନାୟିକା ଫାତିମା ସାନା ୩ଟିଯାକ ୱିକେଟ୍ ନେଇଥିଲେ।

### ଅସନ୍ତୋଷ ବଢ଼ିବା...

ହୋଇଛନ୍ତି। ବୈଠକରେ ତିନି ମାସ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛି ଦଳ। ସେହି ଆଧାରରେ ସଂଗଠନକୁ ମଜବୁତ କରିବା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା କେତେ ସଫଳ ହୋଇଛି, ଲୋକଙ୍କ ପାଖରେ କେମିତି ପହଞ୍ଚିଛି, ସେନେଇ କାର୍ଯ୍ୟକାରିଣୀରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଆଗାମୀ ଦିନରେ ଦଳ ଲୋକଙ୍କ ନିକଟରେ କେମିତି ପହଞ୍ଚିବ, ସେନେଇ କାର୍ଯ୍ୟକର୍ତ୍ତାଙ୍କୁ ଦିଆଯାଇଛି ପରାମର୍ଶ। ଏଥିସହ ପ୍ରଥମ ଦିନର କାର୍ଯ୍ୟକାରିଣୀରେ କେନ୍ଦ୍ର ଓ ରାଜ୍ୟର କାର୍ଯ୍ୟକ୍ରମଗୁଡ଼ିକ କେତେ ସଫଳତା ପାଇଛି, ସେସବୁର ସମୀକ୍ଷା ହୋଇଛି।

### ଦେଉଳକୁ ମୁଖଶାଳା...

ସେହିଭଳି କାର୍ଯ୍ୟନିର୍ବାହୀ କମିଟିରେ ରହିଛନ୍ତି ୭୧ ଜଣ ସଦସ୍ୟ। ଏଥିରେ ବି ରାଜ୍ୟ ସ୍ତରର ମାଲ ମାଲ ନେତା। ଉପଦେଷ୍ଟା କମିଟିରେ ରହିଛନ୍ତି ୪୦ ଜଣ। ଏଥିସହ ନବଗଠିତ ଟିମରେ ୧୫ ଜଣ ଉପସଭାପତି, ୫୭ ଜଣ ସାଧାରଣ ସମ୍ପାଦକ ଓ ୭୨ ଜଣ ସମ୍ପାଦକ ରହିଛନ୍ତି। ଏତେ ସଂଖ୍ୟକ ନେତାଙ୍କୁ ପଦପଦବୀ ଦେବା ପରେ ସେମାନେ କାମ କରିବେ ନା ଅଳ୍ପଦିନ ପରେ ପରସ୍ପରର ଦୋଷ ଦୁର୍ବଳତା ଖୋଜି ବାହାର କରିବେ, ତାହାକୁ ନେଇ ବି ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଦଳୀୟ କର୍ମୀଙ୍କ କହିବା କଥା ଯେ ନୂଆପଡ଼ା ଉପନିର୍ବାଚନ ପରଠାରୁ ଦଳର ବରିଷ୍ଠ ନେତାମାନେ ଅସନ୍ତୁଷ୍ଟ ରହିଥିଲେ। ଦଳ ଭିତରେ ଏହାକୁ ନେଇ ଘମାଘୋଟ ଚାଲିଥିଲା। ନିରଞ୍ଜନ, ଜୟଦେବଙ୍କ ଭଳି ନେତାମାନେ ଦଳୀୟ କାର୍ଯ୍ୟାଳୟ ମାଡୁ ନ ଥିଲେ। ସେମାନଙ୍କୁ ଏବେ ସନ୍ତୁଷ୍ଟ କରିବା ପାଇଁ ଭକ୍ତ ଜୋରଦାର ଉଦ୍ୟମ କରିଥିବା ନେଇ ଚର୍ଚ୍ଚା ଚାଲିଛି। ସେହିଭଳି ରାଜ୍ୟସଭା ନିର୍ବାଚନରେ ଭକ୍ତ ବିଜେଡି ସହ ହାତ ମିଳାଇବାକୁ ନେଇ ମଧ୍ୟ କଂଗ୍ରେସର ଗୋଟିଏ ଗୋଷ୍ଠୀ ଅସନ୍ତୁଷ୍ଟ ରହିଛନ୍ତି। ଏହି ଘଟଣାରେ ବିଧାନସଭାରେ କଂଗ୍ରେସର ସଦସ୍ୟ ସଂଖ୍ୟା ୧୪ରୁ ୧୧କୁ ହ୍ରାସ ପାଇଛି। ତେବେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଭକ୍ତ କଂଗ୍ରେସର ଯେଉଁ ଜୁମ୍ବୋ ଟିମ୍ ଗଠନ କରିଛନ୍ତି, ସେଥିରେ କଂଗ୍ରେସର ଡଙ୍ଗା ନିର୍ବାଚନୀ ବୈତରଣୀ ପାର୍ ହେବ କି ଜନବହୁଳେ ମଝି ନଈରେ ବୁଡ଼ିବ, ତାହାକୁ ନେଇ କର୍ମୀମାନେ ଆଲୋଚନା କରୁଥିବା ବେଳେ ସମସ୍ତଙ୍କ ନଜର ଏବେ ଭକ୍ତ ଦାସ ଓ ତାଙ୍କ ଟିମ୍‌ରେ ଥିବା ବରିଷ୍ଠ ନେତାମାନଙ୍କ ଉପରେ ରହିଛି।



# ଦିଲ୍ଲୀ ମେଟ୍ରୋରେ ଯାତ୍ରାକଲେ ପ୍ରଧାନମନ୍ତ୍ରୀ

■ ସାଧାରଣ ଯାତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ କଲେ ଭାବ ବିନିମୟ

ନୂଆଦିଲ୍ଲୀ,୫।୯: ଶନିବାର ଦିଲ୍ଲୀ ମେଟ୍ରୋରେ ଏକ ଅତି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀରାମ କଲେଜ ଅଫ୍ କମର୍ସର ଶତାବ୍ଦୀ ସମାରୋହରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଧାରଣ ଯାତାୟାତର ମାଧ୍ୟମ ଦିଲ୍ଲୀ ମେଟ୍ରୋକୁ ବାଛିଛନ୍ତି। ଆଜି ସକାଳେ ପ୍ରଧାନମନ୍ତ୍ରୀ ମେଟ୍ରୋ କାର୍ଡ ବ୍ୟବହାର କରି ଗେଟ୍ ଦେଇ ପ୍ରବେଶ କରିବା ସହ ମେଟ୍ରୋରେ ଯାତ୍ରା କରିଥିଲେ। ଏହି ଯାତ୍ରା ସମୟରେ ସେ ମେଟ୍ରୋରେ ଉପସ୍ଥିତ ଥିବା ସାଧାରଣ ଯାତ୍ରୀ ଓ ବିଶେଷ କରି ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ନିଜର ଦୈନନ୍ଦିନ ଯାତାୟାତ ମଧ୍ୟରେ ଦେଶର ପ୍ରଧାନମନ୍ତ୍ରୀଙ୍କୁ ନିଜ ପାଖରେ ପାଇ ସାଧାରଣ ଯାତ୍ରୀ ଓ ଯୁବବର୍ଗ ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ। ଛାତ୍ରଛାତ୍ରୀଙ୍କ ସହ କଥାବାର୍ତ୍ତା ବେଳେ ପ୍ରଧାନମନ୍ତ୍ରୀ ସେମାନଙ୍କ ପାଠପଢ଼ା ଓ ଆଗାମୀ ଭବିଷ୍ୟତର ଲକ୍ଷ୍ୟ ବିଷୟରେ ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ସହଜ ଓ ସରଳ ଆଚରଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଆନନ୍ଦିତ କରିଥିଲା। ଶ୍ରୀରାମ କଲେଜ ଅଫ୍ କମର୍ସ ନିଜର ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ଏହି ଶତାବ୍ଦୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ପ୍ରଫେସରମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁଦିବସ ସମାରୋହ



ଭୁବନେଶ୍ୱର,୫।୯ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସମୂହ ପକ୍ଷରୁ ଗୁରୁଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଆନୁଷ୍ଠାନିକ ଭାବେ ଏହି ସମାରୋହକୁ ଉଦ୍‌ଘାଟନ କରି ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ବିଶେଷତ୍ୱ ସଂପର୍କରେ ଆଲୋକପାତ କରିବା ସହ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ସ୍ମୃତିଚାରଣ କରିଥିଲେ । ଗୁରୁଙ୍କ ନିଃସ୍ୱାର୍ଥପର ମାର୍ଗଦର୍ଶନ ହିଁ ଜୀବନରେ ସଫଳତା ଆଣିବାରେ ସହାୟକ ସାବ୍ୟସ୍ତ ହୋଇଥାଏ ବୋଲି ସେ କହିଥିଲେ । ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁଙ୍କ ମହନୀୟତା ଓ ପ୍ରେରଣା ଶିକ୍ଷାର୍ଥୀମାନଙ୍କ ପାଇଁ କେତେ ଆବଶ୍ୟକ ସେ ସଂପର୍କରେ ଆଲୋଚନା କରିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର, ଡ. ନିଳାଦ୍ରୀ କଲ୍ୟାଣ ଦାସ, ଡ. ଅଜୟ କୁମାର ବିଶ୍ୱାଳ, ଅଧ୍ୟାପିକା ସଂଧ୍ୟାରାଣୀ ମଲ୍ଲିକ, ଦେବଦତ୍ତ ପଟ୍ଟନାୟକ ପ୍ରମୁଖ ଗୁରୁଦିବସର ପ୍ରାସଙ୍ଗିକତା ସଂପର୍କରେ ଆଲୋଚନା କରିବା ସହ ସମସାମୟିକ ଯୁବପିଢ଼ିଙ୍କ ବିକାଶ ଦିଗରେ ଗୁରୁଙ୍କ କର୍ତ୍ତବ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସମସ୍ତ ବିଭାଗର ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ବନ୍ଦନା କଣ୍ଠ ସଂଗୀତ ଓ ଗୁରୁ ପ୍ରଣାମ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା, ଦୀପ୍ତିମୟୀ ସ୍ୱାଇଁ ଓ ଜ୍ୟୋତିରଂଜନ ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ସମ୍ବଲପୁରରେ 'ଗୁରୁ ସମ୍ବର୍ଦ୍ଧନା ସମାରୋହ'ରେ ସାଂସଦ

# ପ୍ରେରଣା ଦେବା, ମାର୍ଗଦର୍ଶନ କରିବା ଗୁରୁଙ୍କ ପ୍ରକୃତ କାର୍ଯ୍ୟ: ଧର୍ମେନ୍ଦ୍ର



ସମ୍ବଲପୁର,୫।୯(ସଂଚାର ବ୍ୟୁରୋ): ପ୍ରକୃତିଠାରୁ ଆରମ୍ଭ କରି ସମାଜର ପ୍ରତ୍ୟେକ ବ୍ୟକ୍ତି ଆମର ଗୁରୁ। କେବଳ ଶିକ୍ଷାନୁଷ୍ଠାନରେ ଥିବା ବ୍ୟକ୍ତି ଶିକ୍ଷକ ନୁହଁନ୍ତି, ଆମକୁ ରିକ୍ସାରେ ନେଉଥିବା ବ୍ୟକ୍ତି କିମ୍ବା ଛୋଟ ବିକାଳି ବି ପ୍ରତି ମୁହୂର୍ତ୍ତରେ ଆମକୁ ଶିକ୍ଷା ଦେଉଛନ୍ତି। ପ୍ରେରଣା ଦେବା, ମାର୍ଗଦର୍ଶନ କରିବା ଓ ବୁଝେଇବା ହିଁ ଗୁରୁଙ୍କ ପ୍ରକୃତ କାର୍ଯ୍ୟ ବୋଲି ପବିତ୍ର ଗୁରୁ ଦିବସ ଅବସରରେ ଏଠାରେ ଆୟୋଜିତ 'ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ'ରେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି। 'ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ଦେଶ ଓ ସମାଜ ଗଢୁଥିବା ଗୁରୁଜନମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇବା ସହ ଉପସ୍ଥିତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ସେ କହିଛନ୍ତି ଯେ ମହାଭାରତରେ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ନଥିଲେ ମହାନ୍ ଯୋଦ୍ଧା ତିଆରି ହୋଇପାରିନଥାନ୍ତେ ଓ ଶ୍ରୀକୃଷ୍ଣ ମାର୍ଗଦର୍ଶକ ନଥିଲେ ମହାଭାରତର ଫଳାଫଳ ଅଲଗା ହୋଇଥାନ୍ତା। ସେହିପରି ପୂଜ୍ୟ ଶଙ୍କରାଚାର୍ଯ୍ୟ ନଥିଲେ ବିଶ୍ୱରେ ସନାତନ ଧର୍ମର ସ୍ଥିତି ଶୋଚନୀୟ ହୋଇଥାନ୍ତା। ସେହିପରି ଡକ୍ଟର ରାଧାକ୍ରିଷ୍ଣନ୍ ସ୍ୱାଧୀନତା ପରବର୍ତ୍ତୀ ଭାରତର ଶିକ୍ଷା ବ୍ୟବସ୍ଥାର ମାର୍ଗ ଦେଖାଇଥିଲେ। ଆଜିର ଆଧୁନିକ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ କମ୍ ସମୟରେ ଅନେକ ପ୍ରଶ୍ନର ଉତ୍ତର ଦେଇପାରେ, କିନ୍ତୁ ସେହି ଉତ୍ତରକୁ ବୁଝିବା ଓ ବୁଝାଇବା ପାଇଁ ଜଣେ ଗୁରୁଙ୍କ ଆବଶ୍ୟକତା ସଦାସର୍ବଦା ରହିବ। ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ଆମେ ପିଲାଙ୍କୁ ଆତ୍ମସ୍ୱାଭିମାନୀ, ସାହସୀ ଓ ନିର୍ଭୟୀ କରିବା। ଏଥିପାଇଁ ଶିକ୍ଷା ସହ ସେମାନଙ୍କ ଦକ୍ଷତାକୁ ବଢ଼ାଇବାକୁ ପଡ଼ିବ। ପିଲାମାନେ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ ନ ହେବା ପର୍ଯ୍ୟନ୍ତ ଶିକ୍ଷଣ ଫଳାଫଳ ଉପରେ ଧ୍ୟାନ ଦେଇ ଏକ ନୂତନ ସଂସ୍କୃତି ଗଢ଼ିବାକୁ ହେବ। ସମ୍ବଲପୁର ଜିଲ୍ଲାର ନବଜାତ ଶିଶୁରୁ ଆରମ୍ଭ କରି ପିଏଚଡି କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହେଉଛି ମୋଟ ୨ ଲକ୍ଷ ୭୫ ହଜାର। ତେବେ ଏହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏହି ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡ଼ିକ ହିଁ ଆମର ପ୍ରକୃତ ମେରୁଦଣ୍ଡ। ଆଜି ବିଶ୍ୱ ପ୍ରଗତି ନାମରେ ଏପରି ସ୍ଥିତିରେ ପହଞ୍ଚିଛି ଯେଉଁଠି ମଣିଷର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯୁବସମାଜ ବାଟଭ୍ରଷ୍ଟ ହେଉଥିବା ବେଳେ ସେମାନଙ୍କୁ ସଠିକ୍ ବାଟ ଦେଖାଇବା ଶିକ୍ଷକଙ୍କ ଦାୟିତ୍ୱ। ପରିବେଶ ସୁରକ୍ଷା ପାଇଁ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ବ୍ୟବହାର କ୍ଷତିକାରକ; ମା' ସମଲେଶ୍ୱରୀ ମନ୍ଦିରରେ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେବା ଏହାର ଏକ ବଡ଼ ଉଦାହରଣ। ସ୍ୱଚ୍ଛତା ମାଧ୍ୟମରେ ସମାଜରେ ସୁସ୍ଥତା ଆଣିବାକୁ ଏକ ବ୍ରତ ଭାବେ ଗ୍ରହଣ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

## ପୁଲିସ ଦୀକ୍ଷାନ୍ତ ସମାରୋହ ନେଇ ଘେରିଲେ ନବୀନ

# କିଛି ନ କରି ମିଛ ଶ୍ରେୟ ନେଉଛି ବିଜେପି



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ଗତକାଲି ପୁଲିସ ଏକାଡେମୀରେ ଅନୁଷ୍ଠିତ ୧୩ତମ ବ୍ୟାଚ୍ ଏସଆଇ ଅଧିକାରୀଙ୍କ ଦୀକ୍ଷାନ୍ତ ସମାରୋହକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ତେରଛା ବାଣ ମାରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। କିଛି ନ କରି ସବୁଥିରେ ବିଜେପି ମିଛ ଶ୍ରେୟ ନେଉଥିବା ନବୀନ କହିଛନ୍ତି। ନବୀନ 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି, ଗୋଟିଏ ପଟେ ସବ୍-ଇନ୍ସପେକ୍ଟର୍ ବ୍ୟାଚ୍ ପ୍ରଶିକ୍ଷଣ ଶେଷ କରି ନିଯୁକ୍ତି ପାଉଥିବା ବେଳେ ଅନ୍ୟ ପଟେ ହଜାର ହଜାର ଆଶାୟୀ ପେପର ଲିକ ଯୋଗୁଁ ଏବେ ବି ଅନିଶ୍ଚିତତାରେ। ଶୁକ୍ରବାର ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ଅନୁଷ୍ଠିତ ୧୩ତମ ବ୍ୟାଚ୍ ଏସଆଇଙ୍କ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଲାମୀ ଗ୍ରହଣ କଲେ। ହେଲେ ପ୍ରକୃତ କଥା ହେଉଛି, ଦୁଇ ବର୍ଷର ପ୍ରଶିକ୍ଷଣ ସାରି ଓଡ଼ିଶା ପୁଲିସରେ ଯୋଗ ଦେଇଥିବା ଏହି ୩୩୬ ଜଣ ଅଧିକାରୀଙ୍କ ନିଯୁକ୍ତି ପ୍ରକ୍ରିୟା ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିଲା।

ନବୀନ କହିଛନ୍ତି ଯେ ସବୁଠୁ ବିଡ଼ମ୍ବନାର ବିଷୟ ଯେ କିଛି ନ କରି ମିଛ ଶ୍ରେୟ ନେବାକୁ ବିଜେପି ସରକାର ଆଗରେ। ପ୍ରଥମେ ସରକାର ସ୍ପଷ୍ଟ କରନ୍ତୁ ପ୍ରଶ୍ନପତ୍ର ଲିକ୍ ପାଇଁ ୨୦୨୫ରେ ବାତିଲ ହୋଇଥିବା 'କମ୍ବାଇନ୍‌ଡ ପୁଲିସ ସର୍ଭିସ୍ ପରୀକ୍ଷା' କେବେ ହେବ ଓ କେବେ ପ୍ରଶ୍ନପତ୍ର ବିକ୍ରି ଓ ଲିକ୍ ରାକେଟରେ ସମ୍ପୃକ୍ତ ଦୋଷୀଙ୍କୁ କଠୋର ଦଣ୍ଡ ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ହଜାର ହଜାର ଯୁବକଯୁବତୀଙ୍କ ପ୍ରାୟ ଏକ ବର୍ଷ ସମୟ ବିଜେପି ସରକାର ନଷ୍ଟ କରିସାରିଲାଣି। ଡବଲ୍ ଇଞ୍ଜିନ୍ ସରକାରର ଅପାରଗତା ଓଡ଼ିଶାର ଯୁବ ସମାଜକୁ ହତାଶ କରିଛି। ଆଶାୟୀଙ୍କ ସ୍ୱପ୍ନ ଓ ଭବିଷ୍ୟତକୁ ବିଜେପି ସରକାର ଅନିଶ୍ଚିତତା ଭିତରକୁ ଠେଲିଦେଇଛି। ଏହି ବିଳମ୍ବ ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରୁଛି। ସରକାରୀ ନିଯୁକ୍ତିରେ ନିରପେକ୍ଷତା ଓ ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କ ଭରସାକୁ ମଧ୍ୟ ଏହା କ୍ଷତି ପହଞ୍ଚାଉଛି। ସରକାର ତୁରନ୍ତ ଏହି ପରୀକ୍ଷା ପୁନଃ ଆୟୋଜନ ନେଇ ବିଜ୍ଞପ୍ତି ପ୍ରକାଶ କରନ୍ତୁ। ଓଡ଼ିଶାବାସୀ ବିଜେପି ସରକାରର ମିଛ ଭାଷଣ ଶୁଣିବାକୁ ଆଉ ଚାହୁଁନାହାନ୍ତି, ପ୍ରତାରଣାର ଉଚିତ ଜବାବ ଦେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ନବୀନ କହିଛନ୍ତି।

# ଓଡ଼ିଶାର ୭ ଶିକ୍ଷାଧିକାରୀଙ୍କୁ ଜାତୀୟ ପୁରସ୍କାର




ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ): ଶିକ୍ଷା ପ୍ରଶାସନକୁ ସୁଦୃଢ଼ କରିବା ଏବଂ ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା ଉନ୍ନତ କରିବାରେ ଅଭିନବ ପଦକ୍ଷେପ ଏବଂ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନାଲ ପ୍ଲାନିଂ ଆଣ୍ଡ ଆଡମିନିଷ୍ଟ୍ରେସନ୍' (ଏନ୍‌ଆଇଇପିଏ) ଦ୍ୱାରା ଓଡ଼ିଶାର ୭ ଜଣ ଶିକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷା ପ୍ରଶାସନରେ ନବସୃଜନ ଏବଂ ଉତ୍ତମ ଅଭ୍ୟାସ ପାଇଁ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି।

ଓସେପାର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକଳାପ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ 'ଏଫ୍‌ଏଲ୍‌ଏନ୍ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ' ପାଇଁ ସମ୍ମାନିତ ହୋଇଛନ୍ତି। ଏହାଛଡ଼ା ଗଜପତିର ଡିଇଓ ଡକ୍ଟର ମାୟାଧର ସାହୁଙ୍କୁ 'ପ୍ରୟାସ @ ସୁପର ୩୦ ଗଜପତି' ପାଇଁ ସମ୍ମାନିତ କରାଯାଇଛି। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ 'ରିଡିଂ ଟୁର୍ଣ୍ଣାମେଣ୍ଟ ଓ ଡିଅର୍ ପ୍ରୋଗ୍ରାମ୍' ପାଇଁ କେନ୍ଦୁଝରର ଏଡିଇଓ ଶ୍ରୀକାନ୍ତ ବେହେରା ସମ୍ମାନିତ ହୋଇଛନ୍ତି। ବଲାଙ୍ଗୀରର ଏଡିଇଓ ସେବାଶ୍ରୀ ଭୋଇଙ୍କୁ ସମ୍ବଲପୁର ଜିଲ୍ଲାର ଧନକୌଡା ବ୍ଲକରେ 'ମିଶନ୍ ଜିରୋ ଡ୍ରପ୍ ଆଉଟ୍' ପାଇଁ ସମ୍ମାନିତ କରାଯାଇଛି। ଯାଜପୁରର ସମଗ୍ର ଶିକ୍ଷାର ଯୋଜନା ସଂଯୋଜକ ତ୍ରିଲୋଚନ ସାହୁଙ୍କୁ 'ବିଦ୍ୟାଳୟ ସୁରକ୍ଷା ଉପରେ ବିପର୍ଯ୍ୟୟ ପରିଚାଳନା ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା' ନିମନ୍ତେ, ଯାଜପୁର ଏଡିଇଓ ସବିତା ସାହୁ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ସମୁଦାୟ ମଧ୍ୟରେ ସଚେତନତା, ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ 'ସ୍କୁଲ ସେଫ୍ଟି କରିଡର: ଏ ୱେ ଅଫ୍ ଲାଇଫ୍ ଆଣ୍ଡ ଏ ଷ୍ଟେଟ୍ ଅଫ୍ ମାଇଣ୍ଡ' ପାଇଁ ଜାତୀୟ ସ୍ୱୀକୃତି ପାଇଛନ୍ତି।

● ମେଡିକାଲ କଲେଜ ଶିଶୁ ମୃତ୍ୟୁ ମାମଲା

# ପଦରୁ ହଟିଲେ ପ୍ରିନ୍ସିପାଲ, ଶିଶୁ ବିଭାଗ ମୁଖ୍ୟଙ୍କୁ ବଦଳି

କୋଲକାତା, ୫।୯(ସଂଚାର ବ୍ୟୁରୋ): ମାଲଦା ମେଡିକାଲ କଲେଜରେ ଶିଶୁ ମୃତ୍ୟୁ ଘଟଣା ପରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ-କମ-ଭାଇସ୍ ପ୍ରିନ୍ସିପାଲ୍ (ଏମ୍‌ଏସ୍‌ଭିପି)ଙ୍କୁ ପଦରୁ ହଟାଇ ଦିଆଯାଇଥିବା ବେଳେ ଶିଶୁ ରୋଗ ବିଭାଗର ମୁଖ୍ୟଙ୍କୁ ବଦଳି କରାଯାଇଛି। ଅଗଷ୍ଟରେ ଏହି ପ୍ରତିଷ୍ଠାନରେ ୮୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା, ଯେଉଁଥିରେ ଗୋଟିଏ ଦିନରେ ଦଶ ଜଣଙ୍କ ମୃତ୍ୟୁ ଘଟିଥିଲା। ଏକ ସ୍ୱତନ୍ତ୍ର ଦଳକୁ ଏହି ଘଟଣାର ତଦନ୍ତ କରିବାକୁ ଦିଆଯାଇଥିଲା। ଶନିବାର ସ୍ୱାସ୍ଥ୍ୟ ଭବନ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ ଇଏନ୍‌ଟି ବିଭାଗର ସହଯୋଗୀ ପ୍ରଫେସର ଗଣେଶ ଚନ୍ଦ୍ର ଗାୟେନଙ୍କୁ ବର୍ତ୍ତମାନର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନଜିତ ବାରଙ୍କ ସ୍ଥାନରେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ, ଶିଶୁ ରୋଗ ବିଭାଗର ମୁଖ୍ୟ ସୁଷମା ସାଉଙ୍କୁ ରାମପୁରହାଟ ମେଡିକାଲ କଲେଜକୁ ବଦଳି କରାଯାଇଛି। ଏନ୍‌ଆର୍‌ଏସ୍ ମେଡିକାଲ କଲେଜର ବିଶ୍ୱନାଥ ବସୁ ତାଙ୍କ ସ୍ଥାନ ନେବାକୁ ଯାଉଛନ୍ତି।

## ବିଭିନ୍ନ ସମସ୍ୟା ନେଇ ବିଜେଡିର ଦାବିପତ୍ର




ଟାଙ୍ଗୀ,୫।୯ (ସଂଚାର ବ୍ୟୁରୋ): ଖୋରଧା ଜିଲ୍ଲାର ନବ ଗଠିତ ଟାଙ୍ଗୀ ଏନ଼୍ଏସିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି ସହ ବିଭିନ୍ନ ମୌଳିକ ସମସ୍ୟା ନେଇ ଏନ଼୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଟାଙ୍ଗୀ ନଗର ବିଜେଡି ପକ୍ଷରୁ ଦାବି ପତ୍ର ଦିଆଯାଇଛି। ନଗର ବିଜେଡି ପକ୍ଷରୁ କର୍ମୀମାନେ ଟାଙ୍ଗୀ ଚିଲିକା ଛକରୁ ଶୋଭାଯାତ୍ରାରେ ବାହାରି ଏନ଼୍ଏସି କାର୍ଯ୍ୟାଳୟରେ ପହଁଚି କାର୍ଯ୍ୟ ନିର୍ବାହୀ ଅଧିକାର ରୁମାନା ଜାଫ୍ରିଙ୍କୁ ଦେଇଛନ୍ତି ୫ ଦଫା ସମ୍ବଳିତ ଦାବିପତ୍ର।

ଟାଙ୍ଗୀ ଏନ଼୍ଏସିରେ ଆବଶ୍ୟକତା ଅନୁଯାୟୀ ହେବାକୁ ଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ଦାବି କରିଛି ଦଳ। ଏହାସହ ଟାଙ୍ଗୀ ଏନ଼୍ଏସିରେ ବିପର୍ଯ୍ୟସ୍ତ ଡ୍ରେନେଜ ସମସ୍ୟା ସହ ଆଲୋକିକରଣ ଆଦିକୁ ଗୁରୁତ୍ୱ ଦେବାକୁ ଦାବି କରିଛି ଦଳ। ଯଦି ଜନସାଧାରଣଙ୍କ ସ୍ୱାର୍ଥ ଯେଉଁଠାରେ ବ୍ୟାଘାତ ହୁଏ ତେବେ ବିଜେଡି ଏହାର ଜବାବ ଦେବା ସହ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାଇ ଦେଉଛି।

ଏହି କାର୍ଯ୍ୟକ୍ରମ ରେ ଟାଙ୍ଗୀ ସମବାୟ ସମିତି ର ସଭାପତି ମହେନ୍ଦ୍ର କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ନୀଳକଣ୍ଠ ବେହେରା, ଶାନ୍ତନୁ ପ୍ରଧାନ, ବିଜେଡି ସଂଗଠକ ପ୍ରଦୀପ କୁମାର ମହାପାତ୍ର, ବରିଷ୍ଠ ସଦସ୍ୟ ଧୁଣାସନ ବିଶ୍ୱାଳ, ଯାମିନୀକାନ୍ତ ପାତ୍ର, ଉପେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ଅଧା ଡ୍ରେନ୍‌ରେ ବୁଡୁଛି କମାରଜୋଡା!

# ପୌରପାଳିକାର ଅବହେଳାରୁ ଘରେ ପଶୁଛି ବର୍ଷା ପାଣି

### ମାସ ମାସ ଧରି ଅଧାରେ ପଡ଼ିରହିଛି ନିର୍ମାଣ କାମ



ଯୋଡା,୫।୯ (ସଂଚାର ବ୍ୟୁରୋ): ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ନିର୍ମାଣ ହେଉଥିବା ଡ୍ରେନ୍ ଯଦି ଅଧାରେ ପଡ଼ି ରହେ, ତେବେ ଲୋକଙ୍କ ଦୁର୍ଦ୍ଦଶା କେତେ ବଢ଼ିପାରେ, ତାହାର ଉଦାହରଣ ପାଲଟିଛି ଯୋଡା ପୌରପାଳିକା ଅନ୍ତର୍ଗତ କମାରଜୋଡା ଅଞ୍ଚଳ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଡ୍ରେନ୍ ନିର୍ମାଣ କାମ ମାସ ମାସ ଧରି ଅଧାରେ ପଡ଼ି ରହିଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ଅଞ୍ଚଳବାସୀ ଜଳବନ୍ଦୀ ସମସ୍ୟାରେ ପଡୁଛନ୍ତି। ରାସ୍ତାରେ ପାଣି ଜମିବା ସହ ଘର ଓ ଦୋକାନ ଭିତରକୁ ବର୍ଷା ପାଣି ପଶୁଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ଲକ୍ଷ୍ୟରେ ପୌରପାଳିକା ପକ୍ଷରୁ ଡ୍ରେନ୍ ନିର୍ମାଣ ଆରମ୍ଭ କରାଯାଇଥିଲା। ହେଲେ କାମ ଅଧାରେ ବନ୍ଦ ହୋଇଯିବାରୁ ଏବେ ସେହି ଅଧା ନିର୍ମିତ ଡ୍ରେନ୍ ହିଁ ଲୋକଙ୍କ ପାଇଁ ସମସ୍ୟାର କାରଣ ପାଲଟିଛି। ଠିକାଦାର ଅଧା କାମ କରି ଚାଲିଯାଇଥିବା ଅଭିଯୋଗ ହେଉଥିବା ବେଳେ ନିର୍ମାଣ କାମର ଅଗ୍ରଗତି ନେଇ ପୌରପାଳିକା ପକ୍ଷରୁ ଆବଶ୍ୟକ ତଦାରଖ ହେଉନଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଡ୍ରେନ୍ ନିର୍ମାଣ ଅସମ୍ପୂର୍ଣ୍ଣ ଥିବାରୁ ବର୍ଷା ପାଣି ନିଷ୍କାସନ ପାଇଁ ସ୍ୱାଭାବିକ ରାସ୍ତା ପାଉନାହିଁ। ଫଳରେ ରାସ୍ତା ଓ ଡ୍ରେନ୍ ନିକଟରେ ପାଣି ଜମି ରହୁଛି। ଦୀର୍ଘ ସମୟ ଧରି ଅପରିଷ୍କାର ପାଣି ଜମି ରହିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିସହ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରୁ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି।

ଏନେଇ ସ୍ଥାନୀୟ ବାସିନ୍ଦାମାନେ ବାରମ୍ବାର ପୌରପାଳିକା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହେଉନଥିବା ସେମାନେ ଅଭିଯୋଗ କରିଛନ୍ତି। ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ସଙ୍ଗିନ ହେବାର ଆଶଙ୍କା ରହିଛି। ତେଣୁ ଅଧାରେ ପଡ଼ିଥିବା ଡ୍ରେନ୍ କାମ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ବର୍ଷା ପାଣିର ସୁଗମ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଲୋକଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ଆରମ୍ଭ ହୋଇଥିବା ଡ୍ରେନ୍ ନିର୍ମାଣ ଯଦି ମାସ ମାସ ଧରି ଅଧାରେ ପଡ଼ି ରହିବ, ତେବେ ଏହାର ଉଦ୍ଦେଶ୍ୟ ଓ ନିର୍ମାଣ ତଦାରଖକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିବା ସହ ପୌରପାଳିକାର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଆଙ୍ଗୁଳି ଉଠୁଛି।

## ଗୁରୁଙ୍କୁ ମନ୍ତ୍ରୀଙ୍କ ସମ୍ମାନ ଓ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ଦିଗଦର୍ଶନ




ପାରାଦୀପ,୫।୯ (ସଂଚାର ବ୍ୟୁରୋ): ପବିତ୍ର ଗୁରୁ ଦିବସ ଅବସରରେ ପାରାଦୀପ ନିର୍ବାଚନମଣ୍ଡଳୀର ସମସ୍ତ ଅବସରପ୍ରାପ୍ତ ଗୁରୁଙ୍କୁ ଆମନ୍ତ୍ରଣ କରି ସମ୍ବର୍ଦ୍ଧିତ କରିଛନ୍ତି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସ୍ଥାନୀୟ ଜୟଦେବ ସଦନରେ ଆୟୋଜିତ ଗୁରୁ ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସମାଜ ଗଠନରେ ଗୁରୁଙ୍କ ଭୂମିକା ଓ ଅବଦାନ ଉପରେ ଆଲୋଚନା କରିଥିଲେ।

ଗୁରୁ ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଏକ ନୂଆ ପଦକ୍ଷେପ ଆରମ୍ଭ ହୋଇଛି। ପାରାଦୀପରେ ପ୍ରଥମ ଥର ପାଇଁ 'ପାରାଦୀପ କ୍ୟାରିୟର ଉଦୟ' ନାମକ ଏକ ଫାଉଣ୍ଡେସନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବ୍ରିଜ ଭାରତ ଓ ବେଦାନ୍ତ ଆଲୁମିନିୟମର ସହଯୋଗରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ପାରାଦୀପ ନିର୍ବାଚନ ମଣ୍ଡଳୀର ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ କ୍ୟାରିୟର ଦିଗଦର୍ଶନ ଦେବା।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଆଗାମୀ କ୍ୟାରିୟର ସମ୍ପର୍କରେ କାଉନସେଲିଂ ପ୍ରଦାନ ସହ ସେମାନଙ୍କ ମଧ୍ୟରେ ଥିବା ପ୍ରତିଭା ଓ ଦକ୍ଷତାକୁ ଚିହ୍ନଟ କରାଯିବ। ଏହା ସହିତ ନିଜ ଦକ୍ଷତାର ବିକାଶ କରି ଭବିଷ୍ୟତରେ ଉପଯୁକ୍ତ କ୍ୟାରିୟର ଚୟନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦିଆଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇଥିବା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଥିଲେ।

ଗୁରୁଙ୍କୁ ସମ୍ମାନ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ– ଗୁରୁ ଦିବସରେ ଏଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାରାଦୀପର ଶିକ୍ଷା କ୍ଷେତ୍ରକୁ ନୂଆ ଦିଗ ଦେବ ବୋଲି ଆଶା ପ୍ରକାଶ ପାଇଛି।

## ଗୁରୁଦିବସରେ ଅବସରପ୍ରାପ୍ତ ଗୁରୁଜନଙ୍କୁ ସମ୍ମାନ

ହିଞ୍ଜିଳିକାଟୁ,୫।୯ (ସଂଚାର ବ୍ୟୁରୋ): ଗୁରୁ-ଶିଷ୍ୟ ପରମ୍ପରାର ଅତୁଟ ସମ୍ପର୍କକୁ ଜୀବନ୍ତ ରଖିଛନ୍ତି ଆଶୋକ ହାଇସ୍କୁଲ, ଜାମୁନିର ୧୯୯୨ ବ୍ୟାଚ୍‌ର ପୂର୍ବତନ ଛାତ୍ରମାନେ। ଗୁରୁ ଦିବସ ଅବସରରେ ପ୍ରାୟ ୫୦ ବର୍ଷ ବୟସରେ ପହଞ୍ଚିଥିବା ଏହି ପୂର୍ବତନ ଛାତ୍ରମାନେ ନିଜ ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ଗୁରୁଜନ ସୀମାଞ୍ଚଳ ସାମଲ, ଦୟାପାଣି



ସାବତ, ରାଘବ ଚ. ତ୍ରିପାଠୀ, ଅରକ୍ଷିତ ପାଣିଗ୍ରାହୀ ଓ ପଞ୍ଚାନନ ପାଣିଗ୍ରାହୀଙ୍କୁ ଉପହାର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏଥିସହ ଗୁରୁଜନଙ୍କ ଉପସ୍ଥିତି ଓ ଆଶୀର୍ବାଦ କାମନା କରାଯାଇଥିଲା। ଶିକ୍ଷାଜୀବନରେ ଗୁରୁଜନଙ୍କ ଅବଦାନକୁ ସ୍ମରଣ କରି ପୂର୍ବତନ ଛାତ୍ରମାନେ ଏହି ସମ୍ମାନ ପ୍ରଦାନ କରିଥିଲେ।

## ବୋରିଗୁମ୍ମାରେ ଗୁରୁ ଦିବସ ପାଳିତ



ବୋରିଗୁମ୍ମା,୫।୯ (ସଂଚାର ବ୍ୟୁରୋ): ଆଜି ହେଉଛି ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ। ସାରା ଦେଶରେ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ବୋରିଗୁମ୍ମା ଏନଏସି ସମେତ ସାରା ବ୍ଲକରେ ଗୁରୁ ଦିବସ ପାଳନ କରାଯାଇଛି। ବୋରିଗୁମ୍ମା ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁ ଦିବସ ପାଳନ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟଙ୍କ ସଭାପତିତ୍ୱରେ ଗୁରୁ ଦିବସ ପାଳନ କରାଯାଇଥିଲା। ପ୍ରଥମେ ରାଧାକୃଷ୍ଣନଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପରେ ଦୀପ ପ୍ରଜ୍ୱଳନ କରିଥିଲେ। ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗୁରୁପୂଜନ କରାଯାଇଥିଲା।

ଚଳିତ ବର୍ଷ ରାଜ୍ୟ ସରକାର ପ୍ରତି ବିଦ୍ୟାଳୟରେ ଗୁରୁ ଦିବସ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ବ୍ଲକରେ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯାମୀ ରଥ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଶ୍ରୀନିବାସ ବିଶୋଇ, ବିଜୟାନନ୍ଦ ପଟ୍ଟନାୟକ, ସୀମାଞ୍ଚଳ ଦାସ, ଚନ୍ଦ୍ରଶେଖର ପ୍ରଧାନ, ଗଣପତି ଗଡ଼ାୟତଙ୍କୁ ସାଲ, ଉପଢୌକନ ଓ ଫୁଲ ତୋଡ଼ା ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ସମସ୍ତ ଅତିଥି ଗୁରୁ ଦିବସ ଉପଲକ୍ଷେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ସ୍କୁଲ ପରିଚାଳନା କମିଟିର ସଭାପତି କାଳୀପ୍ରସାଦ ପାତ୍ର, ସିଆରସିସି ଆଶିଷ କୁମାର ହୋତା, ସାମ୍ବାଦିକ କେ.ସାକିଲି ଦୋରା, ଏନ ପିମ୍ପସ କୁମାର ଙ୍କୁ ସାଲ ପ୍ରଦାନ କରି ସମ୍ମାନିତ କରିଥିଲେ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ



ମାଲକାନଗିରି,୫।୯ (ସଂଚାର ବ୍ୟୁରୋ): ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଆଜି ଡାକ୍ତର ମୁକେଶ ମହାଲିଙ୍ଗ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ) ଙ୍କ ସହିତ ଭୁବନେଶ୍ୱର ବାସଭବନ ଠାରେ ମାଲକାନଗିରି ଜିଲ୍ଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବା ଉପରେ ଆଲୋଚନା କରିଛନ୍ତି। ମାନ୍ୟବର ମନ୍ତ୍ରୀ ମଧ୍ୟ ଖୁବ୍ ମାଲକାନଗିରି ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଅତିଶୀଘ୍ର ଡାକ୍ତର ନିଯୁକ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଠାରେ ଅଲଟ୍ରା ସାଉଣ୍ଡ ଯନ୍ତ୍ର, ଡିଜିଟାଲ ଏକ୍ସରେ ଭଳି ନୂତନ ଉପକରଣ, କାଲିମେଲା ସିଏଚ୍‌ସି ଠାରେ ଡାୟାଲିସିସ୍ କେନ୍ଦ୍ର, ମେଡିସିନ ବିଶେଷଜ୍ଞ ଡାକ୍ତର ଓ ପଡିଆ, ଖଇରପୁଟ, ମାଥିଲି, ଚିତ୍ରକୋଣ୍ଡା ଠାରେ ନିୟମିତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ପ୍ରତୃଶୃତି ଦେଇଛନ୍ତି ।

## ଉଦ୍ୟାନ କୃଷି ସଚେତନତା କାର୍ଯ୍ୟକ୍ରମ




ଖୋର୍ଦ୍ଧା,୫।୯ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲାର ପୁରୁସାହିସ୍ଥିତ ନ୍ୟୁ ଷ୍ଟାର ସାଇନ୍ସ କଲେଜରେ ଉଦ୍ୟାନ କୃଷି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟାନ କୃଷିର ଗୁରୁତ୍ୱ, ପରିସର ଓ ଏଥିରେ ଥିବା ବୃତ୍ତିଗତ ସୁଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା।

ଏହି କାର୍ଯ୍ୟକ୍ରମଟି ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ଖୋର୍ଦ୍ଧା, ଶ୍ରୀୟା ଶାଶ୍ୱତୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏଥିରେ ୧୦୦ରୁ ଅଧିକ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସମୟରେ ଛାତ୍ରଛାତ୍ରୀମାନଙ୍କୁ ଫଳ ଚାଷ, ପନିପରିବା ଚାଷ, ପୁଷ୍ପଚାଷ, ସୁରକ୍ଷିତ ଚାଷ, ନର୍ସରୀ ପରିଚାଳନା, ଉଦ୍ୟମିତା ଏବଂ ଉଦ୍ୟାନ କୃଷି କ୍ଷେତ୍ରରେ ଉଦ୍ଭବିତ ବୃତ୍ତିଗତ ସୁଯୋଗ ସମେତ ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା।

ଏହି ଅବସରରେ ପୁରୁସାହିର ସରପଞ୍ଚ ସଂଘମିତ୍ରା ମହାପାତ୍ର ବିଶେଷ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉତ୍ସାହିତ କରିଥିଲେ। ସଚେତନତା କାର୍ଯ୍ୟକ୍ରମର ଅଂଶ ଭାବେ ମହାବିଦ୍ୟାଳୟ ପରିସରରେ ଏକ ଫଳ ଗଛ ରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅତିଥିମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ନିର୍ମାଣାଧୀନ ପୋଲରେ ପିଟିହୋଇ ଯୁବକ ମୃତ

ନୀଳଗିରି,୫।୯ (ସଂଚାର ବ୍ୟୁରୋ): ଶେରଗଡ଼-ନୀଳଗିରି-ଝରଣାଘାଟି ୧୯ନମ୍ବର ରାଜ୍ୟ ରାଜପଥ ଗୋହିରା ଛକ ନିକଟରେ ଦୁର୍ଗା କନଷ୍ଟ୍ରକ୍ସନ କମ୍ପାନୀ ଦ୍ୱାରା ଏକ ପୋଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଏହି ପୋଲରେ ଆଜି ନୀଳଗିରି ଥାନା ପଣ୍ଡା ଅର୍ଫିସ ଡାହାଣୀମରା ଗ୍ରାମର ପଣ୍ଡା ସିଂଙ୍କ ପୁଅ ସୁନୀଲ ସିଂ (୨୧) କୌଣସି କାର୍ଯ୍ୟରେ ଓଡ଼ି୦୧ ବିସି ୮୭୨୫ ନମ୍ବର ବିଶିଷ୍ଟ ବାଇକ ଯୋଗେ ମଧ୍ୟାହ୍ନ ୨ ଘଟିକା ସମୟରେ ଯାଉଥିବା ବେଳେ ରାସ୍ତାଖାଲଖମା ଯୋଗୁଁ ଭାରସାମ୍ୟ ହରାଇ ନିର୍ମାଣାଧୀନ ପୋଲରେ ବାଇକ ସହ ବାଡେଇ ହୋଇଯାଇଥିଲା। ସୁନୀଲକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବରହମପୁର ପୁଲିସ ଉଦ୍ଧାର କରି ନୀଳଗିରି ମେଡିକାଲକୁ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପକ୍ଷରୁ ବାଇକକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

## ଗୁରୁ ଦିବସରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କଲା ଉତ୍କଳ ସାମ୍ବାଦିକ ସଂଘ




ମାଲକାନଗିରି, ୫।୯ (ସଂଚାର ବ୍ୟୁରୋ): ଗୁରୁ ଦିବସ ଅବସରରେ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ 'ଗୁରୁ ସମ୍ମାନ-୨୦୨୬' କାର୍ଯ୍ୟକ୍ରମ କାଲିମେଲା ବ୍ଲକର ଭୈରବୀ ୟୁଥ୍ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର କାଲିମେଲା ଓ ପଡ଼ିଆ ବ୍ଲକ ଶାଖାର ମିଳିତ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଅଶୋକ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିଲା। କାର୍ଯ୍ୟକ୍ରମରେ କାଲିମେଲା ବିଡିଓ ପ୍ରଦୀପ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ସମାଜର ଭବିଷ୍ୟତ ଗଠନର ମୁଖ୍ୟ କାରିଗର ବୋଲି କହିଥିଲେ। ଶିକ୍ଷାଦାନ ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକତା, ଶୃଙ୍ଖଳା ଓ ମାନବିକ ମୂଲ୍ୟବୋଧ ଗଢ଼ି ତୋଳିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ଉପସଭାପତି ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ହୃଷିକେଶ ସେଠୀ, ଉପଦେଷ୍ଟା ରତ୍ନାକର ଦାଶ ଏବଂ କାଲିମେଲା-ପଡ଼ିଆ ବ୍ଲକ ସଭାପତି ଟି. ସତ୍ୟନାରାୟଣ ସୁବୁଦ୍ଧି ଯୋଗଦେଇଥିଲେ। ଅତିଥିମାନେ ଗୁରୁ ଦିବସର ମହତ୍ତ୍ୱ ଓ ଆଧୁନିକ ସମାଜ ଗଠନରେ ଶିକ୍ଷକମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।ଏହି ଅବସରରେ କାଲିମେଲା ଓ ପଡ଼ିଆ ବ୍ଲକରେ ଉତ୍ତମ ଶିକ୍ଷାଦାନ ଓ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ଶିକ୍ଷକମାନଙ୍କ ସମାଜ ପ୍ରତି ଅବଦାନକୁ ସ୍ୱୀକୃତି ଦେବା ସହ ତାଙ୍କୁ ଉତ୍ସାହିତ କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ସଂଘର ସମସ୍ତ ବ୍ଲକ ସଭାପତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ଲକ୍ଷ୍ମୀପୁରରେ ଧୂମ୍‌ଧାମରେ ନନ୍ଦୋତ୍ସବ ପାଳିତ

ଛତ୍ରପୁର,୫।୯ (ସଂଚାର ବ୍ୟୁରୋ): ଆଧୁନିକତାର ଚକାଚକ୍ୟ ଭିତରେ ହଜିଯାଉଥିବା ପୁରୁଣା ପରମ୍ପରାକୁ ଆଜି ବି ଜାବୁଡ଼ି ଧରିଛି ଗାଁ। ପିଢ଼ି ପରେ ପିଢ଼ି ଚାଲିଆସୁଥିବା ପରମ୍ପରାକୁ ନେଇ ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମରେ ଜନ୍ମାଷ୍ଟମୀ ଅବସରରେ ଧୂମ୍‌ଧାମରେ ପାଳିତ ହୋଇଛି ନନ୍ଦୋତ୍ସବ।

ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ନନ୍ଦୋତ୍ସବରେ ଶ୍ରୀକୃଷ୍ଣଙ୍କ ସ୍ୱତନ୍ତ୍ର ପୂଜା, ଶୋଭାଯାତ୍ରା, ରାଧାକୃଷ୍ଣ ବେଶ ଓ ଦହିହାଣ୍ଡି ଭଙ୍ଗା ଭଳି କାର୍ଯ୍ୟକ୍ରମ ହୋଇଥିଲା।

କୁନିକୁନି ପିଲା ମାନେ ରାଧାକୃଷ୍ଣ ବେଶରେ ଦେଖିବାକୁ ମିଳିଥିବା ବେଳେ ଯୁବକମାନଙ୍କ ପକ୍ଷରୁ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ହୋଇଥିଲା। ଏଥିସହ ବିଭିନ୍ନ ପାରମ୍ପରିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ସେହିପରି ପାରମ୍ପରିକ ନାଟ 'ଭାରତଲୀଳା' ଓ ରାମାୟଣ ପରିବେଷଣ କରାଯାଇଥିଲା। ନାଟକ ଦେଖିବା ପାଇଁ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ଭିଡ଼ ଜମିଥିଲା। ବିଭିନ୍ନ ସ୍ଥାନରୁ ଦୋକାନ ଓ ଖାଦ୍ୟ ଷ୍ଟଲ ଆସିଥିବାରୁ ଲୋକେ କିଣାକିଣି ସହ ଖାଦ୍ୟର ମଜା ନେଇଥିଲେ।ପୁଲିସ କର୍ମଚାରୀମାନେ ଉପସ୍ଥିତ ରହି ଟ୍ରାଫିକ୍ ନିୟନ୍ତ୍ରଣ ସହ ଆଇନଶୃଙ୍ଖଳା ଦାୟିତ୍ୱ ତୁଲାଇଥିଲେ।

## 'ଦ ଆସ୍ଥା ବସ୍ତିଆ ଫାଉଣ୍ଡେସନ' ଉଦ୍‌ଘାଟିତ




ସୁନ୍ଦରଗଡ଼,୫।୯ (ସଂଚାର ବ୍ୟୁରୋ): ଉତ୍କର୍ଷତା, ସହାନୁଭୂତି ଓ ଉଦ୍ଦେଶ୍ୟପୂର୍ଣ୍ଣ ଜୀବନର ଏକ ଉଜ୍ଜ୍ୱଳ ପ୍ରତୀକ ଥିଲେ ଆସ୍ଥା ବସ୍ତିଆ। ତାଙ୍କର ସ୍ୱପ୍ନ, ଚିନ୍ତାଧାରା ଓ ସମାଜ ପ୍ରତି ଥିବା ଦାୟିତ୍ୱ ବୋଧକୁ ଏକ ସ୍ଥାୟୀ ସାମାଜିକ ଆନ୍ଦୋଳନରେ ପରିଣତ କରିବାର ମହତ୍ ଉଦ୍ଦେଶ୍ୟ ନେଇ ରାଉରକେଲା କ୍ଲବଠାରେ 'ଦ ଆସ୍ଥା ବସ୍ତିଆ ଫାଉଣ୍ଡେସନ'ର ଶୁଭ ଉଦ୍ଘାଟନ ହୋଇଯାଇଛି।

ଦିବ୍ୟଲୋଚନ ବସ୍ତିଆ ଓ ଲୀନା ବସ୍ତିଆଙ୍କ ଦ୍ୱାରା ଫାଉଣ୍ଡେସନର ଶୁଭାରମ୍ଭ କରାଯାଇଥିବା ବେଳେ ଏହି ଭାବପ୍ରବଣ ଓ ପ୍ରେରଣା ଦାୟୀ ଅବସରରେ ସମାଜର ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ବିଶେଷ, ଶିକ୍ଷାବିତ୍, ପରିବେଶବିତ୍, ଯୁବ ପ୍ରତିଭା ଓ ଶୁଭେଚ୍ଛୁମାନେ ଯୋଗଦେଇ ଥିଲେ। ପିଲାବେଳୁ ଆସ୍ଥା ପାଠପଢ଼ାରେ ଅସାଧାରଣ ପ୍ରତିଭାର ପରିଚୟ ଦେବା ସହିତ ବିତର୍କ, ବକ୍ତୃତା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନେତୃତ୍ୱମୂଳକ କାର୍ଯ୍ୟରେ ସକ୍ରିୟ ଭାବେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ। ତାଙ୍କର ଅକ୍ଳାନ୍ତ ପରିଶ୍ରମ, ପ୍ରଖର ମେଧା ଓ ଅଦମ୍ୟ ଅଧ୍ୟବସାୟ ତାଙ୍କୁ ଦିଲ୍ଲୀ ପବ୍ଲିକ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଶ୍ରେଷ୍ଠ ଛାତ୍ରୀ ହେବାର ଗୌରବ ପ୍ରଦାନ କରିଥିଲା। ପରବର୍ତ୍ତୀ ସମୟରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠିତ ନର୍ଥ କ୍ୟାମ୍ପସ୍‌ରେ ଉଚ୍ଚଶିକ୍ଷା ଗ୍ରହଣ କରି ନିଜ ଶିକ୍ଷାଜୀବନରେ ଆଉ ଏକ ସଫଳ ଅଧ୍ୟାୟ ଯୋଡ଼ିଥିଲେ।

ସେ ବିଶ୍ୱାସ କରୁଥିଲେ ଯେ ପ୍ରକୃତ ସଫଳତା କେବଳ ନିଜର ଉନ୍ନତିରେ ନୁହେଁ,ବରଂ ଅନ୍ୟ ମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ ସମାଜ ପାଇଁ ଏକ ଉତ୍ତମ ଭବିଷ୍ୟତ ଗଢ଼ିବାରେ ନିହିତ। ଆସ୍ଥାଙ୍କ ଏହି ମହାନ ଚିନ୍ତାଧାରାକୁ ଆଗକୁ ନେବା ପାଇଁ 'ଦ ଆସ୍ଥା ବସ୍ତିଆ ଫାଉଣ୍ଡେସନ' ତିନୋଟି ପ୍ରମୁଖ କ୍ଷେତ୍ରକୁ ନିଜର କାର୍ଯ୍ୟ ଧାରାର କେନ୍ଦ୍ରବିନ୍ଦୁ କରିଛି। ମେଧାବୀ ଛାତ୍ରଛାତ୍ରୀଙ୍କ ସଶକ୍ତୀକରଣ ଓ ନିଜ ସ୍ୱପ୍ନ ସାକାର କରିବାରେ ସହଯୋଗ କରିବା। ଚିକିତ୍ସାଜନିତ ଜରୁରୀ ପରିସ୍ଥିତିରେ ଆବଶ୍ୟକତା ଥିବା ବ୍ୟକ୍ତି ଓ ପରିବାରଙ୍କ ପାଖରେ ସହାୟତା ପହଞ୍ଚାଇବା। ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ପ୍ରକୃତି ସଂରକ୍ଷଣ ମାଧ୍ୟମରେ ଏକ ସବୁଜ, ସୁସ୍ଥ ଓ ସ୍ଥାୟୀ ପୃଥିବୀ ଗଢ଼ିବା ଦିଗରେ ଜନ ଆନ୍ଦୋଳନ ସୃଷ୍ଟି କରିବା।

ରାଉରକେଲା କ୍ଲବରେ ଆୟୋଜିତ ଏହି ସ୍ମରଣୀୟ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସନ୍ନ ନାୟକ, ରଘୁନାଥପୁର ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ବଡ଼ଗାଁ ଆଇ.ଟି.ଆଇ. ଓ ନର୍ସିଂ କଲେଜର ଅଧ୍ୟକ୍ଷ ଡ. ଅରୁଣ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଫାଉଣ୍ଡେସନର ମହତ୍ ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ।

## ବନ୍ତିଲୋ ପିଏମ୍ ଶ୍ରୀ ସ୍କୁଲରେ ଅଭୁଲା ଗୁରୁ ଦିବସ



କାକଟପୁର/ଅସ୍ତରଙ୍ଗ, ୫।୯ (ସଂଚାର ବ୍ୟୁରୋ): ସରକାରୀ ସ୍କୁଲ ମାନେ ସଂସ୍କାର ଦେଇପାରନ୍ତିନି ବୋଲି ଯେଉଁମାନେ କୁହନ୍ତି, ସେମାନେ ଥରେ ବନ୍ତିଲୋ ଆସନ୍ତୁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ପିଏମ୍ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟରେ ପବିତ୍ର ଗୁରୁ ଦିବସ ନଥିଲା, ସାକ୍ଷାତ ଗୁରୁ ପୂଜା ଥିଲା। ଯେଉଁଠି ପିଲା ହେଲେ ପୂଜାରୀ ଓ ଗୁରୁ ହେଲେ ଭଗବାନ। ପ୍ରଧାନ ଶିକ୍ଷକ ନାରାୟଣ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୟୁକୋ ବ୍ୟାଙ୍କ ପୂର୍ବତନ ଡିଜିଏମ ପ୍ରମୋଦ କୁମାର ନାୟକ, ମୁଖ୍ୟ ବକ୍ତା ପୂର୍ବତନ ବିଇଓ ଶାନ୍ତନୁ ବିଶ୍ୱାଳ, ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ଦ୍ୱିଜବର ବାଘ ଓ ଗ୍ରାମ୍ୟ ସଭାପତି ପ୍ରଫୁଲ୍ଲ ପରିଡା ଯୋଗଦେଇଥିଲେ।

ସବୁଠୁ ହୃଦୟସ୍ପର୍ଶୀ ଥିଲା ଗୁରୁ ପୂଜା। ଧଳା ଚାଦର ଉପରେ ଚୌକି ପକାଇ ଅବସରପ୍ରାପ୍ତ ଓ ବର୍ତ୍ତମାନର ସମସ୍ତ ଗୁରୁଙ୍କୁ ବସାଯାଇଥିଲା। କୁନି ପିଲାମାନେ ପିତଳ ଗଡୁରେ ପାଣି ଆଣି ଗୁରୁଙ୍କ ପାଦ ଧୋଇ, ଗାମୁଛାରେ ପୋଛି, ଚନ୍ଦନ ଲଗାଇ, ଫୁଲମାଳ ପିନ୍ଧାଇ ସାଷ୍ଟାଙ୍ଗ ପ୍ରଣାମ କଲେ। ପ୍ରତି ପିଲା ନିଜ ହାତ ଲେଖା "ଗୁରୁ ଆମ ଆଦର୍ଶ" କାର୍ଡ ଭେଟି ଦେଇଥିଲେ। ଏହାପରେ କୁନି ପିଲାଙ୍କ ଗହଣରେ ଅବସର ଗୁରୁଙ୍କୁ ବସାଇ କେକ୍ କାଟି ସମ୍ମାନିତ କରାଗଲା। ଚାକିରି ସରିଲା ପରେ ବି ଏମିତି ସମ୍ମାନ ପାଇ ଅନେକ ଗୁରୁଙ୍କ ଆଖିରୁ ଲୁହ ଝରିଯାଇଥିଲା।

ପ୍ରଧାନ ଶିକ୍ଷକ ନାରାୟଣ ପରିଡା କହିଛନ୍ତି, ଆମ ସ୍କୁଲର ଲକ୍ଷ୍ୟ କେବଳ ସ୍ମାର୍ଟ କ୍ଲାସ ନୁହେଁ, ସଂସ୍କାର କ୍ଲାସ। ଆମେ ମାର୍କ ନୁହେଁ, ମଣିଷ ଗଢୁଛୁ। ଯିଏ ଗୁରୁଙ୍କୁ ଆଦର୍ଶ ମାନିବ, ସେ ହିଁ ଦେଶର ଆଦର୍ଶ ହେବ। ଚାକିରି ସରେ, ହେଲେ ଗୁରୁତ୍ୱ କେବେ ସରେନି।

# ସମ୍ମମ୍‌ରେ ଆଞ୍ଜିଓଜେଟ୍ ଥ୍ରୋମ୍ବେକ୍ଟୋମି ସିଷ୍ଟମ୍‌ର ଶୁଭାରମ୍ଭ

### ଓଡ଼ିଶାରେ ପ୍ରଥମ




ଭୁବନେଶ୍ୱର,୫।୯ (ସଂଚାର ବ୍ୟୁରୋ): ଅତ୍ୟାଧୁନିକ ରକ୍ତନଳୀ ଏବଂ ଇଂଟରଭେନସନାଲ୍ ଚିକିତ୍ସା କ୍ଷେତ୍ରରେ ସମ୍ ଅଲ୍‌ଟିମେଟ୍ ମେଡିକେୟାର (ସମ୍ମମ୍) ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ରାଜ୍ୟର ପ୍ରଥମ ହସ୍ପିଟାଲ୍ ଭାବେ ସମ୍ମମ୍‌ରେ ଆଞ୍ଜିଓଜେଟ୍ ଥ୍ରୋମ୍ବେକ୍ଟୋମି ସିଷ୍ଟମର ଶୁଭାରମ୍ଭ ନିକଟରେ କରାଯାଇଛି। ଏହି ଅତ୍ୟାଧୁନିକ ପ୍ରଯୁକ୍ତି ଜଟିଳ ରକ୍ତ ଜମାଟ ଜନିତ ସମସ୍ୟାର ମିନିମାଲି ଇନଭେସିଭ୍ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ। ଜଟିଳ ରକ୍ତଜମାଟ ଜନିତ ସମସ୍ୟାରେ ପିଡ଼ିତ ଥିବା ରୋଗୀଙ୍କ କ୍ଷେତ୍ରରେ ବଡ଼ ଅସ୍ତ୍ରୋପଚାରର ଆବଶ୍ୟକତାକୁ ଏଡ଼ାଇ ଏହି ପ୍ରଯୁକ୍ତି ସହାୟତାରେ ଚିକିତ୍ସା କରାଯାଇପାରିବ।

ଆଞ୍ଜିଓଜେଟ୍ ହେଉଛି ଏକ ଅତ୍ୟାଧୁନିକ ଥ୍ରୋମ୍ବେକ୍ଟୋମି ପ୍ରଣାଳୀ, ଯାହା ଅବରୁଦ୍ଧ ରକ୍ତନଳୀରୁ ଦ୍ରୁତଗତିରେ ରକ୍ତ ଜମାଟକୁ ଭାଙ୍ଗି ବାହାର କରିବାରେ ସହାୟକ ହୋଇଥାଏ। ଜଣେ ଇଂଟରଭେନସନାଲ୍ ରେଡିଓଲୋଜିଷ୍ଟ ଏକ କ୍ଷୁଦ୍ର ଛିଦ୍ର ମାଧ୍ୟମରେ ପ୍ରଭାବିତ ରକ୍ତନଳୀ ଭିତରକୁ ଏକ ସ୍ୱତନ୍ତ୍ର କ୍ୟାଥେଟର ପ୍ରବେଶ କରାଇଥାନ୍ତି। ଏହି ପ୍ରଣାଳୀ ରକ୍ତ ଜମାଟକୁ ବାହାର କରିବା ସହ ରକ୍ତ ପ୍ରବାହକୁ ପୁନଃ ସ୍ୱାଭାବିକ କରିବାରେ ସହାୟତା କରିଥାଏ ବୋଲି ସମ୍ ଅଲ୍‌ଟିମେଟ୍ ମେଡିକେୟାରର ଇଂଟରଭେନସନାଲ୍ ରେଡିଓଲୋଜି ବିଭାଗର ମୁଖ୍ୟ ତଥା କନ୍‌ସଲଟାଂଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ କହିଛନ୍ତି।

ଏହି ପ୍ରଯୁକ୍ତି ବିଶେଷକରି ଡିପ୍ ଭେନ୍ ଥ୍ରୋମ୍ବୋସିସ୍ (ଡିଭିଟି)ରେ ପୀଡ଼ିତ ଥିବା ରୋଗୀଙ୍କ ପାଇଁ ଉପକାରୀ ହୋଇପାରିବ। ଏହି ରୋଗରେ ଗୋଡ଼ କିମ୍ବା ଶରୀରର କୌଣସି ଶିରାରେ ରକ୍ତ ଜମାଟ ସୃଷ୍ଟି ହୋଇଥାଏ। ଏହାର ଠିକ୍ ସମୟରେ ଚିକିତ୍ସା ନହେଲେ ପଲମୋନାରୀ ଏମ୍ବୋଲିଜମ୍ ସମେତ ବିଭିନ୍ନ ଗୁରୁତର ଜଟିଳତା ସୃଷ୍ଟି ହେବା ସହ ପ୍ରଭାବିତ ଅଙ୍ଗରେ ଦୀର୍ଘକାଳୀନ ଯନ୍ତ୍ରଣା ଓ ଫୁଲା ଦେଖାଦେଇପାରେ। ଆଞ୍ଜିଓଜେଟ ଆକ୍ୟୁଟ୍ ଆର୍ଟେରିଆଲ୍ ଥ୍ରୋମ୍ବୋସିସ କ୍ଷେତ୍ରରେ ମଧ୍ୟ ଚିକିତ୍ସା କରାଯାଇପାରିବ। ଏହା ସହିତ ଡାଏଲିସିସ୍ ପାଇଁ ବ୍ୟବହୃତ ଏଭି ଫିଷ୍ଟୁଲା ଏବଂ ଗ୍ରାଫ୍‌ଟରେ ସୃଷ୍ଟି ହୋଇଥିବା ରକ୍ତ ଜମାଟକୁ ଦୂର କରି ସେଗୁଡ଼ିକର କାର୍ଯ୍ୟକ୍ଷମତା ଫେରାଇବାରେ ମଧ୍ୟ ଏହି ପ୍ରଣାଳୀ ସହାୟକ ହୋଇପାରିବ।

"ଓଡ଼ିଶାରେ ପ୍ରଥମ ଆଞ୍ଜିଓଜେଟ୍ ପ୍ରଣାଳୀର ପ୍ରଚଳନ ରାଜ୍ୟ ତଥା ରାଜ୍ୟ ବାହାରର ରୋଗୀଙ୍କ ନିକଟରେ ଅତ୍ୟାଧୁନିକ ଓ ମିନିମାଲି ଇନଭେସିଭ୍ ରକ୍ତନଳୀ ଚିକିତ୍ସା ଯୋଗାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ" ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି।

ଏହି ସୁବିଧା ଉପଲବ୍ଧ ହେବା ପରେ ଜଟିଳ ରକ୍ତ ଜମାଟ ସମସ୍ୟାରେ ପୀଡ଼ିତ ରୋଗୀମାନେ, ଯେଉଁମାନଙ୍କୁ ପୂର୍ବରୁ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା, ସେମାନେ ଏବେ ଭୁବନେଶ୍ୱରରେ ଏହି ଅତ୍ୟାଧୁନିକ ଥ୍ରୋମ୍ବେକ୍ଟୋମି ଚିକିତ୍ସାର ସୁବିଧା ପାଇପାରିବେ।

# ତିନିଦିନିଆ ଆବୁଧାବି ଓ ଦୁବାଇ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

- ରପ୍ତାନିଭିତ୍ତିକ ଶିଳ୍ପ ଅଭିବୃଦ୍ଧି ପାଇଁ ଉଦ୍ୟମ
- ଧାତୁ ଶିଳ୍ପରୁ ନୂତନ ଯୁଗର ଶିଳ୍ପମୁହାଁ ଓଡ଼ିଶା
- ଶିଳ୍ପପତି ଓ ନିବେଶକଙ୍କ ସହ ହେବ ବୈଠକ



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ः ରାଜ୍ୟରେ ବିଶ୍ୱସ୍ତରୀୟ ପୁଞ୍ଜି ନିବେଶ, ରପ୍ତାନିଭିତ୍ତିକ ଶିଳ୍ପର ସମ୍ପ୍ରସାରଣ ଓ ସଂଯୁକ୍ତ ଅରବ ଏମିରେଟ୍ସ (ୟୁଏଇ) ସହ ଆର୍ଥିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ୟୁଏଇ ଗସ୍ତ କରି ପୁଞ୍ଜିନିବେଶକମାନଙ୍କ ସହ ଆଲୋଚନା କରିବେ।

ଏହି ଗସ୍ତକୁ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ଓ ଏଥିରେ ରପ୍ତାନି-ଭିତ୍ତିକ ଉତ୍ପାଦନର ପ୍ରଚୁର ସମ୍ଭାବନା ରହିଛି। ୟୁଏଇ ଗସ୍ତ ମାଧ୍ୟମରେ ଆମେ ବିଶ୍ୱସ୍ତରୀୟ ପୁଞ୍ଜି, ପ୍ରଯୁକ୍ତିବିଦ୍ୟା ଓ ବଜାର ସହ ଓଡ଼ିଶାକୁ ଯୋଡ଼ିବାକୁ ଚାହୁଁଛୁ, ଯାହା ରାଜ୍ୟର ଯୁବବର୍ଗଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

ଏହି ତିନିଦିନିଆ ଗସ୍ତ କାଳରେ ଆବୁଧାବି ଓ ଦୁବାଇଠାରେ ବିଭିନ୍ନ ନିବେଶକ, ପ୍ରମୁଖ ଫଣ୍ଡ୍ ହାଉସ, ଆର୍ଥିକ ଅନୁଷ୍ଠାନ, ଶିଳ୍ପପତି ଏବଂ ଭାରତୀୟ ବ୍ୟବସାୟୀ ସଂଘଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ। ଓଡ଼ିଶାରେ ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫଡିଆଇ), ପ୍ରଯୁକ୍ତିବିଦ୍ୟା ସହଯୋଗ, ଶିଳ୍ପ ଅଂଶୀଦାରିତା ଓ ରପ୍ତାନି ବୃଦ୍ଧି ପାଇଁ ବିଶେଷ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ଏହି ଗସ୍ତରେ ରାଜ୍ୟର ସମୃଦ୍ଧ ଧାତୁ ଓ ମେଟାଲର୍ଜି କ୍ଷେତ୍ରରୁ ଆଗକୁ ବଢ଼ି ଉଚ୍ଚମୂଲ୍ୟଯୁକ୍ତ ଉତ୍ପାଦନ, ଡାଉନଷ୍ଟ୍ରିମ୍ ଶିଳ୍ପ ଓ ବିଶ୍ୱ ବଜାର ସହ ସଂଯୋଗ ସ୍ଥାପନ ଉପରେ ପ୍ରାଥମିକତା ଦିଆଯିବ। ପ୍ରମୁଖ ଫୋକସ୍ କ୍ଷେତ୍ରଗୁଡ଼ିକ ହେଲା ଧାତୁ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ, ଭିତ୍ତିଭୂମି ଓ ରସାୟନ ଇତ୍ୟାଦି। ମୂଲ୍ୟଯୁକ୍ତ ଉତ୍ପାଦନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ସହ ସାମୁଦ୍ରିକ ଓ ଖାଦ୍ୟ ରପ୍ତାନୀରେ ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ବନ୍ଦର ନିକଟବର୍ତ୍ତୀ ଲଜିଷ୍ଟିକ୍ସ ପାର୍କ, ଜାହାଜ ନିର୍ମାଣ ପାର୍କ ସାଙ୍ଗକୁ ରେୟାର ଆର୍ଥ କରିଡର, ସ୍ଲରୀ ପାଇପଲାଇନ୍ ଓ ପେଟ୍ରୋକେମିକାଲ୍ସ, ବନ୍ଦରଭିତ୍ତିକ ବିକାଶ ଓ ବିଶ୍ୱ ସଂଯୋଗୀକରଣକୁ ଫୋକସରେ ରଖାଯାଇଛି।

ଦୁବାଇ ଓ ଆବୁଧାବିଠାରେ ଆୟୋଜିତ ହେବାକୁ ଥିବା 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍' ମାଧ୍ୟମରେ ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକା ଅଞ୍ଚଳର ବ୍ୟବସାୟୀଙ୍କ ସମ୍ମୁଖରେ ଓଡ଼ିଶାର ଶିଳ୍ପ ଅନୁକୂଳ ପରିବେଶକୁ ପ୍ରଦର୍ଶିତ କରାଯିବ। ଏହି କାର୍ଯ୍ୟକ୍ରମରେ ଅନେକ ନିବେଶ ଚୁକ୍ତି ଓ ସହଯୋଗିତା ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ ମୂଲ୍ୟବର୍ଦ୍ଧନ, ବିଦେଶୀ ନିବେଶ ଓ ଉଚ୍ଚମାନର ଶିଳ୍ପ ଅଭିବୃଦ୍ଧି ପାଇଁ ଧାତୁ, ବନ୍ଦର, ଖାଦ୍ୟ ପ୍ରସଂସ୍କରଣ ଓ ପେଟ୍ରୋକେମିକାଲ୍ସ ଭଳି ସେକ୍ଟରରେ ୟୁଏଇ ନିବେଶକଙ୍କ ପାଇଁ ଓଡ଼ିଶାରେ ଅପାର ସୁଯୋଗ ରହିଛି। ଏହି ଗସ୍ତ ମାଧ୍ୟମରେ ଓଡ଼ିଶା ସରକାର କେବଳ ପୁଞ୍ଜି ଆଣିବା ନୁହେଁ, ବରଂ ଦୀର୍ଘମିଆଦୀ ଆର୍ଥିକ ଭାଗିଦାରୀ, ନିଯୁକ୍ତି ସୃଷ୍ଟି ଓ ଓଡ଼ିଶାକୁ ଅନ୍ତର୍ଜାତୀୟ ରପ୍ତାନୀ ସେଣ୍ଟର ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖିଛନ୍ତି।

ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

# ଓଡ଼ିଶାର ୪ ଶିକ୍ଷକ ପୁରସ୍କୃତ



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ः ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଗୁରୁଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ୪ ଜଣ ଶିକ୍ଷକଙ୍କ ସମେତ ମୋଟ୍ ୮୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଜାତୀୟ ପୁରସ୍କାର କରିଛନ୍ତି। ସମ୍ମାନିତ ହୋଇଥିବା ଓଡ଼ିଶାର ଶିକ୍ଷକମାନେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ମହମ୍ମଦ ଜଫର ଆଲମ, ଜଗତସିଂହପୁର ଜିଲ୍ଲା ଆଳିପିଙ୍ଗଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପଦରାଜ ଉମାକାନ୍ତ ନାୟକ, ଆଇଆଇଟି ଭୁବନେଶ୍ୱରର ମେଟାଲର୍ଜି ଇଞ୍ଜିନିୟରିଂ ବିଭାଗର ସହ ପ୍ରାଧ୍ୟାପକ ଡକ୍ଟର ଶ୍ରୀକାନ୍ତ ଗୋଲାପୁଡ଼ି ଓ ସିଟିଟିସି ଭୁବନେଶ୍ୱରର ଶିକ୍ଷକ ପ୍ରଣବ କୁମାର ଚୌଧୁରୀ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା ଓ ବୈଷୟିକ ତାଲିମ କ୍ଷେତ୍ରରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି।

ଏହି ଅବସରରେ ରାଷ୍ଟ୍ରପତି କହିଥିଲେ, ଆମେ ସମସ୍ତେ ଏକ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛୁ। ଏକ ବିକଶିତ ରାଷ୍ଟ୍ର ନିର୍ମାଣ କେବଳ ଏକ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ସମ୍ଭବ। ଆମର ଶିକ୍ଷକମାନେ ଶିକ୍ଷା ବ୍ୟବସ୍ଥାରେ ଜୀବନ ଭରିଦିଅନ୍ତି। ଆମ ଦେଶର ଜଣେ ବି ବିଦ୍ୟାର୍ଥୀ ଯେପରି ଗୁଣାତ୍ମକ ଶିକ୍ଷା ସୁଯୋଗରୁ ବଞ୍ଚିତ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ଆମକୁ ପ୍ରୟାସ କରିବାକୁ ପଡ଼ିବ। ଆମ ଶିକ୍ଷକମାନେ ସେମାନଙ୍କର ସ୍ନେହ ଓ ସମର୍ପଣ ମାଧ୍ୟମରେସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନ, ପ୍ରେରଣା, ନୈତିକତା ଓ ସମ୍ବେଦନଶୀଳତା ସୃଷ୍ଟି କରିବା ଉଚିତ ବୋଲି ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଥିଲେ।

■ ଫ୍ଲାଟ୍ ଦେବା ନାଁରେ ୧୫ କୋଟି ଚଳୁ

## ମିଶ୍ର କ୍ରିଏସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ ଗିରଫ



ଭୁବନେଶ୍ୱର,୫।୯ (ସଂଚାର ବ୍ୟୁରୋ) : ଫ୍ଲାଟ୍ ଦେବା ନାଁରେ ୧୫ କୋଟି ଚଳୁ କରି ଦେଇଥିବା ଅଭିଯୋଗରେ ରିଅଲ୍ ଇଷ୍ଟେଟ୍ କମ୍ପାନୀ ମିଶ୍ର କ୍ରିଏସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁ (୪୯)ଙ୍କୁ ଶନିବାର ଗିରଫ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ତାଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ଫ୍ଲାଟ୍ ଦେବା ନାଁରେ ୧୫ କୋଟି ଚଳୁ କରି ଦେଇଥିବା ଅଭିଯୋଗରେ ରିଅଲ୍ ଇଷ୍ଟେଟ୍ କମ୍ପାନୀ ମିଶ୍ର କ୍ରିଏସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁ (୪୯)ଙ୍କୁ ଶନିବାର ଗିରଫ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ତାଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି।

# ଦୁଇ ସରକାରୀ ସ୍କୁଲ୍‌ରୁ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି






ଧାମନଗର,୫।୯(ସଂଚାର ବ୍ୟୁରୋ)ः ଧାମନଗର ଥାନାଞ୍ଚଳରେ ଦୁଇଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଟାର୍ଗେଟ୍ କରି ଦୁର୍ବୃତ୍ତମାନେ ତାଲା ଭାଙ୍ଗି ୧୮ବସ୍ତା ଚାଉଳ, ପାଲ ଓ ଜିନିଷପତ୍ର ଲୁଟି ନେଇଛନ୍ତି। ଏଥିସହ ସେମାନେ ସ୍କୁଲର ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ସ୍କୁଲର ଗେଟ୍ ଓ ଅଫିସ ଘରର ତାଲା କାଟି ଦୁର୍ବୃତ୍ତମାନେ ୧୮ ବସ୍ତା ଚାଉଳ ସହ ୨ଟି ପାଲ ଚୋରି କରିନେଇଛନ୍ତି। ଗତ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ସୋରିସଡ଼ିହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାବୁରୀଗାଁ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏହି ଚୋରି କରିଛନ୍ତି। ସେମାନେ ସୋରିସଡ଼ିହ ସ୍କୁଲରୁ ୧୧ ବସ୍ତା ଚାଉଳ ଚୋରି କରିଥିବା ବେଳେ ବାବୁରୀଗାଁ ସ୍କୁଲରୁ ୭ ବସ୍ତା ଚାଉଳ ଓ ୨ଟି ପାଲ ଚୋରି କରିନେଇଛନ୍ତି। ଥାନାରେ ଏନେଇ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି ଯେ ଦୁର୍ବୃତ୍ତମାନେ ସ୍କୁଲର ଗେଟ୍ ଓ ଅଫିସ ଘରର ତାଲା କାଟି ଭିତରେ ପ୍ରବେଶ କରିଥିଲେ। ପରେ ଏକ ଚାରିଚକିଆ ଯାନରେ ଚାଉଳ ବୋହେଇ କରି ନେଇଯାଇଥିବା ସନ୍ଦେହ କରାଯାଉଛି। ଏଥିସହ ବାବୁରୀଗାଁ ସ୍କୁଲରେ ରହିଥିବା କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସେମାନେ ଚିରି ନଷ୍ଟ କରିଦେଇଛନ୍ତି। ତେବେ ଏକକାଳୀନ ଦୁଇଟି ସରକାରୀ ସ୍କୁଲକୁ ଟାର୍ଗେଟ କରି ଚୋରି ଘଟଣା ଘଟିବା ପରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ସୋରିସଡ଼ିହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଜେନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଆଇଆଇସି ଶୁଭଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନାରାୟଣ ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚୋରି ସମ୍ପର୍କରେ ତଦନ୍ତ କରି ଆଇଆଇସିଙ୍କୁ ଅବଗତ କରାଇବା ସହ ୩୭୬/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଘଟଣାର ତଦନ୍ତ ଭାର ସହକାରୀ ଉପ-ନିରୀକ୍ଷକ ଶିବଶଙ୍କର ଖିଲାରଙ୍କୁ ଦିଆଯାଇଛି ଓ ଯଥାଶୀଘ୍ର ଚୋରମାନଙ୍କୁ ଗିରଫ କରାଯିବ ବୋଲି ଶ୍ରୀ ଦାଶ କହିଛନ୍ତି।

# ୪୪୦ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର୍



ମାଲକାନଗିରି,୫।୯(ସଂଚାର ବ୍ୟୁରୋ)ः କାଲିମେଲା ମାଲକାନଗିରିରେ ଗଞ୍ଜେଇ ଚାଲାଣ ଉପରେ ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ। କାଲିମେଲା ଥାନା ଅଞ୍ଚଳରୁ ପ୍ରାୟ ୪୪୦ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ମହିନ୍ଦ୍ରା-୫୮୫ ଡିଆଇ ଟ୍ରାକ୍ଟର ସହ ଟ୍ରେଲରକୁ ମଧ୍ୟ ପୁଲିସ ଜବତ କରିଛି। ତେବେ ଘଟଣାସ୍ଥଳରୁ ଦୁଇ ଜଣ ଅଭିଯୁକ୍ତ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। କାଲିମେଲା ଥାନା ଅଧୀନସ୍ଥ ବେଙ୍କଟପାଲମ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏହି ଗଞ୍ଜେଇ ଜବତ କରାଯାଇଛି। ପୁଲିସର ସୂଚନାନୁସାରେ, ଗତ ୩ ତାରିଖ ରାତିରେ କାଲିମେଲା ଥାନା କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ବେଙ୍କଟପାଲମ ଗ୍ରାମ ନିକଟରେ ଏକ ଲାଲ ରଙ୍ଗର ମହିନ୍ଦ୍ରା-୫୮୫ ଡିଆଇ ଟ୍ରାକ୍ଟରକୁ ସନ୍ଦେହରେ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଟ୍ରାକ୍ଟର ଓ ନମ୍ବର ପ୍ଲେଟ୍ ନ ଥିବା ଟ୍ରେଲରରୁ ପ୍ରାୟ ୪୪୦ କେଜି ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୪ ଲକ୍ଷ ଟଙ୍କା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୁଲିସକୁ ଦେଖି ଘଟଣାସ୍ଥଳରୁ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(୨)ସି ଅନୁସାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଯୁବକଙ୍କ ମୁଣ୍ଡକୁ ଛେଚି ହତ୍ୟା!

● ଡ୍ରେନରୁ ମିଳିଲା ମୃତଦେହ

ରାଉରକେଲା,୫।୯(ସଂଚାର ବ୍ୟୁରୋ)ः ରାଉରକେଲାରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ। ଯୁବକଙ୍କ ମୁଣ୍ଡକୁ ଛେଚି ହତ୍ୟା ପରେ ଡ୍ରେନକୁ ଫିଙ୍ଗିଦେଲେ ଦୁର୍ବୃତ୍ତ। ରାଉରକେଲା ସହରର ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ଆଇଡିସି ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ନିକଟରେ ଥିବା ଏକ ଡ୍ରେନ୍‌ରେ ପଡ଼ିଛି ମୃତଦେହ। ତେବେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଫରେନସିକ୍ ଟିମ୍ ଆସିବା ପରେ ଅଧିକ ତଥ୍ୟ ଜଣାପଡ଼ିବ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ସ୍ଥାନୀୟ ପୁଲିସ। ପୁଲିସ୍‌ର ପ୍ରାଥମିକ ସୂଚନାନୁସାରେ, ମୃତ ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତର ଚିହ୍ନ ରହିଛି। ଏହି ଆଘାତକୁ ଦେଖି ତାଙ୍କୁ କୌଣସି ଧାରୁଆ କିମ୍ବା ଭାରୀ ବସ୍ତୁରେ ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି। ତେଣୁ ଏହା ଏକ ହତ୍ୟାକାଣ୍ଡ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ହତ୍ୟା ପରେ ମୃତଦେହକୁ ଘଟଣାସ୍ଥଳରୁ ଅନ୍ୟତ୍ର ନେଇ ଡ୍ରେନ୍ ଭିତରେ ଫିଙ୍ଗି ଦିଆଯାଇଥିବା ମଧ୍ୟ ଆଶଙ୍କା କରାଯାଉଛି। ତେବେ ଏହା ପଛରେ କିଏ ରହିଛି ଓ ପ୍ରକୃତରେ କ'ଣ ଘଟିଥିଲା, ତାହା ପୁଲିସ୍‌ର ତଦନ୍ତ ସରିବା ପରେ ହିଁ ସ୍ପଷ୍ଟ ହେବ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଡ୍ରେନ୍ ଭିତରୁ ମୃତଦେହକୁ ଉଦ୍ଧାର କରିବା ସହ ଘଟଣାସ୍ଥଳରେ ଛାନଭିନ୍ ଆରମ୍ଭ କରିଛି। ମୃତକଙ୍କ ପରିଚୟ ଜାଣିବା ପାଇଁ ମଧ୍ୟ ପୁଲିସ୍ ଉଦ୍ୟମ ଚଳାଇଛି।

# ଗଞ୍ଜେଇ ଭର୍ତ୍ତି କାର୍ ଓ ଅଟୋ ଜବତ, ୨ ଅଟକ



ନୀଳଗିରି,୫।୯(ସଂଚାର ବ୍ୟୁରୋ)ः ଜାତୀୟ ରାଜପଥରେ ପିଛା କରି ଗଞ୍ଜେଇ ଭର୍ତ୍ତି ଗୋଟିଏ କାର ଓ ଗୋଟିଏ ଅଟୋକୁ ଜବତ କରିଛି ଭୁବନେଶ୍ୱର ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଟିମ୍। ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ କାହାଲିଆ ଗ୍ରାମରୁ ଉକ୍ତ କାର ଓ ଅଟୋକୁ ଜବତ କରାଯାଇଛି। ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ଏନ୍‌ସିବି ପଚରାଉଚରା କରୁଛି।

ମିଳିଥିବା ସୂଚନାନୁସାରେ, ଭୁବନେଶ୍ୱରରୁ ରେମୁଣା ଅଭିମୁଖେ କାର (ନଂ.ଓଡି୩୩ଏମ୍ ୨୩୩୩)ରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଏନ୍‌ସିବି ଟିମ୍ ବିଶେଷ ସୂତ୍ରରୁ ଖବର ପାଇଥିଲା। ଖବର ପାଇବା ପରେ ଏନ୍‌ସିବି ଟିମ୍ ଗାଡ଼ିକୁ ପିଛା କରିଥିଲା। ରାତି ପ୍ରାୟ ୧ଟା ୪୦ ମିନିଟ୍‌ରେ ଖନ୍ତାପଡ଼ା ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥରେ ଉକ୍ତ କାର୍‌ରେ ଥିବା ୮୦ କିଗ୍ରା ଗଞ୍ଜେଇକୁ ଓଡି୦୧ବିସି ୪୨୦୮ ନମ୍ବରବିଶିଷ୍ଟ ଅଟୋକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ଅଟୋଟି ଶେରଗଡ଼ ଅଭିମୁଖେ ଯାଉଥିବା ବେଳେ କାର୍‌ଟି ତା' ପଛରେ ଚାଲିଥିଲା। ଶେରଗଡ଼ ଟୋଲ୍ ପ୍ଲାଜା ନିକଟରେ ଦୁଇଟି କାର୍‌ରେ ଅଟୋକୁ ପିଛା କରୁଥିବା ଜାଣିପାରି ଅଟୋ ଚାଳକ ଦ୍ରୁତ ଗତିରେ ୧୬ ନମ୍ବର ଜାତୀୟ ରାଜପଥର ରଙ୍ଗ୍ ଲାଇନରେ ନୀଳଗିରି ରାସ୍ତାରେ ଆସିଥିବା ବେଳେ ନୀଳଗିରି ଏନ୍‌ଏସି ଅଧୀନସ୍ଥ ୯ ନମ୍ବର ୱାର୍ଡ କାହାଲିଆ ଗ୍ରାମର ହଡ଼ାପଦା ନିକଟରେ ଏନ୍‌ସିବି ଟିମ୍ ଉଭୟ ଅଟୋ ଓ କାର୍‌କୁ ଅଟକାଇ ଯାଞ୍ଚ୍ କରିଥିଲା। ୮୦ କିଗ୍ରା ଗଞ୍ଜେଇ ଜବତ କରାଯିବା ସହ ଉଭୟ କାର୍ ଓ ଅଟୋକୁ ନୀଳଗିରି ଥାନା ରଖାଯାଇଛି। ଏଥିସହ ଏହି ଗଞ୍ଜେଇ ସହ ଜଡ଼ିତ ୨ ଜଣଙ୍କୁ ଅଟକ ରଖାଯାଇଛି। ଅଟକ ଥିବା ଅଟୋ ମାଲିକଙ୍କ ଘର ରେମୁଣା ଥାନା ଅନ୍ତର୍ଗତ ନୂଆପଢ଼ି ହୋଇଥିବା ବେଳେ କାର ମାଲିକଙ୍କ ଘର ନୟାଗଡ଼ ଜିଲ୍ଲାରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଏହି ଚାଲାଣ ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ଓ ଚୋରା ଗଞ୍ଜେଇ ଚାଲାଣର ଚେର କେତେ ଦୂର ଲମ୍ବିଛି, ସେନେଇ ଏନ୍‌ସିବି ଟିମ୍ ଅଧିକ ତଦନ୍ତ ଜାରି ରଖିଛି।

# ଫ୍ଲାଏଓଭର ଉପରୁ ଖସି ଯୁବକ ମୃତ

## ବ୍ରିଜ୍ ଉପରେ ପଡ଼ିଛି ଗାଡ଼ି ଓ ଚପଲ



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ः ରସୁଲଗଡ଼ ଫ୍ଲାଏଓଭର ଉପରୁ ତଳକୁ ଖସିପଡ଼ିଛନ୍ତି ଜନୈକ ଯୁବକ। ଫ୍ଲାଏଓଭରରୁ ଖସିପଡ଼ିବା ଫଳରେ ଉକ୍ତ ଯୁବକ ଜଣଙ୍କ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଫ୍ଲାଏଓଭର ଉପରେ ଯୁବକଙ୍କ ବାଇକ୍ ପଡ଼ି ରହିଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ତଳକୁ ଖସିପଡ଼ିଥିଲେ। ଯୁବକ ଜଣଙ୍କ ହଂସପାଳ ପଟୁ ବାଣୀବିହାର ପଟକୁ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ରସୁଲଗଡ଼ ଫ୍ଲାଏଓଭର୍ ସରିବାର କିଛି ବାଟ ପୂର୍ବରୁ ସେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ସେଫ୍ଟି ୱାଲ୍‌ରେ ପିଟିହୋଇଯାଇଥିଲେ। ଫଳରେ ବାଇକ୍ ଆରୋହୀ ଯୁବକ ଜଣଙ୍କ ବ୍ରିଜ୍ ଉପରୁ ପ୍ରାୟ ୨୬ ଫୁଟ ତଳକୁ ଖସିପଡ଼ିଥିଲେ। ଯୁବକ ଜଣଙ୍କ ଗଞ୍ଜାମ ଜିଲ୍ଲାର ବୋଲି ଜଣାପଡ଼ିଥିଲେ ହେଁ ତାଙ୍କର ପରିଚୟ ମିଳିପାରିନାହିଁ। ଅନ୍ୟପକ୍ଷରେ ବ୍ରିଜ୍ ଉପରେ ପଡ଼ିଥିବା ତାଙ୍କ ହିରୋହୋଣ୍ଡା ଗାଡ଼ିର ନମ୍ବର ଓଆର୍‌୦୭ଏଲ୍ ୧୦୨୪ ବୋଲି ଜଣାପଡ଼ିଛି।

ସେହିପରି ଦୁର୍ଘଟଣା ପରେ ଫ୍ଲାଏଓଭର୍ ତଳେ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ମଞ୍ଚେଶ୍ୱର ଓ ସହିଦ ନଗର ଥାନା ପୁଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଛି। ବାଇକ୍ ଆରୋହୀ ଜଣଙ୍କ କିଭଳି ଓ କେଉଁ ସ୍ଥିତିରେ ତଳକୁ ଖସିପଡ଼ିଲେ ତା'ର ଛାନଭିନ୍ କରୁଛି ପୁଲିସ। ଫ୍ଲାଏଓଭର୍ ଉପରେ ବାଇକ୍ ସହ ଆରୋହୀଙ୍କ ଚପଲ ପଡ଼ିଛି। ବାଇକ୍‌ରେ ସେଓ ସହ ହେଲମେଟ୍ ବି ଝୁଲୁଛି। ଅର୍ଥାତ୍ ବାଇକ୍ ଆରୋହୀ ଜଣଙ୍କ ହେଲମେଟ୍ ନ ପିନ୍ଧି ଗାଡ଼ି ଚଳାଉଥିଲେ।

## ସାପ ଧରି ମେଡିକାଲରେ ପହଞ୍ଚିଲେ ଯୁବକ





ଉଦଳା,୫।୯(ସଂଚାର ବ୍ୟୁରୋ)ः କାମୁଡ଼ିଲା ସାପ। ସାପକୁ ଧରି ମେଡିକାଲରେ ପହଞ୍ଚିଲେ ଯୁବକ। ମୟୂରଭଞ୍ଜ ଜିଲ୍ଲା ଉଦଳା ଡାକ୍ତରଖାନାରେ ଦେଖିବାକୁ ମିଳିଛି ଏଭଳି ଏକ ଅଦ୍ଭୁତ ଘଟଣା। ଉଦଳା ଏନଏସି ୱାର୍ଡ ନଂ.୧୦ସ୍ଥିତ ଉଠା ଜଳସେଚନ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ମୋଚିରାମ ଟୁଡୁଙ୍କୁ ଗତକାଲି ରାତିରେ ଏକ ସାପ କାମୁଡ଼ିଥିବା ସେ ଜାଣିବାକୁ ପାଇଥିଲେ। ତୁରନ୍ତ ସେ ଉକ୍ତ ସାପକୁ ଧରିବା ସହ ତାକୁ ମାରି ଦେଇଥିଲେ। ତେବେ ସାପଟିକୁ ଚିହ୍ନି ନ ପାରି ମୋଚିରାମ ସିଧା ସେଇଟିକୁ ଏକ ପଲିଥିନରେ ପୂରାଇ ସାଇକେଲରେ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ପହଞ୍ଚିଥିଲେ। ବର୍ତ୍ତମାନ ମୋଚିରାମ ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

● କଳାହାଣ୍ଡି ପୁଲିସର ବଡ଼ ଧରଣର ଚଢ଼ାଉ

## ୨୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ଭବାନୀପାଟଣା,୫।୯(ସଂଚାର ବ୍ୟୁରୋ)ः କଳାହାଣ୍ଡି ଜିଲ୍ଲା ଏମ୍. ରାମପୁର ଥାନା ମୋହନଗିରି ଫାଣ୍ଡି ଅନ୍ତର୍ଗତ ଜାମୁଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଗଞ୍ଜେଇ ରଖାଯାଇଥିବା ଖବର ପାଇ ସ୍ଥାନୀୟ ପୁଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ପୁଲିସ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିବା ୧୬୦ଟି ପ୍ୟାକେଟ୍ ଗଞ୍ଜେଇ ଜବତ କରିଥିଲା, ଯାହାର ମୋଟ ଓଜନ ପ୍ରାୟ ୨୦.୮୦ କ୍ୱିଣ୍ଟାଲ୍। ଏଥିରେ ସମ୍ପୃକ୍ତ ଜାମୁଲି ଗ୍ରାମର ଗଲନା ମାଝୀ, କିଜୁ ମାଝୀ, ଡେଡ୍‌ସୁଲି ଗ୍ରାମର ନାଇବ ହରିଜନ ଓ ଜିମେନ୍ଦ୍ର ହରିଜନଙ୍କୁ ପୁଲିସ ଗିରଫ କରି ୨୨୧/୨୦୨୬ରେ ଏକ ମାମଲା ରୁଜୁ ହୋଇଛି।



# ବୁଢ଼ାଲୋ ମନ୍ଦିରରୁ ମୂର୍ତ୍ତି ଚୋରି

## ଉତ୍ତେଜନା ଆଶଙ୍କାରେ ପୁଲିସ୍ ମୁତୟନ



ବାଲିଅନ୍ତା,୫।୯(ସଂଚାର ବ୍ୟୁରୋ)ः ଗତକାଲି ବିଳମ୍ବିତ ରାତିରେ ବାଲିଅନ୍ତା ଥାନା ଅନ୍ତର୍ଗତ ବୁଢ଼ାଲୋ ଗ୍ରାମସ୍ଥିତ ମା ବୁଢ଼ୀ ନାହାକାଣୀ ମନ୍ଦିରରୁ ଦୁର୍ବୃତ୍ତମାନେ ମୂର୍ତ୍ତି ଲୁଟି ନେଇଛନ୍ତି। ଏଥିସହ ମନ୍ଦିରରୁ ଘଣ୍ଟଘଣ୍ଟି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ମଧ୍ୟ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଦୁର୍ବୃତ୍ତ ସିସି କ୍ୟାମେରା ଫୁଟେଜ ସମ୍ମୁଖରେ ଛତା ଖୋଲା ରଖି ମୂର୍ତ୍ତି ଚୋରି କରି ନେଇଥିବାରୁ ଏହି ଘଟଣାରେ ଲୁଟେରାଙ୍କୁ ଅଦ୍ୟାବଧି ଚିହ୍ନଟ କରାଯାଇପାରିନାହିଁ।

ମିଳିଥିବା ସୂଚନାନୁସାରେ ୨୦୨୨ରୁ ବୁଢ଼ୀ ନାହାକାଣୀ ଠାକୁରାଣୀ ପୀଠ ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗ ଅଧୀନରେ ରହିଛି। ତେବେ ଏହି ପୀଠକୁ ନେଇ ୨୦୨୨ରେ ବିବାଦ ସୃଷ୍ଟି ହୋଇଥିଲା। ମା' ବୁଢ଼ୀ ନାହାକାଣୀ ପୀଠ ବୁଢ଼ାଲୋ ଓ ପାଖ ଗ୍ରାମ ସୁବାଲୋ ସୀମାନ୍ତ ଅଞ୍ଚଳରେ ରହିଛି। ୩ ଫୁଟ ଉଚ୍ଚତାବିଶିଷ୍ଟ ମୂର୍ତ୍ତି ମନ୍ଦିରରେ ଏକ ଛୋଟ ଘରେ ପୂଜା ପାଉଥିଲେ। ଉଭୟ ଗ୍ରାମର ଲୋକ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି। ୪ ବର୍ଷ ତଳେ ଠାକୁରାଣୀ ପୀଠ ମାଲିକାନାକୁ ନେଇ ବୁଢ଼ାଲୋ ଓ ସୁବାଲୋ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଥାନା ଓ କୋର୍ଟ ପର୍ଯ୍ୟନ୍ତ କଥା ଯାଇଥିଲା। ଗତକାଲି ରାତି ୧ଟା ସମୟରେ ମୂର୍ତ୍ତି ଓ ପୂଜା ସାମଗ୍ରୀ ଜିନିଷପତ୍ର ଲୁଟ୍ ହୋଇଯାଇଛି। ସିସି କ୍ୟାମେରା ସମ୍ମୁଖରେ ଛତା ରଖି ଲୁଟପାଟ କରାଯାଇଥିବା ଜଣାପଡ଼ିଥିଲେ ହେଁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇପାରିନାହିଁ। ବୁଢ଼ାଲୋ ଗ୍ରାମବାସୀ ମୂର୍ତ୍ତି ଲୁଟ ସମ୍ପର୍କରେ ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି। ପଡ଼ୋଶୀ ସୁବାଲୋ ଗ୍ରାମରେ ଚୋରି ମୂର୍ତ୍ତି ରଖାଯାଇଥିବା ନେଇ ସେମାନେ ସିଧାସଳଖ ଅଭିଯୋଗ ମଧ୍ୟ କରିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ମୂର୍ତ୍ତି ଉଦ୍ଧାର ହୋଇପାରି ନ ଥିବା ଜଣାପଡ଼ିଛି। କିନ୍ତୁ ଦୁଇ ଗ୍ରାମ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବା ଆଶଙ୍କାରେ ଘଟଣାସ୍ଥଳରେ ବାଲିଅନ୍ତା ପୁଲିସ ମୁତୟନ ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବାଲିଅନ୍ତା ଥାନାଧିକାରୀ ରଶ୍ମିତା ବେହେରା ଓ ଜୋନ୍-୪ ଏସିପି ଅଭିମନ୍ୟୁ ନାୟକ ପ୍ରମୁଖ ଚଢ଼ାଉ କରି ଶୁଭାଲୋ ଗ୍ରାମରୁ ନାହାକାଣୀ ମୂର୍ତ୍ତି ଜବତ କରି ବୁଢ଼ାଲୋ ଗ୍ରାମବାସୀଙ୍କ ଜିମା ଦେଇଥିଲେ। ଠାକୁରାଣୀଙ୍କୁ ତାଙ୍କର ବିଜେସ୍ଥଳୀରେ ପୁଣି ସ୍ଥାପନ କରାଇ ଗାଁ ଲୋକ ପୂଜାର୍ଚ୍ଚନା କରିଥିଲେ।

# କୁଖ୍ୟାତ ଚୋର ଗ୍ୟାଙ୍ଗ ଠାବ, ୪ ଗିରଫ

## ବନ୍ଧୁକ, ଛୁରି, ବୁଲେଟ୍ ସହ ନଗଦ ଟଙ୍କା ଜବତ




ଫୁଲବାଣୀ,୫।୯(ସଂଚାର ବ୍ୟୁରୋ)ः କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଦୋକାନ ଚୋରି, ଗାଡ଼ି ଚୋରି, ସୁନାଗହଣା ଲୁଟ୍ ଓ ଗାଡ଼ିର ଡିକି ଭାଙ୍ଗି ଟଙ୍କା ଲୁଟ୍ ଭଳି ଘଟଣା ପୁଲିସର ଚିନ୍ତା ବଢ଼ାଇଥିଲା। ଏହି ଘଟଣାଗୁଡ଼ିକରେ ସମ୍ପୃକ୍ତ ଏକ ଚୋର ଗ୍ୟାଙ୍ଗକୁ ଠାବ କରି କୋଟଗଡ଼ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ନିକଟରେ କୋଟଗଡ଼ ନୂଆ କୁମ୍ଭାର ସାହିର ମଞ୍ଜୁ ନାୟକଙ୍କ ଘରେ ପଶି ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ସୁନାଗହଣା ସହ ନଗଦ ୨୫ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏନେଇ କୋଟଗଡ଼ ଥାନାରେ କେସ୍ ନଂ.୧୫୮/୨୦୨୬ ରୁଜୁ ହୋଇଥିଲା। ଥାନାଧିକାରୀ ସମ୍ବିତ ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରି ଘଟଣାରେ ସମ୍ପୃକ୍ତ ଗ୍ୟାଙ୍ଗର ୪ ଜଣଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନୀଳିମାଝୀଗୁଡ଼ାର ସମିତ କୁମାର ପାଲଟାସିଂ, କୋଟଗଡ଼ର ବିକାଶ ବଳିଆରସିଂ, ରୋହିତ ନାୟକ ଓ ତୁମୁଡ଼ିବନ୍ଧର ରାହୁଲ ମାନସେଟ୍। ପୁଲିସ ସେମାନଙ୍କ ନିକଟରୁ ନଗଦ ୧୪,୭୦୦ ଟଙ୍କା, ଗୋଟିଏ ବନ୍ଧୁକ, ଗୋଟିଏ ଛୁରୀ, ଗୋଟିଏ ବୁଲେଟ୍ ମୋଟର ସାଇକେଲ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।

ଐତିହାସିକ ବାଲିଯାତ୍ରା-୨୦୨୬ ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# 'ପ୍ଲାଷ୍ଟିକ୍‌ମୁକ୍ତ ବାଲିଯାତ୍ରା' ଆୟୋଜନକୁ ଗୁରୁତ୍ୱ

## ବିଶ୍ୱ ସ୍ତରରେ ପହଞ୍ଚିବ ଓଡ଼ିଶାର ନୌବାଣିଜ୍ୟିକ ଐତିହ୍ୟ: ମୁଖ୍ୟ ସଚିବ



ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ)ः କଟକର ଐତିହାସିକ ଓ ସାଂସ୍କୃତିକ ଗଣପର୍ବ 'ବାଲିଯାତ୍ରା-୨୦୨୬'କୁ ଅଧିକ ବ୍ୟାପକ, ସୁରକ୍ଷିତ, ସୁବ୍ୟବସ୍ଥିତ ଓ ଆକର୍ଷଣୀୟ ଭାବେ ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶାର ନୌବାଣିଜ୍ୟିକ ଐତିହ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଅଧିକ ପ୍ରୟାସ କରାଯିବା ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଗୃହ, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ଡଃ. ମୃଣାଳିନୀ ଦର୍ସ୍ୱାଲ, ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟଙ୍କ ସମେତ କଟକ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀ, ଭୁବନେଶ୍ୱର-କଟକ ପୁଲିସ୍ କମିଶନର ଏସ୍ ଦେବଦତ୍ତ ସିଂ ଓ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ୨୪ରୁ ଆରମ୍ଭ ହେବାକୁ ଥିବା ଏହି ବାଲିଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଥିବା ସମ୍ପର୍କରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉପସ୍ଥାପନ କରିଥିଲେ। ଚଳିତ ଥର ଇଣ୍ଡୋନେସିଆ ଅଂଶୀଦାର ଦେଶ ଭାବେ ଅଂଶଗ୍ରହଣ କରିବେ। ମହାନଦୀରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଆକର୍ଷଣୀୟ କାର୍ଯ୍ୟକ୍ରମ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ଯାତାୟାତ ଓ ପଡ଼ିଆ ପରିଚାଳନା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷ ବାଲିଯାତ୍ରା ଉଭୟ ଉପର ଓ ତଳ ପଡ଼ିଆରେ ହେବାକୁ ଥିବା ସ୍ଥଳେ ଚହଟା ରୋଡ୍‌ର ଅଧା ଅଂଶକୁ ସ୍ୱତନ୍ତ୍ର ପାର୍କିଂ ଅଞ୍ଚଳ ଭାବେ ନିର୍ଦ୍ଧାରିତ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ରବିବାର ୬ ସେପ୍ଟେମ୍ବର ୨୦୨୬
BUSINESS

# ୨୧ ମାସ ହେଲା ସୁନା ଭଣ୍ଡାର ବଢ଼ାଉଛି ଚୀନ୍




**ନୂଆଦିଲ୍ଲୀ,୫।୯:** ଚୀନର ସୁନା ଭଣ୍ଡାରରେ ଲଗାତାର ବୃଦ୍ଧି: ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ଏପିଏସି ଅଞ୍ଚଳର ବରିଷ୍ଠ ଗବେଷଣା ମୁଖ୍ୟ ମାରିସା ସଲିମଙ୍କ ଅନୁସାରେ, ଚୀନର ସୁନା କିଣିବା କାର୍ଯ୍ୟକଳାପ ଗତ କିଛି ମାସରେ ଆହୁରି ବଢ଼ିଛି। ମେ' ୨୦୨୬ରୁ ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ପ୍ରତିମାସରେ ଦୁଇ ଅଙ୍କ ବିଶିଷ୍ଟ ପରିମାଣରେ ସୁନା କିଣୁଛି। ଚୀନ୍ ଲଗାତାର ୨୧ ମାସ ଧରି ନିଜ ସୁନା ଭଣ୍ଡାର ବଢ଼ାଇଛି। ଚଳିତ ବର୍ଷ ଏଯାଏଁ ଚୀନ୍ ପ୍ରାୟ ୬୦ ଟନ୍ ସୁନା ଭଣ୍ଡାରରେ ଯୋଡ଼ିଛି। ବର୍ତ୍ତମାନ ଚୀନର ମୋଟ ସୁନା ଭଣ୍ଡାର ପ୍ରାୟ ୨,୩୬୬ ଟନ୍ ରହିଛି। ଏହା ଦେଶର ମୋଟ ବୈଦେଶିକ ଭଣ୍ଡାରର ପ୍ରାୟ ୮ ପ୍ରତିଶତ। ବିଶ୍ୱରେ ସର୍ବାଧିକ ସୁନା ଭଣ୍ଡାର ରଖିଥିବା ଦେଶ ମଧ୍ୟରେ ଚୀନ୍ର ସ୍ଥାନ ଷଷ୍ଠରେ ରହିଛି। ପୋଲାଣ୍ଡ ମଧ୍ୟ ସୁନା କିଣିବା ଜାରି ରଖିଛି। ଜୁଲାଇରେ ନ୍ୟାସନାଲ ବ୍ୟାଙ୍କ ଅଫ୍ ପୋଲାଣ୍ଡ ପ୍ରାୟ ୮ ଟନ୍ ସୁନା କିଣିଛି। ଚଳିତ ବର୍ଷ ଏଯାଏଁ ପୋଲାଣ୍ଡ ପ୍ରାୟ ୯୦ ଟନ୍ ସୁନା ସଂଗ୍ରହ କରି ସୁନା କିଣାରେ ବିଶ୍ୱରେ ଆଗରେ ରହିଛି। ୱାର୍ସ ଏବେ ନିଜର ୭୦୦ ଟନ୍ ସୁନା ସଂଗ୍ରହ ଲକ୍ଷ୍ୟର ନିକଟରେ ପହଞ୍ଚିଛି। ବର୍ତ୍ତମାନ ଦେଶ ପାଖରେ ପ୍ରାୟ ୬୪୦ ଟନ୍ ସୁନା ରହିଛି, ଯାହା ତାହାର ମୋଟ ଭଣ୍ଡାରର ପ୍ରାୟ ୨୮ ପ୍ରତିଶତ।

**ରୁଷର ଓଲଟା ନୀତି; ବିକ୍ରି କରୁଛି ସୁନା:** ଯେଉଁଠାରେ ଚୀନ୍, ପୋଲାଣ୍ଡ ଭଳି ଦେଶ ସୁନା କିଣି ଭଣ୍ଡାର ବଢ଼ାଉଛନ୍ତି, ସେଠାରେ ରୁଷ୍ ନିଜ ସୁନା ବିକ୍ରି କରୁଛି। ଜୁଲାଇରେ ରୁଷ୍ ଆଉ ୬ ଟନ୍ ସୁନା ବିକ୍ରି କରିଛି। ଚଳିତ ବର୍ଷ ଏଯାଏଁ ରୁଷ୍ ପ୍ରାୟ ୫୦ ଟନ୍ ସୁନା ବିକ୍ରି କରିସାରିଛି। ଏହା ପରେ ମସ୍କୋର ସୁନା ଭଣ୍ଡାର ପ୍ରାୟ ୨,୨୭୭ ଟନକୁ ହ୍ରାସ ପାଇଛି। ୟୁକ୍ରେନ୍ ଯୁଦ୍ଧ କାରଣରୁ ରୁଷର ପ୍ରତିରକ୍ଷା ଖର୍ଚ୍ଚ ବଢ଼ିଛି। ଏହା ସହ ପଶ୍ଚିମାଞ୍ଚଳ ଦେଶଗୁଡ଼ିକର କଟକଣା ଯୋଗୁଁ ତୈଳ ଓ ଗ୍ୟାସ୍ ରାଜସ୍ୱ ଉପରେ ମଧ ଚାପ ପଡ଼ିଛି। ବିତ୍ତୀୟ ନିଅଣ୍ଟ ପୂରଣ କରିବା ପାଇଁ ରୁଷ୍ ସୁନା ଭଳି ଭଣ୍ଡାର ବିକ୍ରି କରୁଥିବା କୁହାଯାଉଛି।

**ଚେକ୍ ରିପବ୍ଲିକର ସୁନା ଭଣ୍ଡାର ବି ବଢ଼ିଲା:** ଚେକ୍ ନ୍ୟାସନାଲ ବ୍ୟାଙ୍କ ଜୁଲାଇରେ ୨ ଟନ୍ ସୁନା କିଣିଛି। ଏହା ଲଗାତାର ୪୧ତମ ଭାବେ ବ୍ୟାଙ୍କ ସୁନାର ନେଟ୍ କ୍ରୟ କରିଛି। ଚଳିତ ବର୍ଷ ଏଯାଏଁ ଚେକ୍ ନ୍ୟାସନାଲ ବ୍ୟାଙ୍କ ୧୨ ଟନ୍ ସୁନା କିଣିଛି। ଏହା ପରେ ଦେଶର ମୋଟ ଭଣ୍ଡାରରେ ସୁନାର ଅଂଶ ପ୍ରାୟ ୬ ପ୍ରତିଶତ, ଅର୍ଥାତ୍ ୮୪ ଟନ୍ ହୋଇଛି। କାଜାଖସ୍ତାନ, ମାଲେସିଆ ଓ ବୋଲିଭିଆ ମଧ କିଣିଲେ ସୁନା: ଜୁଲାଇରେ କାଜାଖସ୍ତାନର ନ୍ୟାସନାଲ ବ୍ୟାଙ୍କ, ବ୍ୟାଙ୍କ ନେଗାରା ମାଲେସିଆ ଏବଂ ବୋଲିଭିଆର କେନ୍ଦ୍ରୀୟ ବ୍ୟାଙ୍କ ପ୍ରତ୍ୟେକ ୧ ଟନ୍ ସୁନା କିଣିଛନ୍ତି। ଚଳିତ ବର୍ଷ ଏଯାଏଁ କାଜାଖସ୍ତାନ ପ୍ରାୟ ୨୯ ଟନ୍ ସୁନା ସଂଗ୍ରହ କରିଛି। ବିଶ୍ୱର ଶୀର୍ଷ ପାଞ୍ଚ ସୁନା ସଂଗ୍ରହକାରୀ ଦେଶ ମଧ୍ୟରେ ଏହା ରହିଛି। କାଜାଖସ୍ତାନର ମୋଟ ଭଣ୍ଡାରର ପ୍ରାୟ ୭୫ ପ୍ରତିଶତ ସୁନା ରହିଛି। ଅନ୍ୟପଟେ ମାଲେସିଆ ଓ ବୋଲିଭିଆ ସୁନା ବଜାରରେ ତୁଳନାତ୍ମକ ଭାବେ ନୂଆ କ୍ରେତା। ଚଳିତ ବର୍ଷ ଏଯାଏଁ ମାଲେସିଆ ୬ ଟନ୍ ଏବଂ ବୋଲିଭିଆ ୨ ଟନ୍ ସୁନା ସଂଗ୍ରହ କରିଛି। **୨୦୨୪ରୁ କାହିଁକି ବଢ଼ିଛି ସୁନା କିଣା?** ୨୦୨୪ରୁ ବିଶ୍ୱର ବିଭିନ୍ନ କେନ୍ଦ୍ରୀୟ ବ୍ୟାଙ୍କ ସୁନା କିଣାକୁ ଗୁରୁତ୍ୱ ଦେଇଆସୁଛନ୍ତି। ଭୂ-ରାଜନୈତିକ ଅସ୍ଥିରତା, ମୁଦ୍ରାସ୍ଫୀତି ଓ ବୈଦେଶିକ ମୁଦ୍ରା ଭଣ୍ଡାରର ବିବିଧୀକରଣ ଭଳି କାରଣରୁ ସୁନାକୁ ଏକ ସୁରକ୍ଷିତ ସମ୍ପତ୍ତି ଭାବେ ଦେଖାଯାଉଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଲଗାତାର ସୁନା କିଣା ୨୦୨୪ରୁ ସୁନା ଦର ବଢ଼ିବାର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି।

## ୭୪୦ ବିଲିଅନ ଡଲାର ଟପିଲା ବିଦେଶୀ ମୁଦ୍ରା ଭଣ୍ଡାର

**ମୁମ୍ବାଇ,୫।୯:** ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଅଗଷ୍ଟ ୨୮ ସୁଦ୍ଧା ୭୪୦.୮୦ ବିଲିଅନ ଡଲାର ଅତିକ୍ରମ କରି ନୂଆ ରେକର୍ଡ କରିଛି। ଅଗଷ୍ଟ ୨୧ ତାରିଖ ସୁଦ୍ଧା ଏହା ପୂର୍ବ ରେକର୍ଡ ଭାଙ୍ଗି ୭୨୯.୩୩ ବିଲିଅନ ଡଲାରରେ ପହଞ୍ଚିଥିଲା। ଅଗଷ୍ଟ ୨୧ରୁ ୨୮ ତାରିଖ ମଧରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ୧୧.୪୭ ବିଲିଅନ ଡଲାରର ବୃଦ୍ଧି ହୋଇଛି। ଅଗଷ୍ଟ ୧୪ରୁ ୨୧ ତାରିଖ ମଧରେ ବିଦେଶୀ ମୁଦ୍ରା ଭଣ୍ଡାରରେ ୧୨.୪୨୨ ବିଲିଅନ ଡଲାରର ବୃଦ୍ଧି ଘଟିଥିଲା। ମଧପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ଫେବ୍ରୁଆରି ୨୭ରେ ବୈଦେଶିକ ମୁଦ୍ରା ଭଣ୍ଡାର ୭୨୮ ବିଲିଅନ ଡଲାର ସ୍ତରରେ ରହିଥିଲା। ପରେ ସେଥିରେ ହ୍ରାସ ଘଟିଥିଲା। ଦେଶକୁ ଡଲାର ଆକର୍ଷିତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଜୁନ ମାସରେ ସ୍ୱତନ୍ତ୍ର ଯୋଜନା ଆଣିବା ପରେ ଏଥିରେ ସୁଧାର ଆସିଛି। ଲଗାତାର ୯ ସପ୍ତାହ ହେଲା ବିଦେଶୀ ମୁଦ୍ରା ଭଣ୍ଡାର ବୃଦ୍ଧି ପାଉଛି। ଗତ ୯ ସପ୍ତାହ ମଧରେ ଏଥିରେ ୭୫ ବିଲିଅନ ଡଲାରର ବୃଦ୍ଧି ହୋଇଛି। ଜୁନ ୫ରୁ ଅଗଷ୍ଟ ୨୧ ମଧରେ ରିଜର୍ଭ ବ୍ୟାଙ୍କର ଯୋଜନା ଜରିଆରେ ୧୩୬ ବିଲିଅନ ଡଲାରରୁ ଅଧିକ ବିଦେଶୀ ମୁଦ୍ରା ଆସିଛି। ସେଥିରୁ ପ୍ରାୟ ୧୨୭ ବିଲିଅନ ଡଲାର ପ୍ରବାସୀ ଭାରତୀୟମାନେ ଜମା କରିଛନ୍ତି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୧ରୁ ୨୮ ତାରିଖ ମଧରେ ବୈଦେଶିକ ମୁଦ୍ରା ପରିସମ୍ପତ୍ତି ୯.୩୩୭ ବିଲିଅନ ଡଲାର ବୃଦ୍ଧି ଘଟି ୬୦୦.୬୭ ବିଲିଅନ ଡଲାରରେ ପହଞ୍ଚିଛି। ଗଚ୍ଛିତ ସୁନା ମୂଲ୍ୟରେ ୨.୧୯୧ ବିଲିଅନ ଡଲାର ବୃଦ୍ଧି ଘଟି ୧୧୬.୪୦୯ ବିଲିଅନ ଡଲାରରେ ପହଞ୍ଚିଛି।



## ଫକ୍ସୱାଗନ ଲକ୍ଷେ କର୍ମଚାରୀଙ୍କୁ ବିଦା କରିବ




**ବର୍ଲିନ,୫।୯:** ବିଶ୍ୱର ପ୍ରମୁଖ କାର୍ ନିର୍ମାତା ଫକ୍ସୱାଗନ ଏହାର ଇତିହାସର ସବୁଠାରୁ ବଡ଼ ପୁନର୍ଗଠନ ଯୋଜନା ଆରମ୍ଭ କରିଛି। କମ୍ପାନି ବୋର୍ଡ ପ୍ରାୟ ୫୦,୦୦୦ ଅତିରିକ୍ତ ଚାକିରି କମାଇବା ଯୋଜନାକୁ ଅନୁମୋଦନ କରିଛି। ପୂର୍ବରୁ ଘୋଷିତ ୫୦,୦୦୦ ଚାକିରି ହ୍ରାସକୁ ମିଶାଇ ଦଶନ୍ଧି ଶେଷ ସୁଦ୍ଧା କମ୍ପାନିରେ ପ୍ରାୟ ୧ ଲକ୍ଷ କର୍ମଚାରୀ ହ୍ରାସ କରିବ। ଫକ୍ସୱାନଗର 'ଫ୍ୟୁଚର ପ୍ଲାନ୍ ୨୦୩୦'ର ଅଂଶ ଭାବେ ଏହି ପୁନର୍ଗଠନ କରାଯାଉଛି। ବିଶ୍ୱ ବଜାରରେ ବଢୁଥିବା ପ୍ରତିଯୋଗିତା, ବୈଦ୍ୟୁତିକ ଯାନ (ଇଭି) ଚାହିଦା, ଚୀନ୍ର କାର୍ କମ୍ପାନିଗୁଡ଼ିକରୁ ବଢୁଥିବା ଚାପ, ଆମେରିକାର ଶୁଳ୍କ ଓ ୟୁରୋପରେ ଅତିରିକ୍ତ ଉତ୍ପାଦନ କ୍ଷମତା କମ୍ପାନି ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହି କାରଣରୁ କମ୍ପାନି ଏହାର କର୍ମଚାରୀସଂଖ୍ୟାକୁ ହ୍ରାସ କରି ବ୍ୟବସାୟର ବାସ୍ତବ ସ୍ଥିତି ସହିତ ଖାପ ଖୁଆଇବାକୁ ନିଷ୍ପତ୍ତି ନେଇଛି। ଭବିଷ୍ୟତ ନେଇ ଅନିଶ୍ଚିତତା ଫକ୍ସୱାଗନ ଗ୍ରୁପ୍ରେ ଫକ୍ସୱାଗନ ସହ ଅଡି, ପୋର୍ସା, ସ୍କୋଡା ଓ ଅନ୍ୟ ବ୍ରାଣ୍ଡ୍ ସାମିଲ ଅଛି। କମ୍ପାନି ପାଇଁ ସାରା ବିଶ୍ୱରେ ପ୍ରାୟ ୬.୬୩ ଲକ୍ଷ କର୍ମଚାରୀ ଅଛନ୍ତି। ନୂଆ ଛଟେଇ ଯୋଜନା କାର୍ଯ୍ୟକାରୀ ହେଲେ ବର୍ତ୍ତମାନର କର୍ମଚାରୀ ସଂଖ୍ୟାର ପ୍ରାୟ ୧୫% ହ୍ରାସ ହେବ। ତେବେ କେଉଁ ଦେଶ, ବ୍ରାଣ୍ଡ୍ କିମ୍ବା ବିଭାଗରୁ କେତେ ଚାକିରି କମିବ ଓ ଏହା କେବେଠାରୁ ଲାଗୁ ହେବ, ସେ ସମ୍ପର୍କରେ କମ୍ପାନି ସବିଶେଷ ତଥ୍ୟ ଦେଇନାହିଁ। ଏହା ସହିତ ଜର୍ମାନୀର ଚାରିଟି କାରଖାନା ଯଥା ହାନୋଭର, ଏମ୍ଡେନ୍, ଜ୍ୱିକାଉ ଓ ନେକାରସୁଲମର ଭବିଷ୍ୟତ ନେଇ ମଧ ଅନିଶ୍ଚିତତା ଦେଖାଦେଇଛି। ୨୦୩୧ରୁ ୨୦୩୪ ମଧରେ ଏହି କାରଖାନାଗୁଡ଼ିକର ବର୍ତ୍ତମାନର ମଡେଲ୍ ଉତ୍ପାଦନ ଶେଷ ହେବା ପରେ ପରବର୍ତ୍ତୀ ଉତ୍ପାଦନ ସୁନିଶ୍ଚିତ ହୋଇନାହିଁ। ତେବେ ଏହି କାରଖାନାଗୁଡ଼ିକ ବନ୍ଦ କରିବା ନିଷ୍ପତ୍ତି ହୋଇନାହିଁ।

## ଓଡ଼ିଶାରେ ଜିଓ ଡିଜିଟାଲ କ୍ରାନ୍ତିର ସ୍ୱର୍ଣ୍ଣିମ ୧୦ ବର୍ଷ

ଭୁବନେଶ୍ୱର: ସାରା ଦେଶ ସହିତ ଓଡ଼ିଶାରେ ମଧ ରିଲାଏନ୍ସ ଜିଓ ୨୦୧୬ ସେପ୍ଟମ୍ବର ୫ରେ ବ୍ୟବସାୟିକ ସେବା ଆରମ୍ଭ କରିଥିଲା। ବିଗତ ଦଶ ବର୍ଷ ମଧରେ ଜିଓ ଅନ୍ୟ ସମସ୍ତ ଟେଲିକମ୍ ଅପରେଟରମାନଙ୍କୁ ପଛରେ ପକାଇ ଉଭୟ ଗ୍ରାହକ ସଂଖ୍ୟା ଓ ରାଜସ୍ୱ କ୍ଷେତ୍ରରେ ଓଡ଼ିଶାରେ ଏକ ନମ୍ବର ସ୍ଥାନ ହାସଲ କରିଛି । ଟ୍ରାଇ ତଥ୍ୟ ଅନୁଯାୟୀ ଶୁଭାରମ୍ଭର ପ୍ରଥମ ମାସରେ ଓଡ଼ିଶାରେ ୫.୮ ଲକ୍ଷ ଗ୍ରାହକ ହାସଲ କରିଥିବା ଜିଓ ଜୁଲାଇ ୨୦୨୬ ସୁଦ୍ଧା ରାଜ୍ୟରେ ସର୍ବାଧିକ ୧ କୋଟି ୮୫ ଲକ୍ଷରୁ ଉର୍ଦ୍ଧ୍ୱ ମୋବାଇଲ ଗ୍ରାହକଙ୍କ ସହିତ ଏକ ନମ୍ବର ସ୍ଥାନ ହାସଲ କରିଛି । ରାଜ୍ୟରେ ରହିଥିବା ମୋଟ ୩ କୋଟି ୯୦ ଲକ୍ଷରୁ ଉର୍ଦ୍ଧ୍ୱ ମୋବାଇଲ ଉପଭୋକ୍ତାଙ୍କ ମଧରୁ ଜିଓ ଓଡ଼ିଶାରେ ୪୭.୪ ପ୍ରତିଶତ ଗ୍ରାହକ ବଜାର ଅଂଶ ଏବଂ ଟେଲିକମ୍ କ୍ଷେତ୍ରର ମୋଟ ରାଜସ୍ୱର ପ୍ରାୟ ୫୨ ପ୍ରତିଶତ ଅଂଶ ହାସଲ କରି ସର୍ବାଗ୍ରେ ରହିଛି। ଜିଓ ସହିତ ଆସିଥିବା ଡାଟା କ୍ରାନ୍ତି ବଳରେ ଓଡ଼ିଶାରେ ମୋବାଇଲ ଡାଟା ଓ ଇଣ୍ଟରନେଟ ବ୍ୟବହାର ମଧ ଏହି ଦଶ ବର୍ଷ ମଧରେ ବହୁଗୁଣ ବୃଦ୍ଧି ପାଇଛି। ଟ୍ରାଇ ତଥ୍ୟ ଅନୁସାରେ ଓଡ଼ିଶାରେ ୨୦୧୬ ସେପ୍ଟେମ୍ବରରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୯୦ ଲକ୍ଷ ରହିଥିବାବେଳେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଏହା ୩ କୋଟିରୁ ଉର୍ଦ୍ଧ୍ୱରେ ପହଞ୍ଚିଛି। ସହରାଞ୍ଚଳ ତୁଳନାରେ ରାଜ୍ୟର ଗ୍ରାମାଞ୍ଚଳରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇଛି। ଓଡ଼ିଶାର ଗ୍ରାମାଞ୍ଚଳରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସେପ୍ଟେମ୍ବର ୨୦୧୬ରେ ପ୍ରାୟ ୩୮ ଲକ୍ଷରୁ ବୃଦ୍ଧିପାଇ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୧ କୋଟି ୮୭ ଲକ୍ଷରୁ ଉର୍ଦ୍ଧ୍ୱରେ ପହଞ୍ଚିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ରାଜ୍ୟର ଗ୍ରାମାଞ୍ଚଳରେ ଏହି ଡିଜିଟାଲ କ୍ରାନ୍ତିରେ ଜିଓର ସର୍ବବୃହତ ୪ଜି ଓ ୫ଜି ନେଟୱର୍କ ଏବଂ ଦୁର୍ଗମ ଅଞ୍ଚଳକୁ ହାଇସ୍ପିଡ଼ ଡିଜିଟାଲ ନେଟୱର୍କରେ ଯୋଡିବା ଦିଗରେ ନିରନ୍ତର ପ୍ରୟାସ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଡିଜିଟାଲ କ୍ରାନ୍ତିର ଫଳ ସ୍ୱରୂପ ରାଜ୍ୟରେ ପ୍ରତି ୧୦୦ ଜଣରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୬ ସେପ୍ଟେମ୍ବରରେ ୨୧.୨୧ ରୁ ପ୍ରାୟ ତିନିଗୁଣ ବୃଦ୍ଧିପାଇ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୬୪.୭୯ ରେ ପହଞ୍ଚିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି।




## ଡଲାରର ଦବଦବା ହ୍ରାସ କରିବାକୁ ବଡ଼ ରଣନୀତି

**ନୂଆଦିଲ୍ଲୀ. ୫।୯ :** ଭାରତରେ ହେବାକୁ ଥିବା ବ୍ରିକ୍ସ୍ ସମ୍ମିଳନୀ କେବଳ ବାଣିଜ୍ୟ ଏବଂ ନିବେଶ ଉପରେ ନୁହେଁ, ବରଂ ବିଶ୍ୱ ପେମେଣ୍ଟ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ଉପରେ ମଧ୍ୟ ଧ୍ୟାନ ଦେବ। ବ୍ରିକ୍ସ୍ ଦେଶ ମାନଙ୍କ ମଧ୍ୟରେ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସ୍ଥାନୀୟ କରେନସିରେ ପେମେଣ୍ଟକୁ ସହଜ କରିବା ପାଇଁ, ସୀମାପାର ଡିଜିଟାଲ୍ ପେମେଣ୍ଟ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ୍ କରେନସି (ସିବିଡିସିଏସ୍)କୁ ସଂଯୋଗ କରିବା ପାଇଁ ବିକଳ୍ପ ଗୁଡ଼ିକ ଉପରେ କାମ କରାଯାଉଛି। ଏହି ପ୍ରୟାସରେ ଭାରତର ୟୁପିଆଇ ମଡେଲ୍ ବିଶେଷ ଗୁରୁତ୍ୱ ରଖେ। ଭାରତ ବ୍ରିକ୍ସ୍ ଦେଶର ବିଭିନ୍ନ ଦ୍ରୁତ ପେମେଣ୍ଟ ବ୍ୟବସ୍ଥାକୁ ସମାନ ଭାବରେ ଏକୀକୃତ କରିବାକୁ ଚାହୁଁଛି ଯେପରି ୟୁପିଆଇ ଦେଶ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟ ମଧ୍ୟରେ ତୁରନ୍ତ ଡିଜିଟାଲ୍ ପେମେଣ୍ଟକୁ ସହଜ କରିଛି। ଏହା ଦୁଇଟି ବ୍ରିକ୍ସ୍ ଦେଶ ମଧ୍ୟରେ ପେମେଣ୍ଟ ପାଇଁ ମଧ୍ୟସ୍ଥି ମୁଦ୍ରା ଭାବରେ ଡଲାର ବ୍ୟବହାର କରିବାର ଆବଶ୍ୟକତାକୁ ହ୍ରାସ କରିପାରିବ। ବ୍ରିକ୍ସ୍ ମଧ୍ୟରେ ଦ୍ରୁତ ପେମେଣ୍ଟ ସିଷ୍ଟମ ଏବଂ ସିବିଡିସି ଆନ୍ତଃକାର୍ଯ୍ୟକ୍ଷମତା ସଂଯୋଗ କରିବା ଭଳି ବିକଳ୍ପ ଗୁଡ଼ିକ ଉପରେ ଆଲୋଚନାକୁ ମଧ୍ୟ ଆରବିଆଇ ନିଶ୍ଚିତ କରିଛି। ତଥାପି, ଏପର୍ଯ୍ୟନ୍ତ କୌଣସି ଏକକ ମଡେଲ ଚୂଡ଼ାନ୍ତ ହୋଇନାହିଁ। ନୂତନ ବ୍ରିକ୍ସ୍ କରେନ୍ସି ନୁହେଁ, ପ୍ରଥମେ ପେମେଣ୍ଟ ସଂଯୋଗ... ବ୍ରିକ୍ସ୍ ମଧ୍ୟରେ ଡଲାରରୁ ଦୂରେଇ ଯିବାର ଆଲୋଚନା ପ୍ରାୟତଃ ଏକ ସାଧାରଣ ବ୍ରିକ୍ସ୍ କରେନ୍ସି ସହିତ ଜଡିତ, କିନ୍ତୁ ବର୍ତ୍ତମାନର ପ୍ରୟାସ ଭିନ୍ନ। ବର୍ତ୍ତମାନର ଲକ୍ଷ୍ୟ ଏକ ନୂତନ ସାଧାରଣ କରେନ୍ସି ଜାରି କରିବା ନୁହେଁ, ବରଂ ବିଦ୍ୟମାନ ଜାତୀୟ କରେନ୍ସି ଏବଂ ଡିଜିଟାଲ୍ ପେମେଣ୍ଟକୁ ସଂଯୋଗ କରିବା। ଏହାର ଅର୍ଥ ହେଉଛି ଭାରତ ଏବଂ ରୁଷ ମଧ୍ୟରେ ଟଙ୍କା ଏବଂ ରୁବେଲ୍ ରେ କିମ୍ବା ଅନ୍ୟ ବ୍ରିକ୍ସ୍ ଦେଶ ମାନଙ୍କ ମଧ୍ୟରେ ସେମାନଙ୍କ ନିଜ ନିଜ ମୁଦ୍ରାରେ ବାଣିଜ୍ୟ କରାଯାଇପାରିବ, ଏବଂ ସମାଧାନ ପାଇଁ ଏକ ଉନ୍ନତ ଡିଜିଟାଲ୍ ଭିତ୍ତିଭୂମି ସୃଷ୍ଟି କରାଯାଇପାରିବ। ଭାରତ ପୂର୍ବରୁ ବ୍ରିକ୍ସ୍ ମଧ୍ୟରେ ସ୍ଥାନୀୟ କରେନ୍ସିରେ ବାଣିଜ୍ୟ ଏବଂ ପେମେଣ୍ଟ ବୃଦ୍ଧି ପାଇଁ ସମର୍ଥନ କରିଆସୁଛି। ଏହି ପରିପ୍ରେକ୍ଷୀରେ, ଡିଜିଟାଲ୍ ପେମେଣ୍ଟ ସଂଯୋଗ ଏହି ରଣନୀତିର ପରବର୍ତ୍ତୀ ପଦକ୍ଷେପ ହୋଇପାରେ। ଏହି ବ୍ୟବସ୍ଥାରୁ ଭାରତୀୟ ବ୍ୟବସାୟ ଗୁଡ଼ିକ ସର୍ବାଧିକ ଲାଭ ପାଇପାରିବେ। ବ୍ରିକ୍ସ ଦେଶ ମାନଙ୍କ ସହିତ ବ୍ୟବସାୟ କରୁଥିବା କମ୍ପାନୀ ଗୁଡ଼ିକ ପାଇଁ ଦେୟ ପ୍ରକ୍ରିୟା ଦ୍ରୁତ ଏବଂ ଶସ୍ତା ହେବ ବୋଲି ଆଶା କରାଯାଉଛି। ଏହା ଟଙ୍କାର ଆନ୍ତର୍ଜାତୀୟ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଭାରତର ପ୍ରୟାସକୁ ମଧ୍ୟ ମଜବୁତ କରିପାରେ। ଭାରତ ପୂର୍ବରୁ ଅନ୍ୟ ଦେଶ ମାନଙ୍କ ସହିତ ଏହାର ୟୁପିଆଇ ମଡେଲକୁ ସମନ୍ୱିତ କରିବା ଉପରେ କାମ କରୁଛି। ତେଣୁ, ବ୍ରିକ୍ସ ମଧ୍ୟରେ ଦେୟ ଆନ୍ତଃକାର୍ଯ୍ୟକ୍ଷମତା ପାଇଁ ପ୍ରସ୍ତାବ ଭାରତକୁ ଏହାର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମିର ଶକ୍ତି ପ୍ରଦର୍ଶନ କରିବାର ସୁଯୋଗ ମଧ୍ୟ ପ୍ରଦାନ କରେ।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୦୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୯୫୦ ଟଙ୍କା ଓ ୨୨ କ୍ୟାରେଟ ୧,୪୨,୦୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୫୬ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୮.୯୬ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୬୫ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ୩ ମାସ ହେଲା ଚାଲିଛି ରାସ୍ତା ଖୋଳାଖୋଳି

# ପାଣି-କାଦୁଅରେ ଯାତାୟାତ ଦୁର୍ବିଷହ

### ପିଏଚ୍‌ଡି, ଟାଟା କମ୍ପାନୀ ଓ ନଗର ଉନ୍ନୟନର ଖୋଳାଖୋଳିରେ ନାକେଦମ୍ ସହରବାସୀ



ଯୋଡ଼ା,୫।୯ (ସଂଚାର ବ୍ୟୁରୋ): ରାସ୍ତା ମରାମତି ଓ ବିଭିନ୍ନ ଉନ୍ନୟନମୂଳକ କାମ ନାମରେ ଦୀର୍ଘ ତିନି ମାସ ଧରି ଚାଲିଛି ଖୋଳାଖୋଳି। କେତେବେଳେ ପିଏଚ୍‌ଡି, କେତେବେଳେ ଟାଟା କମ୍ପାନୀ, ଆଉ କେତେବେଳେ ଯୋଡ଼ା ନଗର ଉନ୍ନୟନ ବିଭାଗର କାମ– କିନ୍ତୁ ରାସ୍ତାର ସ୍ଥାୟୀ ସମାଧାନ ଦିଗରେ କାହାର ନଜର ନାହିଁ। ଫଳରେ ଯୋଡ଼ା ପୌରପାଳିକା ଅନ୍ତର୍ଗତ କଲ୍ୟାଣୀ ମଣ୍ଡପ ସମ୍ମୁଖ ରାସ୍ତା ଏବେ ସାଧାରଣ ଲୋକଙ୍କ ପାଇଁ ଯନ୍ତ୍ରଣାର ରାସ୍ତା ପାଲଟିଛି।

ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାତ୍ରୀଙ୍କ ସମେତ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ରୋଗୀ ଯାତାୟାତ କରୁଛନ୍ତି। ହେଲେ ଦୀର୍ଘଦିନ ଧରି ଖୋଳାଖୋଳି ଜାରି ରହିଥିବାରୁ ରାସ୍ତା ଉପରେ ଅହରହ ପାଣି ଝରିବା ସହ କାଦୁଅ ପଚପଚ ହୋଇ ରହୁଛି। ଏଥିସହ ରାସ୍ତାର ଚଉଡ଼ା କ୍ରମେ କମିଯାଉଥିବାରୁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି।

ବିଶେଷକରି ଏହି ରାସ୍ତାକୁ ଲାଗି ଯୋଡ଼ା ପୌରପାଳିକାର ଏକମାତ୍ର କଲ୍ୟାଣୀ ମଣ୍ଡପ ରହିଛି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ମଣ୍ଡପକୁ ଯିବା ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ଏହାର ପ୍ରଭାବ ମଣ୍ଡପ ବୁକିଂ ଉପରେ ମଧ୍ୟ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ବାହାଘର, ବ୍ରତଘର ଭଳି ଶୁଭ କାର୍ଯ୍ୟ ପାଇଁ ମଣ୍ଡପ ବୁକ୍ କରିବାକୁ ଆସୁଥିବା ଲୋକେ ରାସ୍ତାର ଅବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଏନେଇ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଯୋଡ଼ା ନଗରପାଳ ଡ. ଜଗଦୀଶ ପ୍ରସାଦ ସାହୁଙ୍କୁ ଅବଗତ କରାଇଥିଲେ ମଧ୍ୟ ଏଯାଏଁ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇନାହିଁ।

ଏହି ସମ୍ପର୍କରେ ପୌରାଧ୍ୟକ୍ଷଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ବାଦ ପରିବେଷଣ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ବସ୍ ହେଲ୍ପରଙ୍କ ମୃତଦେହ ଉଦ୍ଧାର

ବାଲିକୁଦା,୫।୯ (ସଂଚାର ବ୍ୟୁରୋ): କଟକରୁ ମାଛଗାଁ ଅଭିମୁଖେ ଆସୁଥିବା ଏକ ଯାତ୍ରୀବାହୀ ବସ୍‌ର ହେଲ୍ପରଙ୍କ ମୃତଦେହ ଅସ୍ୱାଭାବିକ ଅବସ୍ଥାରେ ମୁଗୁରା ନାଳ ନିକଟରୁ ଉଦ୍ଧାର ହୋଇଛି। ମୃତକ ହେଲେ ବାଲିକୁଦା ଥାନା ତଣ୍ଡିକୁଳ ପଞ୍ଚାୟତ ଅନ୍ତର୍ଗତ ତିର୍ତ୍ତି ଗ୍ରାମର କୃଷ୍ଣ ସାହୁଙ୍କ ପୁଅ ତପନ ସାହୁ (୩୨)। ସୂଚନା ଅନୁଯାୟୀ, ସମ୍ପୃକ୍ତ ଯାତ୍ରୀବାହୀ ବସ୍‌ଟି କଟକରୁ ଅପରାହ୍ନ ପ୍ରାୟ ୩ଟା ୪୫ମିନିଟ୍‌ରେ ବାହାରି ସନ୍ଧ୍ୟା ପ୍ରାୟ ୬ଟା ୨୦ମିନିଟ୍‌ରେ ମାଛଗାଁରେ ପହଞ୍ଚିଥିଲା। ବସ୍ ପହଞ୍ଚିବା ପରେ ହେଲ୍ପର ତପନ ବସ୍‌ଟିକୁ ସଫା କରିଥିଲେ। ପରେ ଶୌଚ ପାଇଁ ମୁଗୁରା ନାଳ ନିକଟକୁ ଯାଇଥିବା ବେଳେ ଏକ ଗହରେ ଖସିପଡ଼ିବା ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଦେଖିଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ବାଲିକୁଦା ପୋଲିସକୁ ସୂଚନା ଦେବା ପରେ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତପନଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ବାଲିକୁଦା ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ତପନଙ୍କ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳିତ



ବାଲିକୁଦା,୫।୯ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ଗୁରୁଦିବସ ଉତ୍ସବ ପାଳିତ ହୋଇଯାଇଛି। ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କୁମାର କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ମା' ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ଉପସଭାପତି ପ୍ରମିଳା ମୁଦୁଲି ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ରମେଶ ଚନ୍ଦ୍ର ପୃଷ୍ଟି ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଗୁରୁଜୀ ସୁଦାମ ଚରଣ ପରିଡ଼ା ପୌରାଣିକ ଯୁଗର ଗୁରୁ-ଶିଷ୍ୟ ପରମ୍ପରା ଏବଂ ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ ଡ. ରାଧାକୃଷ୍ଣନଙ୍କ

### ୧୪ ବର୍ଷର ଗାନ୍ଧିଜୀ ଯୁବକ ସଂଘର ନିଆରା ଭସାଣି

## ଶହେ ନାଗା-ଅଘୋରୀଙ୍କ ତାଣ୍ଡବରେ ହେବ ଗଜାନନଙ୍କ ମହାବିସର୍ଜନ



କାକଟପୁର/ଅସ୍ତରଙ୍ଗ,୫।୯ (ସଂଚାର ବ୍ୟୁରୋ): ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରୁ ଆରମ୍ଭ ହେବ ପାର୍ବଣ ଋତୁ। ଏଥିଲାଗି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ ଗୋଟି ପଞ୍ଚାୟତରେ ପ୍ରସ୍ତୁତି ଜୋର ଧରିଲାଣି। ପୂଜା ପରମ୍ପରାକୁ ଗୁରୁତ୍ୱ ଦେଉଥିବା ଏହି ଐତିହ୍ୟ, କଳା ଓ ସଂସ୍କୃତିର ଅଞ୍ଚଳରେ ବିଭିନ୍ନ କ୍ଲବ ପକ୍ଷରୁ ଗଣେଶ ପୂଜାକୁ ଆଡମ୍ବର ସହକାରେ ପାଳିବାକୁ ନିଷ୍ପତ୍ତି ନିଆଯାଇଛି। କେତେକ ଅନୁଷ୍ଠାନ ମୂର୍ତ୍ତି, ତୋରଣ ଓ ସାଜସଜ୍ଜାକୁ ଧ୍ୟାନ ଦେଉଥିବା ବେଳେ ଆଉ କେତେକ ମଣ୍ଡପ ଓ ଭସାଣିକୁ ଅଧିକ ଆକର୍ଷଣୀୟ କରିବାକୁ ଯୋଜନା କରିଛନ୍ତି। ହେଲେ ସବୁଠୁ ଅଧିକ ଚର୍ଚ୍ଚାରେ ଏବେ ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ିର ଗାନ୍ଧୀଜି ଯୁବକ ସଂଘ।

୧୪ ବର୍ଷ ତଳେ କିଛି ଯୁବକଙ୍କୁ ନେଇ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନ। ଆଜି ଏହାର ସଦସ୍ୟ ସଂଖ୍ୟା ୮୦ ଜଣ। ଏହା କେବଳ କ୍ଲବ ନୁହେଁ, ଯୁବ ଏକତାର ପ୍ରତୀକ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ବି କ୍ଲବ ପକ୍ଷରୁ ୧୦ ଫୁଟ ଉଚ୍ଚ ଗଣେଶ ମୂର୍ତ୍ତି ସ୍ଥାପନ କରାଯିବ। ପୂଜା ପାଇଁ ମଣ୍ଡପ ସାଜସଜ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭାବେ ଭଜନ ମ୍ୟୁଜିକାଲ ନାଇଟ୍ ଆୟୋଜନ ହେବ, ଯାହା ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟ। ହେଲେ ଚଳିତ ବର୍ଷର ସବୁଠୁ ବଡ ଆକର୍ଷଣ ହେବ ଭସାଣି ଶୋଭାଯାତ୍ରା। କ୍ଲବ ସଭାପତି ପବିତ୍ର ସ୍ୱାଇଁ ଓ ଉପ ସଭାପତି ଅର୍ଜୁନ ମଲ୍ଲିକଙ୍କ ନେତୃତ୍ୱରେ ଏଥର ଭସାଣିକୁ ମହା ଆଡମ୍ବର କରିବାକୁ ନିଷ୍ପତ୍ତି ହୋଇଛି। ଶହେ ନାଗା ନୃତ୍ୟ ଓ ଅଘୋରୀ ନୃତ୍ୟ ସହ ବାଜା ବଜାଇ ନଗର ପରିକ୍ରମା କରି ବିସର୍ଜନ ହେବ। ଅସ୍ତରଙ୍ଗ ଅଞ୍ଚଳ ନିଆରା ଭସାଣି ହେବ ବୋଲି କ୍ଲବ ସଦସ୍ୟ କହୁଛନ୍ତି। ଏହି ଦୃଶ୍ୟ ଦେଖିବାକୁ ଏବେଠୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

ସଭାପତି କହିଛନ୍ତି, ଆମେ କେବଳ ପୂଜା କରୁନୁ, ଐତିହ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖୁଛୁ। ଯୁବକ ଏକ ହେଲେ ଗାଁ ବଦଳେ, ଏହା ତାର ଉଦାହରଣ।

## ୧୨ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜୟଦେବ ଗୁରୁ ସମ୍ମାନ ପ୍ରଦାନ



ବାଲିଅନ୍ତା,୫।୯ (ସଂଚାର ବ୍ୟୁରୋ): ବାଲକାଟି ସ୍ଥିତ ନିର୍ମାଣ କଲେଜ ଅଡିଟୋରିୟମ ରେ ପବିତ୍ର ଗୁରୁ ଦିବସ ଅବସରରେ "ଶାନ୍ତିସ୍ତୁପ"ର ପ୍ରତିଷ୍ଠାତା ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ "ଜୟଦେବ ଶିକ୍ଷକ ସମ୍ମାନ-୨୦୨୬" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅଥିତି ଭାବେ ସୁରେଶ କୁମାର ପଣ୍ଡା, ସମ୍ମାନୀତ ଅତିଥି ରାଜେନ୍ଦ୍ର କୁମାର ସାହୁ, ଶିକ୍ଷାବିତ୍ ପ୍ରମୋଦ ପାଢ଼ୀ, ମାର୍ଫେଡ ଅଧ୍ୟକ୍ଷ କବିତମଞ୍ଜରି ପରିଡ଼ା, ପରିବେଶବିତ ଲକ୍ଷ୍ମୀଧରି ପ୍ରଧାନ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ନିର୍ମାଣ ଏଜୁକେସନ କଲେଜର ନିର୍ଦ୍ଦେଶକ ଶିଦ୍ଧେଶ୍ୱର ମହାନ୍ତି,ବରିଷ୍ଠ ବିଜେପି ନେତା ମାଗୁଣି ସେଠି ପ୍ରମୁଖ ଯୋଗ ଦେଇ ସମାଜ ପ୍ରତି ଶିକ୍ଷକ ସମାଜର ଅବଦାନ, ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷକ ସମାଜ ପ୍ରତି ସମ୍ମାନ ଓ କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ନିର୍ବାଚନ ମଣ୍ଡଳୀରୁ ଆସିଥିବା ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରୀନ ଜୟଦେବ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ ।

## ମାଲକାନଗିରିରେ ଉଲ୍ଲାସ ସେମିନାର




ମାଲକାନଗିରି,୫।୯ (ସଂଚାର ବ୍ୟୁରୋ): ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ଏବଂ ସାକ୍ଷରତା ପକ୍ଷ ତହତ ପଞ୍ଚମ ଦିବସରେ ଉଲ୍ଲାସ ସେମିନାର ଆଜି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ପିଏମ୍ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ସିନ୍ଧରିମାଲ ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାର ସମସ୍ତ ବ୍ଲକର ଶିକ୍ଷକ ଓ ସ୍ୱେଚ୍ଛାସେବୀ ଶିକ୍ଷକ ମାନେ ଯୋଗ ଦେଇଥିଲେ।ମୁଖ୍ୟ ଆଲୋଚନା ବିଷୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷରଙ୍କୁ ସାକ୍ଷର କରିବା ଲକ୍ଷ୍ୟ, ଉଲ୍ଲାସ ଆପ୍ ମାଧ୍ୟମରେ ପଞ୍ଜିକରଣ ଓ ଶିକ୍ଷାଦାନ, ମାଲକାନଗିରି ଜିଲ୍ଲାକୁ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ ସାକ୍ଷର ଜିଲ୍ଲା କରିବାର ଲକ୍ଷ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ କହିଛନ୍ତି, ଉଲ୍ଲାସ କେବଳ ଏକ ଯୋଜନା ନୁହେଁ, ଏହା ହେଉଛି ଜନ ଆନ୍ଦୋଳନ। ମାଲକାନଗିରିର ପ୍ରତ୍ୟେକ ନାଗରିକ ପଢ଼ିବ, ଲେଖିବ ଓ ଆଗକୁ ବଢ଼ିବ। ଏହି ଅବସରରେ ଉଲ୍ଲାସ କାର୍ଯ୍ୟକ୍ରମରେ ଉତ୍ତମ କାର୍ଯ୍ୟ କରିଥିବା ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା।

## ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସକୁ କଳା ଦିବସ ପାଳନ କଲେ




ସୁନ୍ଦରଗଡ଼,୫।୯ (ସଂଚାର ବ୍ୟୁରୋ): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ମାନେ ଗୁରୁ ଦିବସ କୁ କଳା ଦିବସ ରୂପେ ପାଳନ କରିଛନ୍ତି । ଗତ ୧୫/୧୦/୨୦୨୫ ରେ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଓ ରାଜ୍ୟ ସରକାର ମଧ୍ୟରେ ଏକ ବୈଠକ ହୋଇଥିଲା । ନୂଆପଡା ଉପ ନିର୍ବାଚନ ପରେ ସଂଘର ଦାବୀ ମୁତାବକ ଏକ ନୂତନ ଅନୁଦାନ ନୀତି ପ୍ରଣୟନ କରିବାର ପ୍ରତିଶ୍ରୁତି ମିଳିଥିଲା ଓ ଏକ କମିଟି ମଧ୍ୟ ଗଠନ ହୋଇଥିଲା। ଆଲୋଚନା ହେବାର ପ୍ରାୟ ବର୍ଷେ ପାଖାପାଖି ହେବ, ହେଲେ ସରକାର କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ମହା ବିଦ୍ୟାଳୟ ଗୁଡିକରେ ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ଅନୁଦାନ ପରିସର ଭୁକ୍ତ କରିବା ଦାବିରେ ସଂଘ ତରଫରୁ ପୂର୍ବରୁ କାର୍ଯ୍ୟବନ୍ଦ ଆନ୍ଦୋଳନ, ଧାରଣା, ଅନଶନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ସରକାର ନିଜେ ପ୍ରତିଶ୍ରୁତି ଦେଇ ରକ୍ଷା କରି ପାରିଲେ ନାହିଁ। ତେଣୁ ସଂଘର ନିଷ୍ପତ୍ତି କ୍ରମେ ଗୁରୁ ଦିବସକୁ କଳା ଦିବସ ରୂପେ ପାଳନ କରିଛନ୍ତି।

ଏହି ପରିପେକ୍ଷିରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ମାନେ କଳା ବ୍ୟାଚ ପରିଧାନ କରି ହାତରେ ଫ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ । ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଅଧ୍ୟାପିକା ଜସ୍ମିନ ପୁରୋହିତ, ଅରୁଣ ଦାସ, ସୁରଜ ନାଏକ, ସନ୍ତୋଷ ଡିଲା ପ୍ରମୁଖ କଳା ବ୍ୟାଚ ଓ ଫ୍ଲା କାର୍ଡ ଧରି କଳା ଦିବସ ପାଳନରେ ସାମିଲ ଥିଲେ ।

### ଜାଗୋ କ୍ଲବ ପକ୍ଷରୁ ଗୁରୁ ଦିବସ ପାଳିତ

## ସବୁ କ୍ଷେତ୍ରରେ ଗୁରୁମାନଙ୍କର ବଳିଷ୍ଠ ଅବଦାନ ରହିଛି



ଭୁବନେଶ୍ୱର,୫।୯ (ସଂଚାର ବ୍ୟୁରୋ): ମଣିଷର ଜୀବନ ଗଠନ ଓ ତା'ର ଭବିଷ୍ୟତର ଭିତିଭୂମି ପ୍ରସ୍ତୁତ କରିବାରେ ଗୁରୁମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଗୁରୁମାନଙ୍କର ବଳିଷ୍ଠ ଅବଦାନ ରହିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ କହିଛନ୍ତି।

ସୋଆର ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଜାଗୋ' କ୍ଲବ ପକ୍ଷରୁ ଶନିବାର ଆୟୋଜିତ ଗୁରୁ ଦିବସ ପାଳନ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ଜାଗୋ କ୍ଲବ ସହ ଜଡ଼ିତ ସୋଆର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପ୍ରକୃତ ଗୁରୁ ଭାବେ ଅଭିହିତ କରିଥିଲେ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତି ଦାସ କହିଥିଲେ ଯେ ୨୦୦୭ ମସିହାରେ ଆରମ୍ଭ ହୋଇଥିବା 'ଜାଗୋ' ଆଜି ଏକ ମହତ୍ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଆରମ୍ଭରୁ ସୋଆର ଛାତ୍ରଛାତ୍ରୀମାନେ କ୍ୟାମ୍ପସ ନିକଟବର୍ତ୍ତୀ ବସ୍ତିରେ ବସବାସ କରୁଥିବା ଆର୍ଥିକ ଓ ସାମାଜିକ ଭାବେ ଅନଗ୍ରସର ପରିବାରର କୁନି କୁନି ଶିଶୁମାନଙ୍କୁ କ୍ୟାମ୍ପସକୁ ଆଣି ଶିକ୍ଷାଦାନ କରିବା ସହ ସେମାନଙ୍କର ସାମଗ୍ରିକ ବିକାଶ ଦିଗରେ ସହାୟତା ଯୋଗାଇ ଆସୁଛନ୍ତି।

ଦୀର୍ଘ ବର୍ଷ ଧରି ନିଷ୍ଠା ଓ ସମର୍ପଣର ସହ ଏହି ମହତ୍ କାର୍ଯ୍ୟକୁ ଆଗେଇ ନେଇଥିବା ଜାଗୋର ଛାତ୍ରଛାତ୍ରୀ ସଦସ୍ୟମାନଙ୍କ ଅବଦାନକୁ ପ୍ରଶଂସା କରି ଶ୍ରୀମତି ଦାସ କହିଥିଲେ ଯେ ସେମାନେ କେବଳ ଶିକ୍ଷାଦାନ କରୁନାହାନ୍ତି ବରଂ ଅନେକ ଶିଶୁଙ୍କ ଜୀବନରେ ଆଶା ଓ ସମ୍ଭାବନାର ଆଲୋକ ପ୍ରଜ୍ୱଳିତ କରୁଛନ୍ତି। ଗୁରୁଦିବସ ଅବସରରେ ସେ ସମସ୍ତ ଜାଗୋ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଜାଗୋ କ୍ଲବର ପ୍ରଶଂସନୀୟ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ସୋଆର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଜଣେ ଜଣେ ଗୁରୁ ଭାବେ ଅଭିହିତ କରି ସେ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ହେଉଛି ଜ୍ଞାନର ଆଦାନପ୍ରଦାନ ଓ ସାମୂହିକ ଶିକ୍ଷାର କେନ୍ଦ୍ର।

ପରସ୍ପରଠାରୁ ଶିକ୍ଷା ଲାଭ ଏବଂ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ନୂତନ ଚିନ୍ତାଧାରାର ବିକାଶ ହେବା ସହ ଅଭିନବ ଗବେଷଣାର ସମ୍ଭାବନା ସୃଷ୍ଟି ହୋଇଥାଏ। ତେଣୁ ବିଶ୍ୱବିଦ୍ୟାଳରେ ପ୍ରତ୍ୟେକ ଛାତ୍ରଛାତ୍ରୀ କୌଣସି ନା କୌଣସି ଭାବରେ ଅନ୍ୟମାନଙ୍କ ପାଇଁ ଗୁରୁର ଭୂମିକା ନିର୍ବାହ କରିଥାନ୍ତି ବୋଲି ପ୍ରଫେସର ନନ୍ଦ କହିଥିଲେ।

## ପାଟକୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ



ଗରଦପୁର, ୫।୯ (ସଂଚାର ବ୍ୟୁରୋ) :ପାଟକୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁ ଦିବସ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭାରତର ପ୍ରାକ୍ତନ ରାଷ୍ଟ୍ରପତି ତଥା ମହାନ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା।

ଏହା ସହିତ ଏକ ସ୍ୱତନ୍ତ୍ର ଗୁରୁପୂଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ନିମନ୍ତ୍ରିତ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶ୍ରଦ୍ଧା ଓ ଭକ୍ତିର ସହ ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ପୂଜନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସଭାରେ ଉପସ୍ଥିତ ନିମନ୍ତ୍ରିତ ଅତିଥି ଓ ଶିକ୍ଷକବୃନ୍ଦ ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ଏବଂ ଛାତ୍ର ଜୀବନରେ ଗୁରୁଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

## ତେନ୍ତୁଳିଖୁଣ୍ଟିରେ ମନରେଗା ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର




ନବରଙ୍ଗପୁର,ତେନ୍ତୁଳୀଖୁଣ୍ଟି,୫।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ପରିସର ରେ ବ୍ଲକସ୍ତରୀୟ ମନରେଗା ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅଥିତି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ,ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ, ବରିଷ୍ଠ ସମାଜସେବୀ ତଥା ପୂର୍ବତନ ପଞ୍ଚଯାତ ସମିତି ଅଧ୍ୟକ୍ଷ ନାରାୟଣ ପାତ୍ର, ଭରସା ସ୍ୱେଚ୍ଛାସେବୀ ସଂଗଠନ ର ସଭାପତି ଏଲ ସନ୍ତୋଷ ରାଓ, ମୃତିକା ସଂରକ୍ଷଣ ରେଞ୍ଜ ଅଫିସର ମୋହନ ରାଓ ପ୍ରମୁଖ ମଞ୍ଚାସିନ ଥିଲେ।

ଏହି ସାମାଜିକ ସମୀକ୍ଷାର ଅବଧି ୧.୧୧.୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୬ (୬ମାସ)ର ନଥିପତ୍ର ଯାଞ୍ଚ କରାଯାଇଥିଲା!ମନରେଗା ଅଧୀନରେ ଥିବା ୧୦୦ ଦିନର କାର୍ଯ୍ୟ ନିଶ୍ଚିତ ବ୍ୟବସ୍ଥା ସହ ବର୍ତ୍ତମାନ ହିତାଧିକାରୀମାନେ କିପରି ଏହି ଯୋଜନାରେ ଅଧିକ ଦିନ କାର୍ଯ୍ୟ ପାଇପାରିବେ, ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା।

ଏହି ଅବସରରେ ବ୍ଲକ ଅଧୀନସ୍ଥ ସମସ୍ତ ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟର ସାମାଜିକ ସମୀକ୍ଷା କରାଯାଇଥିଲା। ଯୋଜନାର କାର୍ଯ୍ୟକାରିତା ଓ ହିତାଧିକାରୀଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଗ୍ରାମ୍ୟ ସମ୍ବଳ କର୍ମୀ ଓ ବ୍ଲକ ସାମାଜିକ ସମୀକ୍ଷକଙ୍କ ରିପୋର୍ଟ ଅନୁଯାଇ ୧,୧୧୦୯୭ ଟଙ୍କା କାମ କରିନ ଥିବା ବ୍ୟକ୍ତିଙ୍କ ନାମରେ ଚିହ୍ନଟ କରାଗଲା ଏବଂ ୩୧୬୬୮ ଟଙ୍କା ଭୁତ ଖାତାକୁ ଯାଇଥିବା ଜଣାପଡିଛି। ଏ ନେଇ ମୁଖ୍ୟ ଅତିଥି ସିଡିଓ ତାଙ୍କ ଅଭିଭାଷଣ ସାମାଜିକ ସମୀକ୍ଷାରେ ହୋଇଥିବା ସମୀକ୍ଷା ଠାରୁ ଆରମ୍ଭ କରି ଜନସାଧାରଣଙ୍କ ଅଭିଯୋଗକୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏ ସିଡିଓମାନଙ୍କୁ ରିକୋଭାରୀ କରାଯିବ ବୋଲି କହିଥିଲେ। ସମାଜ ସେବି ନାରାୟଣ ପାତ୍ର ବ୍ଲକ ରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ରେ ତଦାରଖ ଅଭାବ ରୁ ଅବହେଳା ହେଉଛି ବୋଲି କହିଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା




ପାରାଦୀପ,୫।୯ (ସଂଚାର ବ୍ୟୁରୋ): ପାରାଦୀପ ରୋଟାରୀ କ୍ଲବ୍ ପକ୍ଷରୁ ଏକ ଭାବବିହ୍ୱଳ ପରିବେଶରେ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ଚଳିତ ଆର୍ଥିକ ବର୍ଷରେ ଅବସର ଗ୍ରହଣ କରିବାକୁ ଥିବା ଜଣାଶୁଣା ଶିକ୍ଷକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏହି ଗୁରୁ ମାନଙ୍କ ଜୀବନବ୍ୟାପୀ ସାଧନା, ମାର୍ଗଦର୍ଶନ ଏବଂ ଅମୂଲ୍ୟ ଅବଦାନ ପ୍ରତି ଏକ ଆନ୍ତରିକ ଶ୍ରଦ୍ଧାଞ୍ଜଳି ଥିଲା। ଏହି ସମାରୋହରେ ପାରାଦୀପ ପୌରପରିଷଦର ଅଧ୍ୟକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଏବଂ ପୌରପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସମାଜ ଏବଂ ଶିକ୍ଷା କ୍ଷେତ୍ର ପ୍ରତି ଏହି ଶିକ୍ଷକମାନଙ୍କ ଗଭୀର ପ୍ରଭାବ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

କୃତଜ୍ଞତା ଓ ସମ୍ମାନର ଏକ ମର୍ମସ୍ପର୍ଶୀ ପରିବେଶରେ ରୋଟାରୀ କ୍ଲବ୍ ପକ୍ଷରୁ ନିମ୍ନଲିଖିତ ଶିକ୍ଷକମାନଙ୍କୁ ସେମାନଙ୍କ ଆଦର୍ଶ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା

## ଚୁଡ଼ାକୁଟି ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ଧାମନଗର,୫।୯ (ସଂଚାର ବ୍ୟୁରୋ):ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ସରସ୍ୱତୀ ଶିଶୁ ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ଏହି ଉତ୍ସବ ପାଳନ ଅବସରରେ ଶିଶୁ ମନ୍ଦିରର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣ ଓ ପରମ ପ୍ରେମମୟୀ ଶ୍ରୀରାଧାଙ୍କ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନେ ବିଭିନ୍ନ ରଙ୍ଗ ବେରଙ୍ଗର ପାଟ ମୟୂରଚନ୍ଦ୍ରିକା, ମୁକୁଟ, ବଂଶୀ ଓ ଚିତ୍ରିତ ମାଟିଗରା ବ୍ୟବହାର କରି ରାଧା କୃଷ୍ଣ ବେଶରେ ସୁସଜ୍ଜିତ ହୋଇ ଆସିଥିଲେ। ଶିଶୁ ମନ୍ଦିରର ପ୍ରତିଷ୍ଠାତା ତଥା ସାମ୍ବାଦିକ ବିବେକାନନ୍ଦ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି ଭାବମୟ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ,



ପ୍ରଦୀପ ମହାପାତ୍ର, ସଞ୍ଜୀବ ମହାନ୍ତି, ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ସନ୍ତୋଷ ଦାସ ପଲାଇ ଆଦି ବିଚାରକ ଭାବେ ଯୋଗଦେଇ କୁନି କୁନି ପିଲା ମାନଙ୍କ ମଧ୍ୟରେ ପ୍ରତିଭା ଓ ଦକ୍ଷତାର ବିକାଶ ପାଇଁ ଅନୁଷ୍ଠାନର ଏଭଳି ପ୍ରୟାସ କୁ ଅତିଥିଙ୍କ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ବିଚାରକ ଙ୍କ ଦ୍ୱାରା ଚୟନ ପ୍ରକ୍ରିୟାରେ କୃତିତ୍ୱ ପ୍ରତିଯୋଗୀ ଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ସମ୍ମାନିତ ଓ ପୁରସ୍କୃତ କରାଯିବ ବୋଲି ଶିଶୁ ମନ୍ଦିର ପକ୍ଷରୁ ସୂଚନା ଦିଆଯାଇଥିଲା। ବେଶ ପ୍ରତିଯୋଗୀତା ପରେ ରାଧା କୃଷ୍ଣ ବେଶଧାରୀ ଶିଶୁ ମାନେ ଚୁଡ଼ାକୁଟି ବଜାର ସ୍ଥିତ ରାମମନ୍ଦିର କୁ ଯାଇ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ ସହିତ ପ୍ରସାଦ ସେବନ କରି ଭଜନ କୀର୍ତ୍ତନ ସହିତ ବଜାର ପରିକ୍ରମା କରିଥିଲେ।

# ଖଣିଜ ପାଣ୍ଠିରେ ୫୫ କୋଟିର ଜମି କିଣା!

ଯାଜପୁର,୫।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିର ବ୍ୟବହାରକୁ ନେଇ ପୁଣି ଉଠିଛି ବଡ଼ ପ୍ରଶ୍ନ। ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ଜୀବନଜୀବିକା, ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା ଓ ମୌଳିକ ଭିତ୍ତିଭୂମି ବିକାଶ ପାଇଁ ଉଦ୍ଦିଷ୍ଟ ଖଣିଜ ପାଣ୍ଠିରୁ ଜମି କିଣାରେ ୫୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚକୁ ନେଇ ସନ୍ଦେହ ଘନୀଭୂତ ହୋଇଛି।ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ ବ୍ଲକ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ବାବଦରେ ଜିଲ୍ଲା ଖଣିଜ ପାଣ୍ଠିରୁ ୫୫ କୋଟି ୬୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ଏବେ ଅନେକ ପ୍ରଶ୍ନ ସାମ୍ନାକୁ ଆସିଛି।

ଜମି ଅଧିଗ୍ରହଣ ଏକ ଜଟିଳ ପ୍ରଶାସନିକ ଓ ଆଇନଗତ ପ୍ରକ୍ରିୟା। ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ ବ୍ୟବସ୍ଥା ରହିଛି। ତେବେ ଏହି ପ୍ରକ୍ରିୟାରେ ଭୂଅର୍ଜନ ଅଧିକାରୀଙ୍କ ବଦଳରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ଜମି କିଣାଯିବା ଘଟଣାକୁ ନେଇ ପ୍ରଶ୍ନ ଉଠିଛି।ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀଙ୍କୁ ଏତେ ବଡ଼ ଅର୍ଥର ଜମି କ୍ରୟ ପ୍ରକ୍ରିୟାରେ କେଉଁ ଆଦେଶ ଓ କେଉଁ ନିୟମ ଆଧାରରେ ଦାୟିତ୍ୱ ଦିଆଗଲା, ତାହା ସ୍ପଷ୍ଟ ହେବା ଆବଶ୍ୟକ ବୋଲି ଦାବି ହେଉଛି।ଆର୍‌ଟିଆଇ ତଥ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦର୍ଶାଯାଇଛି ଯେ ନୂତନ ବ୍ଲକ ନିର୍ମାଣ ପାଇଁ ମୋଟ ୭.୪୯୬ ଏକର ଜମି ଅଧିଗ୍ରହଣ କରାଯାଇଛି। ଏହି ଜମି ବାବଦରେ ମୋଟ ୨୩ କୋଟି ୨୬ ଲକ୍ଷ ୫୪ ହଜାର ୩୯୩ ଟଙ୍କା ଖର୍ଚ୍ଚ ହୋଇଥିବା ତଥ୍ୟ ଦିଆଯାଇଛି।

କିନ୍ତୁ ଏଠାରେ ହିଁ ଉଠୁଛି ସବୁଠାରୁ ବଡ଼ ପ୍ରଶ୍ନ। ଯଦି ଜମି ପାଇଁ ୨୩.୨୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ତେବେ ମଞ୍ଜୁର ହୋଇଥିବା ୫୫.୬୫ କୋଟି ଟଙ୍କାରୁ ଅବଶିଷ୍ଟ ପ୍ରାୟ ୩୨.୩୮ କୋଟି ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହେଲା ? ଏହାର ସ୍ପଷ୍ଟ ହିସାବ ସାର୍ବଜନୀନ କରାଯିବା ଆବଶ୍ୟକ। ଜମିର ସରକାରୀ ବେଞ୍ଚମାର୍କ ମୂଲ୍ୟ ଓ ପ୍ରକୃତ କ୍ରୟ ମୂଲ୍ୟ ମଧ୍ୟରେ କେତେ ତଫାତ ରହିଛି, ତାହାକୁ ନେଇ ମଧ୍ୟ ଅଭିଯୋଗ ଉଠିଛି। ନିର୍ଦ୍ଧାରିତ ସରକାରୀ ମୂଲ୍ୟଠାରୁ ଅଧିକ ଦରରେ ଜମି କିଣାଯାଇଥିଲେ, ଏହାର ଆଧାର କ'ଣ ଥିଲା ଏବଂ ମୂଲ୍ୟ ନିର୍ଦ୍ଧାରଣ କିଏ କରିଥିଲା— ତାହା ମଧ୍ୟ ତଦନ୍ତର ପରିସରକୁ ଆସିବା ଆବଶ୍ୟକ।ତଥ୍ୟ ଅନୁଯାୟୀ, ଯାଜପୁର ଜିଲ୍ଲା ଖଣିଜ ପାଣ୍ଠିରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ମୋଟ ୯୪ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟ ହୋଇଛି। କୋଭିଡ୍ ସମୟରେ ସଙ୍ଗରୋଧ କେନ୍ଦ୍ର ପରିଚାଳନା ପାଇଁ ୨୦୨୦-୨୧ରେ ୧୧ କୋଟି ୨୩ ଲକ୍ଷ ଟଙ୍କା, ମାସ୍କ ବଣ୍ଟନ ପାଇଁ ୨୩ ଲକ୍ଷ ଟଙ୍କା ସମେତ ଆଶାକର୍ମୀ, ଡାକ୍ତର, ସୁରକ୍ଷାକର୍ମୀଙ୍କ ପାରିଶ୍ରମିକ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ବାବଦରେ ଅର୍ଥ ବ୍ୟୟ ହୋଇଥିବା ଦର୍ଶାଯାଇଛି।ତେବେ ଏହି ସମସ୍ତ ବ୍ୟୟ ମଧ୍ୟରେ ଜମି କିଣା ପାଇଁ ୫୫.୬୫ କୋଟି ଟଙ୍କାର ବ୍ୟବସ୍ଥା ଓ ଏହାର ପ୍ରକୃତ ବ୍ୟୟ ଏବେ ତଦନ୍ତର ଦାବି କରୁଛି।ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ଉନ୍ନତି ଓ ମୌଳିକ ସୁବିଧା ଯୋଗାଇବା ଖଣିଜ ପାଣ୍ଠିର ପ୍ରମୁଖ ଉଦ୍ଦେଶ୍ୟ। ଏପରି ସ୍ଥଳେ ଜିଲ୍ଲା ସଦର ମହକୁମାରେ ଏତେ ବଡ଼ ପରିମାଣର ପାଣ୍ଠି ଜମି କିଣାରେ ବ୍ୟୟ ହେବା ନିୟମ ଓ ଉଦ୍ଦେଶ୍ୟ ସହ କେତେଦୂର ସମନ୍ୱିତ, ତାହା ନେଇ ମଧ୍ୟ ମତ ପ୍ରକାଶ ପାଇଛି।ଏହାସହ ଜମି କିଣା ପ୍ରକ୍ରିୟାରେ ମୂଲ୍ୟ ନିର୍ଦ୍ଧାରଣ, ଜମି ଚିହ୍ନଟ, ମାଲିକାନା ଯାଞ୍ଚ, ଅର୍ଥ ପ୍ରଦାନ ଓ ଅବଶିଷ୍ଟ ଅର୍ଥର ବ୍ୟବହାର ସମ୍ପର୍କିତ ସମସ୍ତ ଦସ୍ତାବିଜ ଯାଞ୍ଚ କରାଯିବା ଜରୁରି।

**ଭୂଅର୍ଜନ ଅଧିକାରୀଙ୍କ ବଦଳରେ ସିଡିଏମ୍ଓଙ୍କୁ ଦାୟିତ୍ୱ**

**୭.୪୯୬ ଏକର ଜମି ପାଇଁ ଖର୍ଚ୍ଚ ୨୩.୨୬ କୋଟି**

**ଅବଶିଷ୍ଟ ୩୨ କୋଟିର ହିସାବକୁ ନେଇ ପ୍ରଶ୍ନ ?**

୫୫.୬୫ କୋଟି ମଞ୍ଜୁର, ୨୩.୨୬ କୋଟି ଜମି ପାଇଁ ବ୍ୟୟ— ତେବେ ଅବଶିଷ୍ଟ ୩୨ କୋଟିରୁ ଅଧିକ ଟଙ୍କା କେଉଁଠି ଗଲା ? ଏହି ପ୍ରଶ୍ନର ଉତ୍ତର ଏବେ ତଦନ୍ତରେ ସ୍ପଷ୍ଟ ହେବା ଆବଶ୍ୟକ। ଘଟଣାର ନିରପେକ୍ଷ ଅଡିଟ୍ ଓ ଉଚ୍ଚସ୍ତରୀୟ ତଦନ୍ତ ହେଲେ ହିଁ ପାଣ୍ଠି ବ୍ୟବହାରର ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ।

ସଂଚାର SANCHAR ରବିବାର ୬ ସେପ୍ଟେମ୍ବର ୨୦୨୬
ସ୍ୱାସ୍ଥ୍ୟ

# ସ୍ୱାସ୍ଥ୍ୟ ପାଇଁ ସୁପରଫୁଡ୍ ଡ୍ରାଗନ୍ ଫ୍ରୁଟ୍

ସୁସ୍ଥ ରହିବାକୁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ସମୟ ବଦଳିବା ସହିତ ମଣିଷମାନେ ମଧ୍ୟ ପରିବର୍ତ୍ତନ ହେଉଛନ୍ତି। ଖାଇବା ପିଇବାକୁ ନେଇ ଅନେକ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳୁଛି। ସୁସ୍ଥ ରହିବା ପାଇଁ ହେଲେ ସୁସ୍ଥକର ଖାଦ୍ୟ ଆବଶ୍ୟକ ହୋଇଥାଏ। ଯଦି ସୁସ୍ଥ ଶରୀର ଗଠନ କରିବାକୁ ତେବେ ହେଲଦି ଖାଦ୍ୟ ଖାଆନ୍ତୁ। ଶରୀର ସୁସ୍ଥ ରହିଲେ ଆମକୁ ଫୂର୍ତ୍ତି ଅନୁଭବ ହୋଇଥାଏ। ସେଥିପାଇଁ ପ୍ରାୟତଃ ଲୋକମାନେ ଜିମ୍ ଯାଆନ୍ତି ତ ଆଉ ପୁଣି କିଏ ଖାଇବାରେ ପରିବର୍ତ୍ତନ ଆଣିଥାଆନ୍ତି। ତେଣୁ ପନିପରିବାଠାରୁ ଆରମ୍ଭ କରି ଫଳମୂଳ ପର୍ଯ୍ୟନ୍ତ ସମସ୍ତ ଜିନିଷ ଆମ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ପ୍ରତ୍ୟେକ ଋତୁରେ ଭିନ୍ନ ଭିନ୍ନ ପନିପରିବା ଏବଂ ଫଳମୂଳ ମିଳିଥାଏ। ଯାହା ଆମ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ଆମ ଶରୀର ପାଇଁ ପ୍ରତ୍ୟେକ ଖାଦ୍ୟ ଆବଶ୍ୟକ ହୋଇଥାଏ। ତେଣୁ ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇଲେ ଅନେକ ଶାରୀରିକ ସମସ୍ୟାକୁ ଦୂରେଇ ଦେଇଥାଏ। ସେହି ସବୁ ପନିପରିବା ଏବଂ ଫଳମୂଳ ମଧ୍ୟରୁ ଡ୍ରାଗନଫ୍ରୁଟ୍ ଅନ୍ୟତମ। ଯାହା ଖୁବ୍ ଦାମୀ ସତ କିନ୍ତୁ ଅନେକ ସମସ୍ୟାକୁ ଚୁଟକିରେ ଗାଏବ କରି ଦେଇଥାଏ। ତେବେ ଆସନ୍ତୁ ଏହାର



ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ଡ୍ରାଗନ୍ ଫ୍ରୁଟ୍ ହେଉଛି ଲୋ କ୍ୟାଲୋରି ସୁପରଫୁଡ୍ , ଯାହା ଫାଇବର , ଭିଟାମିନ୍ ଓ ଆଣ୍ଟି ଅକ୍ସିଡାଣ୍ଟରେ ଭରା। ଏହା ମହଙ୍ଗା ହୋଇଥିବାରୁ ଇଚ୍ଛା ଥିଲେ ବି ଏହାକୁ କିଣିବାକୁ ଲୋକେ ପସନ୍ଦ କରନ୍ତି ନାହିଁ। ଏହା ସହିତ ଏଥିରେ ଫାଇବର , ଭିଟାମିନ୍ ସି, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍ ପରି ପୋଷକ ତତ୍ତ୍ୱ ରହିଛି । ଏହା ସୁପରଫୁଡ୍ ଭାବେ କାର୍ଯ୍ୟକାରୀ କରିଥାଏ। ଏହାକୁ ଖାଇବା ଦ୍ୱାରା କେଉଁ ସମସ୍ୟାକୁ ଦୂର କରିଥାଏ ଆଜି ଆମେ ଆପଣଙ୍କୁ ସେ ସମ୍ପର୍କରେ ଜଣାଇବୁ।

ଡ୍ରାଗନ୍ ଫ୍ରୁଟରେ ଭିଟାମିନ୍ ସି ଓ ଆଣ୍ଟିଅକ୍ସିଡାଣ୍ଟ ଭରପୁର ମାତ୍ରାରେ ଥାଏ। ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବା ସହ ଥଣ୍ଡା, କାଶ ଭଳି ସମସ୍ୟାଠାରୁ ରକ୍ଷା କରିଥାଏ। ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା ପାଇଁ ଆପଣମାନେ ଏହି ଫଳକୁ ଖାଇପାରିବେ। ଏଥିରେ ଥିବା ଫାଇବର ହଜମ ପ୍ରକ୍ରିୟାକୁ ତୀବ୍ର କରିବା ସହ ବଦହଜମି ସମସ୍ୟାରୁ ଦୂରେଇ ରଖେ। ଡ୍ରାଗନ୍ ଫ୍ରୁଟ୍ ହାର୍ଟ ପାଇଁ ରାମବାଣ ହୋଇଥାଏ। ଏଥିରେ ଥିବା ଲାଭକାରୀ ଗୁଣ ଯୋଗୁଁ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ। ଫଳରେ ହୃଦଘାତର ଆଶଙ୍କାକୁ କମ୍ କରିଥାଏ। ଏଥିରେ କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ ଥିବାରୁ ଏହା ହାଡକୁ ମଜଭୁତ କରିବା ସହ ଅଷ୍ଟିଓପୋରୋସିସ୍ ଭଳି ସମସ୍ୟାରୁ ଦୂରେଇ ରଖେ।

ଏତିକି ନୁହେଁ ବରଂ ଏହା ଖାଇବା ଦ୍ୱାରା କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ପ୍ରଭାବଶଳୀ ହୋଇଥାଏ। ଏଥିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଡାଇବେଟିସ୍ ପାଇଁ ମଧ୍ୟ ଫଳପ୍ରଦ। ତେଣୁ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଷ୍ଟ ହୋଇଥାଏ। ଯଦି ଏହି ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଡ୍ରାଗନ୍ ଫ୍ରୁଟ୍କୁ ଆପଣଙ୍କ ଖାଇବା ଲିଷ୍ଟରେ ଆଡ୍ କରିପାରିବେ ନିଶ୍ଚୟ। ଯାହା ଆପଣଙ୍କ ସମସ୍ୟାକୁ ଦୂର କରିପାରିବ।

# ଖାଇବା ପରେ ଗାଧୋଇବା ଠିକ୍ ନା ଭୁଲ ?

ଖାଇବା ପରେ ତୁରନ୍ତ ଗାଧୋଇବା ଉଚିତ ନୁହେଁ ବୋଲି ଅନେକଙ୍କ ଧାରଣା ରହିଛି। ବିଶେଷକରି ଗରମ ପାଣିରେ ଗାଧୋଇଲେ ହଜମ ପ୍ରକ୍ରିୟା ପ୍ରଭାବିତ ହୋଇପାରେ ବୋଲି କୁହାଯାଏ। ତେବେ ଏହାକୁ ପ୍ରମାଣ କରୁଥିବା ଦୃଢ଼ ବୈଜ୍ଞାନିକ ଗବେଷଣା ଏପର୍ଯ୍ୟନ୍ତ ନାହିଁ। ଖାଦ୍ୟ ଖାଇବା ପରେ ଶରୀର ହଜମ ପ୍ରକ୍ରିୟା ଆରମ୍ଭ କରେ। ଏହି ସମୟରେ ହଜମ ସହ ଜଡ଼ିତ ଅଙ୍ଗଗୁଡ଼ିକୁ ଅଧିକ ରକ୍ତ ପ୍ରବାହ ହୁଏ। ଫଳରେ ପେଟ ଭରି ଖାଇବା ପରେ ଶରୀରରେ ସାମାନ୍ୟ ଗରମ ଅନୁଭବ ହୋଇପାରେ। ଗରମ ପାଣି ଶରୀରରେ 'ହାଇପରଥର୍ମିକ୍ ଆକ୍ସନ୍' ନାମକ ଏକ ପ୍ରକ୍ରିୟାକୁ ସକ୍ରିୟ କରେ। ଏହା ଫଳରେ ଶରୀରର ଭିତର ତାପମାତ୍ରା କିଛିଟା ବଢ଼ିପାରେ। କେତେ ସମୟ ପରେ ଗାଧୋଇବା ଉଚିତ? ଚର୍ବି, ପ୍ରୋଟିନ୍ କିମ୍ବା ତନ୍ତୁଯୁକ୍ତ ଖାଦ୍ୟ ଖାଇବା ପରେ ପେଟ ଫୁଲିବା ବା ଭାରି ଲାଗିପାରେ। ଏହି ସମୟରେ ଅତ୍ୟଧିକ ଗରମ ପାଣିରେ ଗାଧୋଇଲେ କେତେକ ଲୋକଙ୍କଠାରେ ପେଟରେ ଦରଜ, ଛାତିରେ ଅସ୍ୱସ୍ଥତା କିମ୍ବା ଜ୍ୱଳନ ହୋଇପାରେ। ଏହି ପ୍ରଭାବ ସମସ୍ତଙ୍କଠାରେ ଅବଶ୍ୟ ନୁହେଁ। ଖାଇବା ପରେ ଗାଧୋଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ବୈଜ୍ଞାନିକ ସମୟସୀମା ନାହିଁ। ତଥାପି ସାଧାରଣତଃ ୨୦ ମିନିଟ୍ରୁ ଏକ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ଆରାମଦାୟକ ହୋଇପାରେ। ବିଶେଷକରି ଭାରୀ ଖାଦ୍ୟ ଖାଇଥିଲେ ଅଧିକ ସମୟ ଅପେକ୍ଷା କରିବା ଭଲ। ଅମ୍ଳୀୟ ଖାଦ୍ୟ ଖାଇବା ପରେ ତୁରନ୍ତ ଦାନ୍ତ ଘଷିବା ଠିକ୍ ନୁହେଁ; ପ୍ରାୟ ୩୦ ମିନିଟ୍ ଅପେକ୍ଷା କରିବା ଭଲ। ଭାରୀ ଖାଦ୍ୟ ପରେ ତୁରନ୍ତ ଭାରୀ ବ୍ୟାୟାମ କରିବା ଦ୍ୱାରା ପେଟରେ ଅସ୍ୱସ୍ଥତା ହୋଇପାରେ। ସେହିପରି ଖାଇବା ପରେ ତୁରନ୍ତ ଶୋଇଲେ କେତେକ ଲୋକଙ୍କଠାରେ ଏସିଡ ସମସ୍ୟା ବଢ଼ିପାରେ। ତେଣୁ ଖାଇବା ଏବଂ ଶୋଇବା ମଧ୍ୟରେ କିଛି ସମୟର ବ୍ୟବଧାନ ରଖିବା ଲାଭଦାୟକ ହୋଇଥାଏ।





# କିସ୍‌ମିସ୍ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

**ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କିସମିସ୍। ଏଥିରେ ଫାଇବର, ଆଇରନ୍, ପୋଟାସିୟମ୍ ଏବଂ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଥାଏ। ବଜାରରେ ୨ ପ୍ରକାରର କିସମିସ୍ ମିଳିଥାଏ। ଗୋଟିଏ କଳା ଏବଂ ଅନ୍ୟଟି ହଳଦିଆ। କିନ୍ତୁ ଅନେକଙ୍କ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ କେଉଁଟି ଅଧିକ ଲାଭଦାୟକ? ଆସନ୍ତୁ ଜାଣିବା...**



କିସମିସ୍ ଖରାପ କୋଲେଷ୍ଟ୍ରଲ୍ ହ୍ରାସ କରେ। ରକ୍ତଚାପକୁ ଉନ୍ନତ କରେ ଏବଂ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରେ। ଜର୍ଣ୍ଣାଲ୍ ଅଫ୍ ନ୍ୟୁଟ୍ରିସନ୍ ଆଣ୍ଡ୍ ହେଲ୍ଥରେ ପ୍ରକାଶିତ ଏହି ଅଧ୍ୟୟନରେ କୁହାଯାଇଛି ଯେ କିସମିସ୍ ହୃଦୟ ପାଇଁ ବହୁତ ଲାଭଦାୟକ। ଏମାନଙ୍କର କାର୍ଯ୍ୟ ଭିନ୍ନ କିନ୍ତୁ ଉଭୟ କିସମିସ୍ ହୃଦୟ ପାଇଁ ଭଲ। କଳା କିସମିସ୍ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଇରନରେ ଭରପୂର ହୋଇଥାଏ। କିନ୍ତୁ ହଳଦିଆ କିସମିସ୍ ନରମ ଏବଂ ଅଧିକ ସ୍ୱାଦିଷ୍ଟ। କଳା କିସମିସ୍ ଖରାରେ ଶୁଖାଯାଏ। ଯାହା ଫଳରେ ଏଥିରେ ଅଧିକ ଆଇରନ୍ ଏବଂ ଏନ୍ଥୋସାୟାନିନ୍ ଥାଏ। କଳା ରଙ୍ଗ ଏହାର ଉଚ୍ଚ ଆଣ୍ଟିଅକ୍ସିଡାଣ୍ଟ ସ୍ତର ଯୋଗୁଁ ହୋଇଥାଏ। ଅନ୍ୟପକ୍ଷରେ ହଳଦିଆ କିସମିସକୁ ସଲଫର ଡାଇଅକ୍ସାଇଡ ସହିତ ପ୍ରକ୍ରିୟାକରଣ କରାଯାଏ। ଯାହା ଦ୍ୱାରା ଏହା ଦୀର୍ଘ ସମୟ ଧରି ରହିଥାଏ। ଏହି କାରଣରୁ ହଳଦିଆ କିସମିସ ମିଠା ଏବଂ ନରମ ହୋଇଥାଏ। ତଥାପି କଳା କିସମିସରେ ଅଧିକ ପୁଷ୍ଟିକର ଥାଏ। କଳା କିସମିସରେ ଆଇରନ୍ ଭରପୂର ଥାଏ। ଯାହା ହିମୋଗ୍ଲୋବିନ୍ ସ୍ତରକୁ ସପୋର୍ଟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରେ। ହଳଦିଆ କିସମିସରେ କଳା କିସମିସ ତୁଳନାରେ କମ୍ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯଦିଓ ଏହା ନ୍ୟାଚୁରାଲ୍ ଶୁଗାର ହୋଇଥାଏ। ଉଭୟ ପ୍ରକାରର କିସମିସରେ ଫାଇବର ଭରପୂର ମାତ୍ରାରେ ରହିଥାଏ। ଜର୍ଣ୍ଣାଲ୍ ଅଫ୍ ନ୍ୟୁଟ୍ରିସନ୍ ଆଣ୍ଡ୍ ହେଲ୍ଥ ଅନୁଯାୟୀ, କିସମିସ ଖାଇବା ପେଟ ପାଇଁ ଭଲ। ଏହା ଅନ୍ତନଳୀରେ ଭଲ ବ୍ୟାକ୍ଟେରିଆ ବୃଦ୍ଧି କରିବାରେ ସାହାଯ୍ୟ କରେ। କଳା କିସମିସରେ ଅଦ୍ରବଣୀୟ ଫାଇବର ଥାଏ, ଯାହା କୋଷ୍ଠକାଠିନ୍ୟରୁ ମୁକ୍ତି ଦିଏ। ହଳଦିଆ କିସମିସରେ ଦ୍ରବଣୀୟ ଫାଇବର ଥାଏ, ଯାହା ପାଚନକୁ ଉନ୍ନତ କରେ ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରେ। ପାଚନକୁ ଉନ୍ନତ କରିବା ପାଇଁ, ଉଭୟ କିସମିସକୁ ଏକାଠି ଖାଇବା ଉଚିତ। ବହୁତ ପରିମାଣରେ କିସମିସ ଖାଇବା ଦ୍ୱାରା ଶର୍କରା ସ୍ତର ଏବଂ ମେଦବହୁଳତା ବୃଦ୍ଧି ପାଇପାରେ। ସଲଫାଇଟ୍ରେ ଅସୁବିଧା ଲୋକମାନେ କିସମିସ ଖାଇବାରୁ ଦୂରେଇ ରହିବା ଉଚିତ। ଅଧିକ ପରିମାଣରେ କିସମିସ ଖାଇବା ଦ୍ୱାରା କ୍ୟାଭିଟି ହୋଇପାରେ।

# ସି- ବକଥର୍ଣ୍ଣରେ ଭରିରହିଛି ପ୍ରଚୁର ଭିଟାମିନ୍

ସି- ବକଥର୍ଣ୍ଣ ଏକ ଗୁଳ୍ମଯୁକ୍ତ ଫଳ । ଯାହାକୁ ଭାରତରେ ବ୍ରହ୍ମଫଳ, ହିମାଳୟ ବେରୀ, କିମ୍ବା ଲେହ ବେରୀ ଭାବରେ ଜଣାଶୁଣା । ଏହା ମୁଖ୍ୟତଃ ଉଚ୍ଚ ଥଣ୍ଡା ଜଳ ବାୟୁରେ ବଢ଼ିଥାଏ । ତେଣୁ ଏହା ହିମାଚଳ ପ୍ରଦେଶ, ଲଦାଖ ଏବଂ ଉତ୍ତରାଖଣ୍ଡ ଭଳି ପାର୍ବତ୍ୟାଞ୍ଚଳରେ ଦେଖାଯାଏ। ସି- ବକଥର୍ଣ୍ଣ ବିଶ୍ୱବ୍ୟାପୀ ଲୋକପ୍ରିୟ। ଏହାର ପୁଷ୍ଟିକର ଗୁଣ ଯୋଗୁଁ ଏହାର ଲୋକପ୍ରିୟତା ବଢ଼ି ଚାଲିଛି। ଏହା ଏକ ଦୁର୍ଲଭ ଫଳ ଯେଉଁଥିରେ ଫ୍ୟାଟି ଏସିଡ୍ ଥାଏ । ସି-ବକଥର୍ଣ୍ଣ ଆପଣଙ୍କ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଚର୍ମକୁ ଉଜ୍ଜ୍ୱଳ କରିବା ଠାରୁ ଆରମ୍ଭ କରି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପର୍ଯ୍ୟନ୍ତ ସବୁକିଛିର ଅର୍ବ୍ୟଥ ଔଷଧ ପରି କରେ କାମ । ଏହାର ସ୍ୱାଦ ଖଟା। ଏହାର ଫଳ ଖିଆ ଯାଉଥିବା, ଏବଂ ଏହାର ପତ୍ରକୁ ଚା ତିଆରି କରିବାରେ ମଧ୍ୟ ବ୍ୟବହାର କରାଯାଏ । ତେଣୁ ଆସନ୍ତୁ ଜାଣିବା ଏହାର ପୁଷ୍ଟିକର ମୂଲ୍ୟ, ଲାଭ ଏବଂ ଏହାକୁ ସେବନ କରିବାର ଉପାୟ ବିଷୟରେ.. ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍ ଅନୁଯାୟୀ, ୧୦୦ ଗ୍ରାମ ସି- ବକଥର୍ଣ୍ଣରେ ୨୭୫ ମିଗ୍ରା ଭିଟାମିନ୍ ସି ଥାଏ । ଏହା ସହିତ, ଏଥିରେ ୩.୫୪ ମିଗ୍ରା ଭିଟାମିନ୍ ଇ, ୫.୪ ମିଗ୍ରା ବି-12, ୧.୪୫ ମିଗ୍ରା ରିବୋଫ୍ଲାଭିନ୍, ୧.୧୨ ଗ୍ରାମ ବି-୬, ୬୮.୪ ମିଗ୍ରା ନିୟାସିନ୍ ଏବଂ ୪୩୨.୪ ମିଗ୍ରା ଭିଟାମିନ୍-ଏ ଥାଏ। ଏଥିରେ ଫସଫରସ୍, ପୋଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ଜିଙ୍କ୍, ମାଙ୍ଗାନିଜ୍ ଏବଂ କପର ଭଳି ଖଣିଜ ପଦାର୍ଥ ମଧ୍ୟ ରହିଛି । ଏହା ଏଲ୍-ମାଲିକ୍ ଏସିଡ୍ ଏବଂ ଡି-ମାଲିକ୍ ଏସିଡ୍ ସମେତ ଆମିନୋ ଏସିଡର ଏକ ଉତ୍କୃଷ୍ଟ ଉତ୍ସ । ଏଥିରେ ଅନେକ ଜୈବିକ ଯୌଗିକ ମଧ୍ୟ ରହିଛି ।



# ବିଳମ୍ବିତ ରାତିରେ ଭୋଜନ କରୁଥିଲେ...

କେବେ କେବେ ଡେରିରେ ଅଫିସରେ ଫେରିବା ହେଉ କିମ୍ବା ସୁଟିଂ ସାରୁ ସାରୁ ବିଳମ୍ବିତ ରାତି ହେଇଯିବା ହେଉ... ଅବା କେଉଁ କାମରେ ଫସିବା କିମ୍ବା ସଉକରେ କେହି କେହି ବିଳମ୍ବିତ ରାତିରେ ଖାଉଥିବା ଦେଖିବାକୁ ମିଳୁଛି। ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି। କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି। ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ। ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ। ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ। ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ଏବେ ହେଇ ପାରୁନି। ତେବେ ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ...

ତେଣୁ କଥାରେ ଅଛି ଶହେ କାମ ଛାଡି ଭୋଜନ କର। ଖାଦ୍ୟ ଖାଇଲେ ହିଁ ଆମ ଶରୀର ପୋଷଣ ପାଇଥାଏ। କିନ୍ତୁ ଖାଦ୍ୟ ଆମେ ଭୋକ ଲାଗିଲେ ଖାଉ ଏବଂ ଲୋଭରେ ବି ଖାଉ। ଲୋଭରେ ଖାଇଲେ ତାହା ଆମର ପୁଷ୍ଟି ସାଧନ ନ କରି ଅହିତ କରିଥାଏ। ସୁତରାଂ ଭୋକ ଲାଗିଲେ ହିଁ ଖାଇବା ଉଚିତ। ଭୋକ ନ ଥାଇ ଖାଦ୍ୟ ଲୋଭରେ ଖାଇବା ଉଚିତ ନୁହେଁ। ପୁଣି ଖାଦ୍ୟ ଖାଇବାର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରହିବା ଉଚିତ। ଯେତେବେଳେ ଇଚ୍ଛା ସେତେବେଳେ ଖାଇବା ଏବଂ ବିଳମ୍ବିତ ରାତିରେ ଖାଇବା ଉଚିତ ନୁହେଁ। ଆୟୁର୍ବେଦ ଶାସ୍ତ୍ର ମତରେ ସକାଳର ଖାଇବାଟା ରାଜକୀୟ ଭୋଜନ ପରି ଗରିଷ୍ଠ ହେବା ଉଚିତ। ମଧ୍ୟାହ୍ନଭୋଜନ ତା'ଠୁ ହାଲୁକା ଏବଂ ସନ୍ଧ୍ୟାକାଳୀନ ଭୋଜନ ସବୁଠୁ ହାଲୁକା ହେବା ଉଚିତ। ବିଳମ୍ବିତ ରାତିରେ ଆଦୌ ଖାଇବା ଉଚିତ ନୁହେଁ। ରାତିରେ ଶୋଇବା ପୂର୍ବରୁ ଆପଣ ଛୋଟ କାଚ ଗ୍ଲାସ୍‌ରେ ଏକ ଗ୍ଲାସ୍ ଦେଶୀ ଗାଈ କ୍ଷୀର ପିଇ ଶୋଇପାରିବେ। କିନ୍ତୁ କ୍ଷୀର ପିଇସାରି କୁଳି କରିବା ନିହାତି ଆବଶ୍ୟକ, ନ ହେଲେ ଦାନ୍ତ ପୋକ ଖାଇବ। ବିଳମ୍ବିତ ରାତିରେ ବା ମଧ୍ୟରାତ୍ରିରେ ଯେଉଁମାନେ ଭୋଜନ କରନ୍ତି ତାକୁ ରାକ୍ଷସୀ ଭୋଜନ କୁହାଯାଏ। ଶହେ କାମ ଛାଡ଼ି ଭୋଜନ କର, ମାନେ ଯଦି ଭୋଜନର ସମୟ ହୋଇଯାଇଛି ଓ ଭୋକ ହେଉଛି, ତେବେ ଅନ୍ୟ ସବୁ କାମ ଛାଡ଼ି ଆଗେ ଭୋଜନ କରିବା ଉଚିତ। କାରଣ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କଲେ ତାହା ଆମ ଦେହର ଅଭ୍ୟାସଗତ ହୋଇଯାଇଥାଏ। ସେଥିରେ ବିଳମ୍ବ ବା ଅନିୟମିତତା ହେଲେ ଆମ ହଜମ ଶକ୍ତି ଉପରେ ପ୍ରଭାବ ପଡ଼େ। ଖାଦ୍ୟ ହଜମ କରିବା ପାଇଁ ଆମ ଶରୀରରେ ଏକ ପ୍ରକାର ଅମ୍ଳ ସୃଷ୍ଟି ହୁଏ, ଯାହାକୁ ଇଂରାଜୀରେ କୁହାଯାଏ ହାଇଡ୍ରୋକ୍ଲୋରିକ୍ ଏସିଡ୍ ବା ଲବଣାମ୍ଳ। ପେଟ ଯଦି ଦୀର୍ଘ ସମୟ ଧରି ଖାଲି ରହେ ଏବଂ ଏହା ଦିନ ଦିନ ଧରି ଘଟେ, ତେବେ ସେହି ଅମ୍ଳ ଆମର ଅନ୍ତନଳୀର ମ୍ୟୁକସ୍ ମେମ୍ବ୍ରେନକୁ ଖାଇଯାଏ। ଫଳରେ ପେଟରେ ଘାଆ ସୃଷ୍ଟି ହୁଏ, ଯାହାକୁ ଷ୍ଟୋମାକ୍ ଅଲ୍‌ସର କୁହାଯାଏ। ଶୀଘ୍ର ଚିକିତ୍ସା ନ କଲେ ତାହା ମାରାତ୍ମକ ହୋଇପାରେ। ତେଣୁ ନିୟମିତଭାବେ ଠିକ୍ ସମୟରେ ଖାଇବା ଉଚିତ। ପୁଣି ଖାଦ୍ୟ ତ ଆମକୁ କାମ କରିବା ପାଇଁ ବଳ ଯୋଗାଇଥାଏ। ଆମେ ଖାଇବାନି ଯଦି ଅନ୍ୟସବୁ କାମ କରିବା ପାଇଁ ବଳ ପାଇବା କିପରି? ତେଣୁ ଶହେ କାମ ଛାଡ଼ି ଆଗ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।

- ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
- ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
- ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
- ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
- ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
- ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
- ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
- ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
- ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
- ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
- ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
- ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ
- ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
- ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ



ଗାଁକୁ ଆସୁନି ନେଟୱର୍କ

# ଝିଅ ବାହା ଦେବାକୁ ରାଜି ହେଉନାହାନ୍ତି ଲୋକ

**ସୁନ୍ଦରଗଡ଼,୫।୯ (ସଂଚାର ବ୍ୟୁରୋ):** ମଙ୍ଗଳ ଦୋଷ, କାଳସର୍ପ ଦୋଷ, ନାଡ଼ୀ ଦୋ। ଏଭଳି ବିଭିନ୍ନ ଜନ୍ମ ଓ ଜାତକଗତ ଦୋଷ ପାଇଁ ବାହାଘର ଭାଙ୍ଗିବା କଥା ଆପଣ ଜାଣିଥିବେ। ହେଲେ ଆମେ ଏମିତି ଏକ ଗାଁର ଖବର ଦେଖାଇବାକୁ ଯାଉଛୁ, ଯେଉଁ ଗାଁର ଯୁବକଙ୍କ ବାହାଘର ହୋଇନପାରିବା ପଛରେ ରହିଛି 'ନେଟୱର୍କ ଦୋଷ'। କାହାର ବୟସ ଗଡ଼ିଗଲାଣି, କାହାର ମୁଣ୍ଡରୁ ଚୁଟି ଝଡ଼ିଗଲାଣି। ଆଉ କେଇ ବର୍ଷ ପରେ ବୁଢ଼ା ବୁଢ଼ା ଦିଶିବେ ଏ ଗାଁର ଭେଣ୍ଡିଆ। ହେଲେ ଭାଗ୍ୟରେ ଝିଅ ଜୁଟୁନାହାନ୍ତି, ହୋଇପାରୁନି ବାହାଘର। ଦୁଃଖ ନା କାହାକୁ କହିପାରୁଛନ୍ତି, ନା ସହିପାରୁଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ୍ ଅନ୍ତର୍ଗତ ଖଜୁରିଡିହି ଗାଁକୁ ମୋବାଇଲ ନେଟୱର୍କ ଆସୁନଥିବାରୁ, ଏଠାକାର ଯୁବକଙ୍କୁ କେହି ଝିଅ ବାହା ଦେବାକୁ ରାଜି ହେଉନାହାନ୍ତି। ଜଣେ କି ଦୁଇ ଜଣ ନୁହେଁ, ଗାଁର ୧୫ରୁ ଅଧିକ ଯୁବକଙ୍କ ଏହି ସମାନ ଅବସ୍ଥା। ବାହାଘର ପାଇଁ ଅନ୍ୟ ଗାଁ, ସହରକୁ ଝିଅ ଦେଖିବାକୁ ଯାଉଛନ୍ତି। ସବୁ କଥା ଛିଡୁଛି, ହେଲେ ରହିଯାଉଛି ସେଇ ଗୋଟିଏ କୋଁ। ଝିଅକୁ ବାହା ଦେଲେ ବାପାଘର ଲୋକେ ଯୋଗାଯୋଗ କରିପାରିବେନି, କି ଝିଅ ବି ନିଜ ସୁଖଦୁଃଖ ଜଣାଇପାରିବନି। ତେଣୁ ଏଭଳି ଗାଁକୁ ଝିଅ ଦେବା ପାଇଁ ରୋକ୍‌ଠୋକ୍ ମନା କରିଦେଉଛନ୍ତି ସେମାନେ। ବାରମ୍ବାର ଏଭଳି ନାସ୍ତିବାଣୀ ଶୁଣି ବାହା ହେବାକୁ ମନ ବି ମରିଗଲାଣି ବୋଲି କହିଲେଣି ଏଠାକାର କିଛି ଯୁବକ । ଆଜିର ଫାଇଭ-ଜି ଯୁଗରେ ଘାଇଁ ଘାଇଁ ଦୌଡ଼ୁଛି ଇଣ୍ଟରନେଟ୍, ଫୋନ୍ କଲ୍ ଭୁଲି ଭିଡିଓ କଲ୍‌ରେ ମାତୁଛନ୍ତି ଯୁବପିଢ଼ି। ହେଲେ ଏ ଗାଁର ଲୋକଙ୍କୁ ମୋବାଇଲ ନେଟୱର୍କ ପାଇଁ କେତେବେଳେ ଛାତ ଉପରେ ଚଢ଼ିବାକୁ ପଡୁଛି, କେତେବେଳେ ଗାଁଠୁ ଦୂରକୁ ଯିବାକୁ ପଡୁଛି। ସିଗ୍ନାଲର ଗୋଟିଏ କାଠି ଦିଶିଗଲେ କାହିଁରେ କେତେ । ଗାଁକୁ ପହଞ୍ଚିବାର ୮ କିଲୋମିଟର ଦୂରରୁ ମୋବାଇଲରୁ ଗାୟବ ହୋଇଯାଏ ନେଟୱର୍କ । ଏହି ସମସ୍ୟା ଯୋଗୁ କେବଳ ଖଜୁରିଡିହିର ୧୫ ଯୁବକ ନୁହଁନ୍ତି, ରଡାଖଣ୍ଡି ଓ ଅଁଳାଝରଣ ଭଳି ପ୍ରାୟ ୮ ଖଣ୍ଡ ଗାଁର ୧୦୦ରୁ ଅଧିକ ଯୁବକଙ୍କୁ ଅବିବାହିତ ରହିବାକୁ ପଡ଼ିଛି। ସରପଞ୍ଚ ଠାରୁ ଜିଲ୍ଲାପାଳ ଯାଏଁ, ସମସ୍ତଙ୍କୁ ବାରମ୍ବାର ଅଭିଯୋଗ ପରେ ବି ସମସ୍ୟାର ସମାଧାନ ହେଉନି। ଅନ୍ୟପଟେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି ପ୍ରାଥମିକ ପର୍ଯ୍ୟାୟରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୩୫ଟି ଟାୱାର ବସିଛି। ବାକି ଅଞ୍ଚଳରେ ଟାୱାର୍ ବସାଇବାକୁ ବିଏସ୍‌ଏନ୍‌ଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି । ଖୁବଶୀଘ୍ର ଏହି ସବୁ ଗାଁରେ ବି ମୋବାଇଲ ନେଟୱର୍କ ପହଞ୍ଚିବ। କେବେ ଏ ଗାଁକୁ ନେଟୱର୍କ ଆସୁଛି, ଅବିବାହିତ ଯୁବକଙ୍କ ଅପେକ୍ଷା ସରୁଛି, ତାହା ଦେଖିବାକୁ ବାକି ରହିଲା

## ଆଶ୍ରମ ବିଦ୍ୟାଳୟରେ ଗୁରୁଦିବସ ପାଳିତ



**ବୈଶିଙ୍ଗା,୫।୯ (ସଂଚାର ବ୍ୟୁରୋ):** ଆଜି ପବିତ୍ର ଗୁରୁ ଦିବସ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର ବର୍ଷୀୟାନ ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ସେନାପତିଙ୍କୁ ବିଦ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା ଏବଂ ଉତ୍ତରୀୟ, ପୁସ୍ତକ, ବ୍ରହ୍ମକମଳ ଚାରା ଆଦି ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କର ଗୁରୁ ବନ୍ଦନା ଗାନ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପ୍ରଧାନଶିକ୍ଷକ ଆମ ଭାରତୀୟ ସଂସ୍କୃତିର ଗୁରୁ-ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସେନାପତି ଗୁରୁମାନଙ୍କ ପ୍ରତି ସର୍ବଦା ଅତୁଟ ଭକ୍ତି, ସମ୍ମାନ କରିବାକୁ ପ୍ରେରଣାପ୍ରଦ ବାର୍ତ୍ତା ରଖିଥିଲେ। ଏହି ଅବସରରେ ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା। କରାଯାଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସହକର୍ମୀ ବୃନ୍ଦ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

## ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ



**ବଲାଙ୍ଗୀର,୫।୯ (ସଂଚାର ବ୍ୟୁରୋ):** ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ, ଏବଂ ବେଆଇନ ଶ୍ରମିକ ଚାଲାଣ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ, ସୁରକ୍ଷା ଓ ଆଇନଗତ ସୁବିଧା ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ଡା଼। ବିଜୟାନନ୍ଦ ସେଠୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ନିର୍ବାହୀ ଅଧିକାରୀ ତରଣୀ ସୁନା ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୃତ କୁମାର ପଣ୍ଡା ବୈଠକରେ ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ ସମସ୍ତଙ୍କୁ ସ୍ୱାଗତ କରି ୧୯୭୯ ମସିହାର ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିୟୋଜନ ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ଆଇନର ମୁଖ୍ୟ ଉଦ୍ଦେଶ୍ୟ ଓ ଆଲୋଚ୍ୟ ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଏହି ଆଇନର କଡ଼ାକଡ଼ି କାର୍ଯ୍ୟକାରିତା, ବେଆଇନ ଶ୍ରମିକ ଚାଲାଣକୁ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ମାଧ୍ୟମରେ ନିୟମିତ ଯାଞ୍ଚ ଓ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି।

## ବିଦ୍ୟାଳୟରେ ଶିକ୍ଷକ ବ୍ରହ୍ମାନନ୍ଦ ମହାପାତ୍ର ସମ୍ବର୍ଦ୍ଧିତ



**ବୈଶିଙ୍ଗା,୫।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଲଦଲି ପରିସରରେ ଶନିବାର ଦିନ (୫ ସେପ୍ଟେମ୍ବର) ପୂର୍ବାହ୍ନ ୧୧ ଘଟିକା ସମୟରେ ପବିତ୍ର ଗୁରୁଦିବସ ତଥା ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ତାଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନୀଳାଦ୍ରି ଶେଖର ରଣା ସୁଚାରୁରୂପେ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପିଲାମାନଙ୍କର ସୁମଧୁର ଗୁରୁବନ୍ଦନା ଗାନରେ ସଭାକାର୍ଯ୍ୟ ମୁଖରିତ ହୋଇପଡ଼ିଥିଲା। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାପାତ୍ର ନିଜର ସ୍ୱାଗତ ଅଭିଭାଷଣରେ ଗୁରୁଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିବା ସହିତ ପୁରାତନ ଯୁଗର ଗୁରୁ-ଶିଷ୍ୟ ସମ୍ପର୍କ ଓ ଆଧୁନିକ ଯୁଗର ଗୁରୁ-ଶିଷ୍ୟ ସମ୍ପର୍କର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦାସ ଏବଂ ଶିକ୍ଷକ ଅଭିଷେକ ମିସ୍ତ୍ରୀ ମଧ୍ୟ ନିଜର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ପିଲାମାନଙ୍କୁ ଉତ୍ସାହିତ ତଥା ମାର୍ଗଦର୍ଶନ କରିଥିଲେ।

## ଐତିହାସିକ ସୁଦାମ ପ୍ରତିଭାକୁ ସମ୍ମାନ ଦେଲେ ସୂ -ସାହିତ୍ୟିକ ଡ଼. ନୃପରାଜ ସାହୁ



**ସୁବର୍ଣ୍ଣପୁର,୫।୯ (ସଂଚାର ବ୍ୟୁରୋ):** ଘୋର ଆର୍ଥିକ ଅନାଟନ ଅସୁବିଧା ସତ୍ତ୍ୱେ ମଧ୍ୟ କମ ବୟସ ରୁ ଖୁବ୍ ସଂଘର୍ଷ କରି ନିଜର ସାରସ୍ୱତ ପ୍ରତିଭା କୁ ଜାଗ୍ରତ କରି ରଖିଥିବା ସୋନପୁର ର କଳା ସଂସ୍କୃତି ପ୍ରେମୀ, ଗବେଷକ ତଥା ଐତିହାସିକ, ବାଗ୍ମୀ ସୁଦାମ ନାଏକ ଙ୍କ ଅସ୍ଥାୟୀ ବାସଭବନ ରେ ପହଞ୍ଚିଲେ ସୁବର୍ଣ୍ଣପୁର ର ପ୍ରାକ୍ତନ ଜିଲ୍ଲାପାଳ ତଥା ସୂ -ସାହିତ୍ୟିକ ଡ଼. ନୃପରାଜ ସାହୁ। ସହର ର ବୁଦ୍ଧିଜୀବି ସାମ୍ବାଦିକ ସମାଜ ସେବୀ ଙ୍କ ଗହଣ ରେ ଦୀର୍ଘ ଘଣ୍ଟାଏ ସମୟ ଧରି ଶ୍ରୀ ନାଏକ ଓ ତାଙ୍କ ପରିବାର ସହ ଆଲୋଚନା କରି ତାଙ୍କୁ ପ୍ରୋତ୍ସାହିତ କଲେ। ଶ୍ରୀ ନାଏକ ଙ୍କୁ ଉପ ଢୌକନ କିଛି ଅଙ୍ଗ ବସ୍ତ୍ର ସହିତ ଜିଲ୍ଲାପାଳ ଡ଼ ସାହୁ ସମ୍ବର୍ଦ୍ଧିତ କରିଥିବା ବେଳେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଡ଼. ସାହୁ ଙ୍କ ଦ୍ୱାରା ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରା ଯାଇଛି। ଏତିକି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୋନପୁର ର ସାହିତ୍ୟ ସଂସ୍କୃତି କୁ ଉଜ୍ଜୀବିତ କରିବା ପ୍ରୟାସ ଜାରି ରଖି ଥିବା ଏହି ମହାନ ପ୍ରତିଭା ଶ୍ରୀ ନାଏକ ଙ୍କୁ ଆଗାମୀ ଦିନରେ ଆହୁରି ପ୍ରୋତ୍ସାହିତ କରିବା ର ଜିଲ୍ଲାପାଳ ଙ୍କ ଏହି ସାହସ ଦୃଢ଼ ପ୍ରତିଶ୍ରୁତି ଓ ପ୍ରୟାସ ପ୍ରଶଂସନୀୟ।

## କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ



**ବୈଶିଙ୍ଗା,୫।୯ (ସଂଚାର ବ୍ୟୁରୋ):** ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ନେତୃତ୍ୱ ରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ମିଶ୍ର ଯୋଗ ଦେଇ ଭାରତୀୟ ସଂସ୍କୃତି ରେ ଗୁରୁ - ଶିଷ୍ୟ ପରମ୍ପରା ର ଅନେକ ନଜିର ଦେବା ସହିତ ବର୍ତ୍ତମାନ ସମୟରେ ଶିକ୍ଷକ -ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ, ଶ୍ରଦ୍ଧା ଓ ସମ୍ମାନ ରହିଲେ ଶିକ୍ଷା ରେ ଅଗ୍ରଗତି ହେବ ବୋଲି ମତ ରଖିଥିଲେ। ଶିକ୍ଷକ ତୁଷାରକାନ୍ତ ପାତ୍ର, ଚନ୍ଦନ କୁମାର ଦାସ, ବିନ୍ନି ସଞ୍ଜୀବନ ବାରିକ, ରାଜନନ୍ଦିନୀ ପାତ୍ର, ସବିତା ବାରିକ, ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଢ଼ୀ ଓ ଛାତ୍ରଛାତ୍ରୀ ମାନେ ଗୁରୁଦିବସ ର ତାତ୍ପର୍ଯ୍ୟ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥି ଏବଂ ସମସ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ବନ୍ଧପାଲି ବିଦ୍ୟାଳୟରେ ଗୁରୁ ଦିବସ ପାଳିତ



**ସୁବର୍ଣ୍ଣପୁର,୫।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ, ବନ୍ଧପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଏସ.ରାମପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରାଣବନ୍ଧୁ ହୋତା ଶ୍ରେଷ୍ଠ ଗୁରୁ, ତଥା ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫୋଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଯୁଆଡ଼ି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗବତ ବିଭାର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପହିଲ ବୁଢ଼େକ, ବରପଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳଭଦ୍ର ବୁଢ଼େକ ପବିତ୍ର ଗୁରୁ ଦିବସ ବିଷୟରେ ତାଙ୍କର ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ, ବନ୍ଧପାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରମ ଚନ୍ଦ୍ର ବାରିକ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଥବିର ବୁଢ଼େକ, ଅଶ୍ୱିନୀ କୁମାର ବେହେରା, ହେମକାନ୍ତ ମେହେର, ପ୍ରସନ୍ନ କୁମାର ତାଣ୍ଡି, ଚିନ୍ମୟ କୁମାର ସାହୁ ଓ ଶିକ୍ଷୟିତ୍ରୀ ଦୀପ୍ତିମୟୀ ପଧାନ, ସାଗରିକା ଘିବିଲା ପ୍ରଭୃତି ପବିତ୍ର ଗୁରୁ ଦିବସର ସାରମର୍ମ ବାର୍ତ୍ତା ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ ଏହା ପରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା, ଶେଷରେ ଶିକ୍ଷକ ଅଶ୍ୱିନୀ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିନବ ଉପାୟରେ ମୋବାଇଲ ଦୋକାନରୁ ଟଙ୍କା ନେଇ ଛୁ ମାରିଲେ ଦୁର୍ବୃତ୍ତ

**କେନ୍ଦୁଝର,୫।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ସ୍ଥିତ ଟିକିରା ଆର ଏମ୍ ସି କମ୍ପ୍ଲେକ୍ସ ରେ ଦୋକାନ କରିଥିବା ସିପୁନ ମାଝି ଙ୍କ ମୋବାଇଲ ଆସେସିରିଜ୍ ଦୋକାନ ରୁ ଆଜି ଦୁଇ ଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍ ରେ ଆସି ଏକ ଫୋନ୍ ପେ କୁ ୭ ହଜାର ୫୦୦ ଟଙ୍କା ପଠାଇବା ପାଇଁ କହିଥିଲେ। ଏବଂ ଅମୀୟ ଲୋଚନ ବାରିକ ଙ୍କ ଆକାଉଂଟ କୁ ଦୋକାନୀ, ସିପୁନ ମାଝି ୭ ହଜାର ୫୦୦ ଟଙ୍କା ପଠାଇ ଥିଲେ। ପଲସର ବାଇକ୍ ରେ ଆସିଥିବା ଦୁର୍ବୃତ୍ତ ଦୁଇଜଣ ଟଙ୍କା ଦେଉଛୁ କହି ଦୋକାନ ସମ୍ମୁଖରେ କିଛି ସମୟ ବସିଥିଲେ। ଆଜି ଶନିବାର ହାଟ ଥିବାରୁ, ଦୋକାନ ରେ ଲୋକଙ୍କ ଗହଳି ର ସୁଯୋଗ ଦେଖି ଦୁର୍ବୃତ୍ତ ଦୁଇଜଣ ଖସି ପଳାଇ ଯାଇଥିଲେ। ଯାହା ତାଙ୍କ ସିସିଟିଭି କ୍ୟାମେରା ରେ କଏଦ୍ ହୋଇଛି। ଏହାକୁ ନେଇ ସିପୁନ ମାଝି ଘଟଗାଁ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ଏକବିଂଶତମ ଗୁରୁଦିବସ ପାଳନ

**ବେତନଟୀ,୫।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ଧର୍ମଶାଳା ମଣ୍ଡପରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ସ୍ମୃତି କମିଟି ତରଫରୁ ୨୧ତମ ଗୁରୁଦିବସ ପାଳନ କରାଯାଇଅଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁପୂଜନ ଅନୁଷ୍ଠାନ ତରଫରୁ ବଡସାହି ଓ ବେତନଟୀ ବ୍ଲକର ୧୧୭ ଜଣ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଉକ୍ତ ଦିବସଟିକୁ ମହା ସମାରୋହରେ ପାଳନ କରାଯାଇଥିଲା।



ଏଥିରେ ସ୍ୱର୍ଗତ ନାଏକଙ୍କ ଧର୍ମପତ୍ନୀ ସୁବାସିନୀ ନାଏକ ଅଧ୍ୟକ୍ଷତା କରିଥିଲେ। ମଞ୍ଚାସୀନ ଗୁରୁପୂଜନ କମିଟିର ସଭାପତି ପ୍ରକାଶ ବେହେରା, ମୁଖ୍ୟବକ୍ତା। ଶ୍ରୀମା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ଶ୍ୟାମସୁନ୍ଦର ଦାସ, ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଶିକ୍ଷାମଣ୍ଡଳାଧୀଶ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପ୍ରମୁଖ ସ୍ୱର୍ଗତ ନାଏକ ଙ୍କ ସ୍ମୃତିଚାରଣ ସହ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ମୂଲ୍ୟବାନ ବ୍ୟକ୍ତବ୍ୟ ରଖିଥିଲେ। ଦୀର୍ଘ ୨୧ ବର୍ଷ ଧରି ଚାଲିଥିବା ଏଭଳି ଉଦ୍ୟମକୁ ଅତିଥିଗଣ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସେଠୀ, ଆଗାମୀ ବର୍ଷ ଏହି ଦିନରେ ସମସ୍ତେ ଗଛଟିଏ ଲଗାଇବାକୁ ଆହ୍ୱାନ ଦେଇଥିଲେ।

## ଗୁରୁଦିବସରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

**ଦିଗପହଣ୍ଡି,୫।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ପୁଞ୍ଜିକଂୟା ଛକ ସ୍ଥିତ ନନ୍ଦିଘୋଷ କଲ୍ୟାଣ ମଣ୍ଡପ ସଭାଗୃହରେ ସ୍ଥାନୀୟ ଗଣ ଅଧିକାର ଓ ଆଇନ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁ ଦିବସ ଅବସରରେ 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ସମ୍ପର୍କିତ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଗଣ ଅଧିକାର ଓ ଆଇନ ସୁରକ୍ଷା ମଞ୍ଚର ପ୍ରମୁଖ କାର୍ଯ୍ୟକର୍ତ୍ତା କୁରେଶୁ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ କବି ବୃନ୍ଦାବନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସଭାରେ ନୂଆପଡ଼ା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ଶଙ୍କର ପ୍ରସାଦ ପଣ୍ଡା, ଗୋପାଳପୁର କଲେଜର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ଼. ରାଜେନ୍ଦ୍ର କୁମାର ମହାପାତ୍ର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲିଙ୍ଗରାଜ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପାଢ଼ୀ ମଞ୍ଚାସିନ ଥିଲେ। ଅତୀତର ଗୁରୁ ଶିଷ୍ୟ ପରମ୍ପରା ବର୍ତ୍ତମାନର ଗୁରୁ ଶିଷ୍ୟର ସମ୍ପର୍କ ମଧ୍ୟରେ ବହୁ ପାର୍ଥକ୍ୟ ରହି ଆସିଥିବା ଅତିଥିବୃନ୍ଦ ମତପୋଷଣ କରିଥିଲେ। ଦିଗପହଣ୍ଡି ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପାଢ଼ୀ, ପଦ୍ମ ଚରଣ ମେକାପ, ରମେଶ ଚନ୍ଦ୍ର ପାଢ଼ୀ, ସୁବାସ ଚନ୍ଦ୍ର ଚୌଧୁରୀ, ସିମାଞ୍ଚଳ ପାଠୀଙ୍କ ସମେତ ଶିକ୍ଷୟିତ୍ରୀ ନନ୍ଦିନୀ କୁମାରୀ ପଟ୍ଟନାୟକଙ୍କୁ ସେମାନଙ୍କ ଜୀବନବ୍ୟାପୀ ସାଧନା ଓ ସହସ୍ରାଧିକ ଛାତ୍ରୀଛାତ୍ର ମାନଙ୍କୁ ଶିକ୍ଷାଦାନ କରିଥିବାରୁ ସେମାନଙ୍କୁ ସମ୍ମାନପତ୍ର ସହ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଆଇନଜୀବୀ ପି.ଶିବଶଙ୍କର,ଅବସରପ୍ରାପ୍ତ କର୍ମଚାରୀ ସଂଘ ର ସମ୍ପାଦକ କେ.ନାଗେଶ୍ୱର ରାଓ, ଶିକ୍ଷୟତ୍ରୀ ଯାଜ୍ଞସେନୀ ରଥ, ସେଚ୍ଛାସେବୀ ଅଭିମନ୍ୟୁ ପାତ୍ର ପ୍ରମୁଖ ବହୁ ସଂଖ୍ୟକ ଗନ୍ୟମାନ୍ୟ ବ୍ୟକ୍ତି ବୃନ୍ଦ ଉପସ୍ଥିତ ଥିଲେ।

## ଶିକ୍ଷକ ଦିବସରେ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷକ-ଶିକ୍ଷୟିତ୍ରୀ ସମ୍ମାନିତ

**ମାଲକାନଗିରି,୫।୯ (ସଂଚାର ବ୍ୟୁରୋ):** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମାଲକାନଗିରି ଆନୁକୂଲ୍ୟରେ ଆଜି ଜିଲ୍ଲାସ୍ତରୀୟ ଶିକ୍ଷକ ଦିବସ ସମ୍ମାନ ସମାରୋହ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଡଃ. ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ, ମାଲକାନଗିରି ଯୋଗଦେଇ କହିଥିଲେ ଯେ, ଶିକ୍ଷକ ହିଁ ସମାଜର ମେରୁଦଣ୍ଡ। ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଶିକ୍ଷକମାନେ ଯେଉଁ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ। ଏତଦ୍ ବ୍ୟତୀତ ଏହି ସମାରୋହରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ, ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ପିଏମ୍ ଶ୍ରୀ ସିନ୍ଧ୍ରିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗଦେଇ ନିଜ ଅଭିଭାଷଣରେ ଶିକ୍ଷାର୍ଥୀଙ୍କ ନିର୍ମାଣରେ ଶିକ୍ଷକମାନଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ତରଫରୁ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଉତରୀୟ, ଉପଢୌକନ ଓ ସ୍ମୃତି ଚିହ୍ନ ପ୍ରଦାନ କରାଯାଇ ସମ୍ମାନିତ କରଯାଇଥିଲା। ଶେଷରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ



**ବଲାଙ୍ଗିର,୫।୯ (ସଂଚାର ବ୍ୟୁରୋ):** ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଖେଳ ୮ ଟି ପଡ଼ିଆରେ ହୋଇଯାଇଛି। ଚୁଡାପାଲି ହାଇସ୍କୁଲ ପଡ଼ିଆରେ ନକଟାସର ୩-୦ ଗୋଲରେ ଲରମ୍ବା କୁ ହରାଇ ବିଜୟୀ ହେଲା। ଅତିଥି ଭାବେ କ୍ରୀଡା ସଂସଦର କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ପୂର୍ବତନ ଖେଳାଳି ଲୋକନାଥ କୁମୁରା ଓ ନିଳମଣି ଦଣ୍ଡସେନା ଯୋଗ ଦେଇଥିଲେ। ଟିଟିଲାଗଡ଼ ସିଟି ସ୍କୁଲ ପଡ଼ିଆରେ ଖଜୁରପଡ଼ା ୩-୦ ଗୋଲରେ ଏନ୍‌ଓ୍ୱାଇଏସ୍ ଟିଟିଲାଗଡ଼ କୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ, ପୂର୍ବତନ ଖେଳାଳି ମଧୁ ମହାଲିଙ୍ଗ ଓ କାଳିପ୍ରସାଦ ମୁଖାର୍ଜୀ ଯୋଗ ଦେଇଥିଲେ। ଖୁଜେନପାଲି ପଡ଼ିଆରେ ବ୍ଲୁ ମାଉଣ୍ଟେନ ୬-୧ ଗୋଲରେ ଖୁଜେନପାଲି କୁ ହରାଇଲା। ଅତିଥି ଭାବେ ବଲାଙ୍ଗିର ବ୍ଲକ ଏମ୍‌ପି ନୋମିନି ପୁରୁଷୋତ୍ତମ ସାହୁ, କ୍ରିଡା ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ଯୋଗ ଦେଇଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୂତନ କାର୍ଯ୍ୟାଳୟ ପାଇଁ ଭୂମିପୂଜନ

**ଝାରସୁଗୁଡ଼ା,୫।୯ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଶନିବାର ବେହେରାମାଲ ୟୁନିଟ୍-୨ସ୍ଥିତ ଏମ୍ସିଏଲ୍ ଅଡିଟୋରିୟମ ନିକଟରେ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଉପସ୍ଥିତିରେ ଏହି ଭୂମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ବନ୍ୟପ୍ରାଣୀ ଓ୍ୱାର୍ଡେନ୍ ପ୍ରହଲ୍ଲାଦ ନାୟକ, ପରିବେଶ ବିଜ୍ଞାନୀ ଅନୁଷା ଏକ୍କାଙ୍କ ସମେତ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ସୂଚନା ଅନୁସାରେ, ପ୍ରାୟ ୧ ଏକର ପରିମିତ ଜମିରେ ଏହି ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯିବ।

## ଭାରସାମ୍ୟ ହରାଇ ଓଲଟିପଡ଼ିଲା ସ୍କୋର୍ପିଓ



**ବୈଶିଙ୍ଗା,୫।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ର ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥ ଅଧୀନ ପଦ୍ମନାଭପୁର ଟୋଲ ଗେଟ ନିକଟରେ ଶନିବାର ଅପରାହ୍ନ ସମୟରେ ଗୋଟିଏ ସ୍କୋର୍ପିଓ ଭାରସାମ୍ୟ ହରାଇ ଡିଭାଇଡର କୁ ପିଟି ହୋଇ ଓଲଟିପଡ଼ିଲା। ପ୍ରାପ୍ତ ସୂଚନା ମୁତାବକ ଓଡି୩୫ଏଚ ୫୭୧୪ ବିଶିଷ୍ଟ ଏକ କଳା ରଙ୍ଗର ସ୍କୋର୍ପିଓ ଯୋଗେ ବାଲେଶ୍ୱରରୁ ବାରିପଦା ଅଭିମୂଖେ ଆସୁଥିଲା। ଠିକ ସେହି ସମୟରେ ଗାଡିଟି ଦ୍ରୁତ ଗତିରେ ଯାଉଥିବା ବେଳେ ପଦ୍ମନାଭପୁର ଟୋଲ ଗେଟ ନିକଟରେ ଥିବା ଡିଭାଇଡର କୁ ପିଟି ହୋଇ ଓଲଟି ପଡ଼ିବା ସହ କିଛି ବାଟ ଧରି ଘୋଷାଡି ହୋଇ ପଡ଼ିଥିଲା। ଏହି ଗାଡ଼ି ଭିତରେ ଡ୍ରାଇଭର ସମେତ ଅନ୍ୟ ଜଣେ ଯୁବକ ବସିଥିଲେ, ଦୁର୍ଘଟଣା ପରେ ମଧ୍ୟ ସେମାନେ ଦୁଇଜଣ ସାମନ୍ୟ ଆହତ ହୋଇଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ଅନ୍ୟ କାହାରି କ୍ଷୟକ୍ଷତି ହୋଇନଥିବା ଜଣାଯାଇଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇ ଆଇ ସି ବାବାଶଙ୍କର ସରାଫ ପ୍ରକାଶ କରିଛନ୍ତି।

## ଦେଶୀ ମଦ ଚାଲାଣ ବେଳେ ଚଢଉ, ୨ ଗିରଫ



**ଜୟପୁର,୫।୯ (ସଂଚାର ବ୍ୟୁରୋ):** ଜୟପୁର ଦେଶି ମଦ ଚାଲାଣ ବେଳେ କୋରାପୁଟ ଜିଲା ଜୟପୁର ଅବକାରି ଥାନା ଆଜି ପାଞ୍ଜିଆଗୁଡା ଓ ତେଲିଗୁଡାରେ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ କଳାଗୁଡାର ଆକାଶ କନ୍ଦପାନ ଓ ନିଳାଗୁଡାର ସଦାଶିବ ଦୁରୁଆ। ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇଥିଲା। ତେଲିଗୁଡାରେ ଚଢଉ କରି ୫୦ ଲିଟର ଦେଶି ମଦ ସହ ବାଇକ କୁ ଜବତ କରିଛି। ସେହିପରି ପାଞ୍ଜିଆଗୁଡାରେ ଚଢଉ କରି ୧୮ ଲିଟର ଦେଶି ମଦ ସହ ବାଇକ କୁ ଜବତ କରିଛି। ଗିରଫ ଅଭିଯୁକ୍ତ ମାନେ ବାଇକ ରେ ନିଳାଗୁଡା ଓ କଳାଗୁଡାରୁ ଜୟପୁର ସହରକୁ ଚାଲାଣ କରୁଥିବା ଅବକାରି ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

## ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷରଃ ଉଲ୍ଲାସ ଅଭିଯାନ ଶୁଭାରମ୍ଭ



**ଛତ୍ରପୁର,୫।୯ (ସଂଚାର ବ୍ୟୁରୋ):** ନିରକ୍ଷରଙ୍କୁ ସାକ୍ଷର କରିବା ଓ ଜୀବନବ୍ୟାପୀ ଶିକ୍ଷା ପ୍ରତି ଲୋକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଗଞ୍ଜାମ ଜିଲାରେ 'ଉଲ୍ଲାସ' ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ଶନିବାର ଛତ୍ରପୁରସ୍ଥିତ ପିଏମ୍‌ଶ୍ରୀ ଅନସ୍ଲୋ ଉଚ୍ଚ ବିଦ୍ୟାଳୟ ପରିସରରୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପତାକା ଦେଖାଇ ସଚେତନତା ଯାନର ଶୁଭାରମ୍ଭ କରିଥିଲେ। ଏହି ଯାନ ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ପରିକ୍ରମା କରି ସାକ୍ଷରତା ଓ 'ଉଲ୍ଲାସ' କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। 'ଉଲ୍ଲାସ' ଅଭିଯାନ ମାଧ୍ୟମରେ ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ସହ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଜୀବନବ୍ୟାପୀ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ଏହି ଅବସରରେ ଜିଲାଓ ବ୍ଲକସ୍ତରୀୟ ଶିକ୍ଷା ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନେପାଳ ବନ୍ୟା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି, ପୀଡ଼ିତଙ୍କ ପାଇଁ ୫୧ ହଜାର ଟଙ୍କା ସହାୟତା

**ଝାରସୁଗୁଡ଼ା,୫।୯ (ସଂଚାର ବ୍ୟୁରୋ):** ନେପାଳରେ ଘଟିଥିବା ବନ୍ୟା ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପୀଡ଼ିତଙ୍କ ସହାୟତା ପାଇଁ ଆଗେଇ ଆସିଛି ରୋଟାରୀ କ୍ଲବ୍ ଅଫ୍ ଝାରସୁଗୁଡ଼ା। ଏନେଇ ଟାଉନ୍ ଥାନା ନିକଟରେ କ୍ଲବ୍ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। କ୍ଲବ୍ ସଭାପତି ନବୀନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମହମବତୀ ଜଳାଇ ନେପାଳ ବନ୍ୟାରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ରୋଟାରୀ କ୍ଲବ୍ ପକ୍ଷରୁ ୫୧ ହଜାର ଟଙ୍କାର ଚେକ୍ ନେପାଳ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡକୁ ପ୍ରଦାନ କରାଯାଇଥିଲା। ସଭାରେ କ୍ଲବ୍ ସମ୍ପାଦକ ସୁଶୀଲ ମୁଦ୍ରା, କୋଷାଧ୍ୟକ୍ଷ ରବି ଅଗ୍ରଓ୍ୱାଲ, ପ୍ରୋଜେକ୍ଟ ଡାଇରେକ୍ଟର ରାକେଶ ଅଗ୍ରଓ୍ୱାଲ, ରାକେଶ ସା, ମନିଷ ସା, ବିକାଶ ବଧାନ, ଅଶୋକ କେଡିଆ, ସୁନୀଲ କେଡିଆ, ନୀରବ ଆଥା, ରଞ୍ଜିତ ଚୌଧୁରୀ, ଅଶୋକ ଗାନ୍ଧୀ, ଚୁନ୍ନି କକାନି ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ପୁଲିସ୍ ଅଧିକାରୀ ଓ ସିପାହୀଙ୍କ ସମେତ ସହରର ବହୁ ଲୋକ ଉପସ୍ଥିତ ରହି ନେପାଳ ବନ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶୋକ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।